ଆଜି - ବୁଧବାର
ତାରିଖ - ୨୭ ମଇ ୨୦୨୬
ମାସ - ବୃଷ, ଦିନ - ୧୩
ତିଥି - ଏକାଦଶୀ ମଳ , ପକ୍ଷ- ଶୁକ୍ଳ
ନକ୍ଷତ୍ର - ହସ୍ତା ମଳ, କନ୍ୟା ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୧୧: ୦୦
ସୂର୍ଯ୍ୟାସ୍ତ - ୬ : ୧୭ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

E-News : www.Ajikali epaper.com

Vol.- 41 ISSUE- 43 R.N.I. REGD. No. 44026/86 ବାଲେଶ୍ୱର ୨୭ ମଇ ୨୦୨୬ ବୁଧବାର BALASORE 27 MAY 2026 WEDNESDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


"ପ୍ରତ୍ୟେକ ଲୋକର ଆବଶ୍ୟକତାକୁ ମେଂଟାଇବା ପାଇଁ ପୃଥିବୀ ସବୁକିଛି ଯୋଗାଇ ଦେଇଥାଏ; କିନ୍ତୁ ଲୋଭକୁ ମେଂଟାଇବା ପାଇଁ ନୁହେଁ । "

- ମହାତ୍ମା ଗାନ୍ଧୀ

## ପ୍ରକୃତ ଜ୍ଞାନ ମାନବ କଲ୍ୟାଣ ପାଇଁ ପଥ ପରିଷ୍କାର କରିଥାଏ : ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ସକାଳେ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ଜ୍ଞାନ-କେନ୍ଦ୍ରିତ ସୁଭାଷିତମ୍ (ଭିଡିଓ ବାର୍ତ୍ତା) ସେୟାର କରିଛନ୍ତି । ଏହା ମାଧ୍ୟମରେ ସେ ଦେଶ ଏବଂ ସମାଜକୁ ପ୍ରକୃତ ଜ୍ଞାନର ଗୁରୁତ୍ୱ ବିଷୟରେ ବୁଝାଇଥିଲେ । ସେ ଲେଖିଛନ୍ତି, 'ପ୍ରକୃତ ଜ୍ଞାନ ଦେଶ, ସମାଜ ଏବଂ ସମଗ୍ର ମାନବତାର କଲ୍ୟାଣ ପାଇଁ ପଥ ପରିଷ୍କାର କରିଥାଏ । ତେଣୁ ଆମର ଜ୍ଞାନ ଏବଂ ଆମର କାର୍ଯ୍ୟ ସମଗ୍ର ମାନବଜାତି ପାଇଁ ଏକ ପ୍ରେରଣା ହେବା ଆବଶ୍ୟକ ପ୍ରଧାନମନ୍ତ୍ରୀଙ୍କ ଏକ୍ସ ହ୍ୟାଣ୍ଡେଲରେ ସାଧାରଣ ଅଭିବ୍ୟକ୍ତି ହେଉଛି : ଆତ୍ମନ୍ ଶୁଦ୍ଧ: ସଦା ନିତ୍ୟ: ସୁଖରୌପା: ସ୍ୱୟମ୍ ପ୍ରଭା । ଅଜ୍ଞାନତା ଜ୍ଞାନ ଭଳି ଗୁରୁତ୍ୱପୂର୍ଣ୍ଣ । ସେ ଏହି ପଦ ପଛରେ ଥିବା ଭାବପ୍ରବଣତାର ସାରକୁ ବ୍ୟାଖ୍ୟା କରନ୍ତି ଏବଂ ସମସ୍ତ ମାନବତାର କଲ୍ୟାଣ ପାଇଁ ଆହ୍ୱାନ କରି କହିଛନ୍ତି ଯେ ଜ୍ଞାନ ଏବଂ କାର୍ଯ୍ୟ ପରସ୍ପରର ପରିପୂରକ ।ସୁଭସିତମର ଅର୍ଥ ହେଉଛି ଆତ୍ମା ସ୍ୱଭାବତ: ଶୁଦ୍ଧ । ଏହା ସବୁବେଳେ ରହିଥାଏ । ଏହା ଆନନ୍ଦଦାୟକ । ସ୍ୱୟଂ ପ୍ରକାଶିତ । ଅଜ୍ଞାନତା କାରଣରୁ ଏହା ଅପବିତ୍ର କିମ୍ବା ସୀମିତ ମନେହୁଏ । ଜ୍ଞାନ ପ୍ରାପ୍ତ ହେବା ମାତ୍ରେ, ଏହା ପୁଣି ଶୁଦ୍ଧ ରୂପରେ ପ୍ରକାଶିତ ହୁଏ । ଏହି ପଦରେ ଥିବା ପ୍ରତ୍ୟେକ ଶବ୍ଦର ଗଭୀର ଅର୍ଥ ରହିଛି । ଠିକ୍ ଯେପରି ଶୁଦ୍ଧ: ଅର୍ଥାତ୍-ଏହା ସ୍ୱଭାବତ: ଶୁଦ୍ଧ ଏବଂ ନିର୍ଦ୍ଦୋଷ । ସଦା ନିତ୍ୟ: ଅର୍ଥାତ୍ ଏହା ଚିରନ୍ତନ । ଆଜର-ଅମର ।

## ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ଓ ରାଷ୍ଟ୍ରୀୟ ସଭାପତିଙ୍କ ଉପସ୍ଥିତିରେ ବିଜେପିରେ ସାମିଲ ହେଲେ ଦେବାଶିଷ ସାମନ୍ତରାୟ



ଭୁବନେଶ୍ୱର : ଭାଜପାରେ ଆନୁଷ୍ଠାନିକ ଭାବେ ଯୋଗଦାନ ପରେ ଦେବାଶିଷ ସାମନ୍ତରାୟ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନଙ୍କୁ ଭେଟିଛନ୍ତି । ସୂଚନା ଅନୁସାରେ, ଦେବାଶିଷ ସାମନ୍ତରାୟ ଭାଜପାରେ ଯୋଗଦାନ ପରେ ଆଲୋଚନା କରିବା ପାଇଁ ନୀତିନ ନବୀନଙ୍କୁ ସାକ୍ଷାତ କରିଥିଲେ । ଏହି ସାକ୍ଷାତକାର ସମୟରେ ରାଜ୍ୟର ରାଜନୈତିକ ପରିସ୍ଥିତି ଓ ଦଳୀୟ କାର୍ଯ୍ୟକ୍ରମ ନେଇ ଆଲୋଚନା ହୋଇଥିବା ଜଣାପଡ଼ିଛି ।ଏହି ସମୟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମଧ୍ୟ ଉପସ୍ଥିତ ଥିଲେ । ତାଙ୍କ ସାମ୍ନାରେ ଦେବାଶିଷ ସାମନ୍ତରାୟ ଦଳର ଲକ୍ଷ୍ୟ ଓ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ । ଭାଜପାରେ ନୂତନ ଭାବେ ଯୋଗଦେଇଥିବା ଦେବାଶିଷ ସାମନ୍ତରାୟ ଆଗାମୀ ଦିନରେ ଦଳକୁ ସୁଦୃଢ଼ କରିବା ସହ ଓଡ଼ିଶାରେ ସଂଗଠନକୁ ଆହୁରି ମଜଭୁତ କରିବାରେ କାମ କରିବେ ବୋଲି ସୂଚନା ମିଳିଛି । ଭାଜପାରେ ଆନୁଷ୍ଠାନିକ ଭାବେ ଯୋଗଦାନ କରିବା ପରେ ଦେବାଶିଷ ସାମନ୍ତରାୟ ନିଜର ପ୍ରଥମ ପ୍ରତିକ୍ରିୟା ଦେଇଛନ୍ତି । ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିତ୍ୱ ଓ କାର୍ଯ୍ୟଶୈଳୀରେ ପ୍ରଭାବିତ ହୋଇ ସେ ଭାଜପାରେ ଯୋଗ ଦେବାକୁ ସିଦ୍ଧାନ୍ତ ନେଇଥିଲେ । ଏହା ସହ ସେ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶ ସହିତ ଓଡ଼ିଶା ମଧ୍ୟ ବିକାଶର ପଥରେ ଆଗକୁ ବଢୁଛି । ଏହି ଭିଜନର ଅଂଶୀଦାର ହେବା ପାଇଁ ସେ ଭାଜପାକୁ ଚୟନ କରିଛନ୍ତି ।ସେ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇ କହିଛନ୍ତି ଯେ, "ଗୁଣ୍ଡୁଚି ମୂଷା" ଭଳି ଛୋଟ ଭାବରେ ହେଉଥିଲେ ମଧ୍ୟ ଦେଶ ଓ ରାଜ୍ୟର ଉନ୍ନତିରେ ସହଯୋଗ କରିବା ପାଇଁ ସୁଯୋଗ ମିଳିଥିବାରୁ ସେ କୃତଜ୍ଞ ।

## ଜନସାଂଖ୍ୟିକୀୟ ପରିବର୍ତ୍ତନ ଦେଶ ପାଇଁ ଏକ ପ୍ରମୁଖ ଆହ୍ୱାନ : ଅମିତ ଶାହା



ନୂଆଦିଲ୍ଲୀ : ଅସ୍ୱାଭାବିକ ଜନସାଂଖ୍ୟିକୀୟ ପରିବର୍ତ୍ତନ ଏବଂ ବେଆଇନ ଅନୁପ୍ରବେଶର ଅଧ୍ୟୟନ ପାଇଁ କେନ୍ଦ୍ର ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି । ଅବସରପ୍ରାପ୍ତ ବିଚାରପତି ପ୍ରକାଶ ପ୍ରଭାକର ନାଓଲେକରଙ୍କ ନେତୃତ୍ୱରେ ଗଠିତ ଏହି କମିଟି ଜାତୀୟ ସୁରକ୍ଷା ଏବଂ ସାମାଜିକ ପ୍ରଭାବକୁ ମୂଲ୍ୟାଙ୍କନ କରିବ । ମଙ୍ଗଳବାର ଦିନ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏ ସମ୍ପର୍କରେ ଘୋଷଣା କରି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି ଯେ ଅନୁପ୍ରବେଶ ଏବଂ ଅନ୍ୟାନ୍ୟ କାରଣରୁ ଅସ୍ୱାଭାବିକ ଜନସାଂଖ୍ୟିକୀୟ ପରିବର୍ତ୍ତନ ଦେଶର ବର୍ତ୍ତମାନ ଏବଂ ଭବିଷ୍ୟତ ପାଇଁ ଏକ ପ୍ରମୁଖ ଆହ୍ୱାନ । ଏହାର ମୁକାବିଲା ପାଇଁ କେନ୍ଦ୍ର ସରକାର 'ଜନସାଂଖ୍ୟିକୀୟ ପରିବର୍ତ୍ତନ ଉପରେ ଏକ ଉଚ୍ଚସ୍ତରୀୟ କମିଟି 'ଗଠନ କରିଛନ୍ତି । ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୨୫ ଅଗଷ୍ଟ ୧୫ ତାରିଖ ଦିନ ଏହି ଉଚ୍ଚସ୍ତରୀୟ କମିଟି ଗଠନ କରିବାକୁ ଘୋଷଣା କରିଥିଲେ । ଅବସରପ୍ରାପ୍ତ ବିଚାରପତି ପ୍ରକାଶ ପ୍ରଭାକର ନାଓଲେକରଙ୍କ ନେତୃତ୍ୱରେ ଗଠିତ ଏହି କମିଟିରେ ଦୁର୍ଗା ଶଙ୍କର ମିଶ୍ର (ଅବସରପ୍ରାପ୍ତ ଆଇଏଏସ୍), ବାଲାଜୀ ଶ୍ରୀବାସ୍ତବ (ଅବସରପ୍ରାପ୍ତ ଆଇପିଏସ୍) ଏବଂ ଡକ୍ଟର ଶାମିକା ରବି ସଦସ୍ୟ ଭାବେ ରହିବେ । ଗୃହ ମନ୍ତ୍ରଣାଳୟର ଯୁଗ୍ମ ସଚିବ (ଫରେନର୍ସ-୧) କମିଟିର ସଦସ୍ୟ ସଚିବ ଭାବେ କାର୍ଯ୍ୟ କରିବେ । ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି ଯେ ଜନସଂଖ୍ୟାଗତ ପରିବର୍ତ୍ତନ ହେଉଛି ଜାତୀୟ ସାର୍ବଭୌମତ୍ୱ, ଜାତୀୟ ସୁରକ୍ଷା, ଆଇନ ଶୃଙ୍ଖଳା, ସାମାଜିକ ଢାଂଚା ଏବଂ ଆଦିବାସୀ ସମାଜର ସୁରକ୍ଷା ସହ ଜଡ଼ିତ ଏକ ଗମ୍ଭୀର ସମସ୍ୟା । ବେଆଇନ ସ୍ଥାନାନ୍ତରଣ ଏବଂ ଅନ୍ୟାନ୍ୟ ଅସ୍ୱାଭାବିକ କାରଣରୁ ସାରା ଦେଶରେ ଘଟୁଥିବା ଜନସଂଖ୍ୟା ପରିବର୍ତ୍ତନର ବିସ୍ତୃତ ଆକଳନ ଏହି କମିଟି କରିବ ।

## ଅଳ୍ପରେ ଖବର

» ରାଜ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ରାଜସ୍ୱ ମନ୍ତ୍ରୀ ବଡ଼ ସୂଚନା ଦେଇଛନ୍ତି । କୌଣସି ମୁହୂର୍ତ୍ତରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରେ ବୋଲି ସେ କହିଛନ୍ତି ।

» ଆସନ୍ତା ଜୁନ୍ ୧ରୁ ଯୁକ୍ତ ଦୁଇ ମାର୍କ ରି-ଚେକିଂ ଆବେଦନ ଆରମ୍ଭ ହେବ । ଯୁକ୍ତ ୨ ବିଜ୍ଞାନ, ବାଣିଜ୍ୟ, କଳା ଓ ଭୋକେସନାଲ୍ ଷ୍ଟ୍ରିମ୍ ପାଇଁ ରି-ଚେକିଂ ଓ ରି-ଆଡିସନ୍ ପାଇଁ ଜୁନ୍ ୧ରୁ ଜୁନ୍ ୧୨ ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଆବେଦନ କରିପାରିବେ ।

» ମହାକାଶ ଗବେଷଣା ଓ ଗ୍ରହ ନକ୍ଷତ୍ର ମାନଙ୍କ ଉପସ୍ଥିତି ଏବଂ ଗତିବିଧି ସମ୍ପର୍କରେ ପ୍ରତ୍ୟକ୍ଷ ଜ୍ଞାନ ହାସଲ କରିବା ନିଶ୍ଚିତ ଭାବେ ଏକ ସୁଯୋଗ ।ଏହି ସୁଯୋଗକୁ ସଫଳ ରୂପାୟନ ପାଇଁ ଆଜି ରାଜ୍ୟର ୩୦ ଜଣ ଛାତ୍ରଛାତ୍ରୀ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ଭାରତୀୟ ମହାକାଶ ଗବେଷଣା ସଂସ୍ଥା ର ସତୀଶ ଧାୱନ ମହାକେଶ କେନ୍ଦ୍ରକୁ ଶିକ୍ଷାଭିତିକ ଗସ୍ତ କରିଛନ୍ତି ।

» ଉପମୁଖ୍ୟମନ୍ତ୍ରୀ ଭୁବନେଶ୍ୱରସ୍ଥିତ ପର୍ଯ୍ୟଟନ ଭବନର ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକର ଅଧ୍ୟକ୍ଷତା କରିଛନ୍ତି ।

## କ୍ୱାଡ୍ ବୈଦେଶିକ ମନ୍ତ୍ରୀଙ୍କ ବୈଠକରେ ପ୍ରମୁଖ ରାଜିନାମା ସ୍ୱାକ୍ଷରିତ



ନୂଆଦିଲ୍ଲୀ : ଅଷ୍ଟ୍ରେଲିଆ, ଆମେରିକା, ଜାପାନ ଏବଂ ଭାରତର ଚତୁର୍ଭୁଜ ରଣନୈତିକ ମେଂଟ ର ବୈଦେଶିକ ମନ୍ତ୍ରୀମାନେ ଆଜି ଏଠାରେ ଅନୁଷ୍ଠିତ ବୈଠକରେ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଂଚଳରେ ସାମୁଦ୍ରିକ ତଦାରଖ, ଶକ୍ତି ସୁରକ୍ଷା ଏବଂ ବିରଳ ଖଣିଜ ଖନନ, ବିଶୋଧନ ଏବଂ ଯୋଗାଣ ଶୃଙ୍ଖଳା ଉପରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇଛନ୍ତି । ମଙ୍ଗଳବାର ଦିନ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କ ଦ୍ୱାରା ଆୟୋଜିତ 'କ୍ୱାଡ୍' ଦେଶଗୁଡ଼ିକର ବୈଦେଶିକ ମନ୍ତ୍ରୀଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ଅର୍ଥପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓ, ଅଷ୍ଟ୍ରେଲିଆ ବୈଦେଶିକ ମନ୍ତ୍ରୀ ପେନି ୱଙ୍ଗ୍, ଜାପାନ ବୈଦେଶିକ ମନ୍ତ୍ରୀ ତୋଶିମିତ୍ସୁ ମୋତେଗି ଅଂଶଗ୍ରହଣ କରିଥିଲେ । ଏହି ବୈଠକରେ ତିନୋଟି ପଦକ୍ଷେପ ତଥା କ୍ୱାଡ୍ ପଦକ୍ଷେପ ଉପରେ ହୋଇଥିବା ଅଗ୍ରଗତିର ବିସ୍ତୃତ ସମୀକ୍ଷା କରାଯାଇଥିଲା, ପ୍ରାଥମିକତା କ୍ଷେତ୍ରରେ ସହଯୋଗ ବୃଦ୍ଧି ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଂଚଳର ବିକାଶ ସମେତ ପାରସ୍ପରିକ ସ୍ୱାର୍ଥର ଅନ୍ୟାନ୍ୟ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ମତ ବିନିମୟ କରାଯାଇଥିଲା । ବୈଠକ ପରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଜୟଶଙ୍କର ଏହି ରଣନୈତିକ ବୈଠକର ଫଳାଫଳ ସେୟାର୍ କରିଥିଲେ ଏବଂ କହିଥିଲେ ଯେ, ଆଜିର ବିଶ୍ୱରେ ଆମର ପାରସ୍ପରିକ ସହଯୋଗ କେତେ ନିକଟତର, ଯେଉଁଠି ଗୋଟିଏ ପଟେ ଅନେକ ଆହ୍ୱାନ ରହିଛି ଏବଂ ଅନ୍ୟ ପଟେ ଅନେକ ସୁଯୋଗ ରହିଛି, ଏହି ସଫଳ ବୈଠକ ଏହା ଦର୍ଶାଉଛି । ବୈଠକ ପରେ ଜାରି ହୋଇଥିବା ମିଳିତ ବିବୃତି ଏବଂ ତଥ୍ୟ ପତ୍ରରେ ବୈଠକର ନିଷ୍ପତି, ପଦକ୍ଷେପ ଏବଂ ଅନ୍ୟାନ୍ୟ ରଣନୈତିକ ସହଯୋଗ ବିଷୟରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଥିଲା ।

## ପ୍ରକାଶ ପାଇଲା ଓସିଏସ୍ ରେଜଲ୍ଟ , ବୁବୁନ ସାହୁ ଟପ୍ପର




ଭୁବନେଶ୍ୱର : ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସେବା (ଓସିଏସ୍) ପରୀକ୍ଷା-୨୦୨୪ ର ଫଳାଫଳ ମଙ୍ଗଳବାର ପ୍ରକାଶ ପାଇଛି । ଏହି ପରୀକ୍ଷାରେ ମୋଟ୍ ୨୦୦ ଜଣ ପରୀକ୍ଷାର୍ଥୀ (୭୮ ମହିଳା)କୃତକାର୍ଯ୍ୟ ହୋଇଛନ୍ତି । ଚଳିତ ବର୍ଷ ବୁବୁନ ସାହୁ ପରୀକ୍ଷାରେ ଶୀର୍ଷ ସ୍ଥାନ ହାସଲ କରି ଟପ୍ପର ହୋଇଥିବା ବେଳେ ଶୋଭନା ମହାନ୍ତି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିପରି ଜୀତମିତ୍ର ସାହୁ ତୃତୀୟ, କନକ ଜୈନ ଚତୁର୍ଥ ଏବଂ ସଂଗ୍ରାମ ପ୍ରଧାନ ପଂଚମ ସ୍ଥାନରେ ରହିଛନ୍ତି । ଅମନ ଗୋୟଲ ଷଷ୍ଠ, ଶାନ୍ତନୁ କୁମାର ଶତପଥୀ ସପ୍ତମ , ନିତେଶ କୁମାର ବାରିକ ଅଷ୍ଟମ, ଶୀତଲ ପାତ୍ର ନବମ ଏବଂ ଇତିଶ୍ରୀ ଜେନା ଦଶମ ସ୍ଥାନରେ ରହିଛନ୍ତି । ମେଧା ତାଲିକା ଓଡିଶା ଲୋକସେବା ଆୟୋଗର ୱେବସାଇଟ୍ ଡବ୍ଲୁଡବ୍ଲୁଡବ୍ଲୁ.ଓପିଏସସି.ଜିଓଭି.ଇନ୍ ରେ ଉପଲବ୍ଧ ରହିଛି । ଏହି ଚୟନ ତାଲିକାରେ ଅଣସଂରକ୍ଷିତ ବର୍ଗରେ ୭୦ (୩୦ -ମହିଳା), ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗରେ ୩୫ (୧୧ - ମହିଳା), ଅନୁସୂଚିତ ଜାତି ବର୍ଗରେ ୪୫ ( ୧୬ - ମହିଳା), ଅନୁସୂଚିତ ଜନଜାତି ବର୍ଗରେ ୫୦ ( ୨୧ - ମହିଳା)ଙ୍କୁ (ପୂର୍ବତନ ସାମରିକ ସେବା କର୍ମଚାରୀ ବର୍ଗରେ - ୦୪ ଏବଂ ଶାରୀରିକ ଅକ୍ଷମ ବର୍ଗରେ - ୦୩ ପ୍ରାର୍ଥୀ) ସୁପାରିଶ୍ କରାଯାଇଅଛି ।

### ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସେବା (ଓସିଏସ୍) ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସମସ୍ତଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ୍ସ ମାଧ୍ୟମରେ ଅଭିନନ୍ଦନ ଓ ଶୁଭକାମନା ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ପ୍ରଶାସନିକ ସେବାକୁ କେବଳ ଏକ ପଦବୀ ନୁହେଁ, ବରଂ ଜନସେବାର ଏକ ପବିତ୍ର ବ୍ରତ ଭାବେ ଗ୍ରହଣ କରି ଏକ ସ୍ୱଚ୍ଛ, ପାରଦର୍ଶୀ ଓ ଜନକୈନ୍ଦ୍ରିକ ପ୍ରଶାସନିକ ବ୍ୟବସ୍ଥା ଗଠନ ସହ ସରକାରଙ୍କ ପ୍ରତିନିଧି ଭାବେ ପ୍ରତ୍ୟେକ ଜନକଲ୍ୟାଣକାରୀ ଯୋଜନାକୁ ସମାଜର ଶେଷ ଧାଡ଼ିରେ ଥିବା ହିତାଧିକାରୀଙ୍କ ପର୍ଯ୍ୟନ୍ତ ସଫଳତାର ସହ ପହଂଚାଇବା ଆପଣମାନଙ୍କର ମୁଖ୍ୟ ସଂକଳ୍ପ ହେଉ ।

## ନୂଆ ଇଥାନଲ୍ ଷ୍ଟୋଭ୍ ଲଂଚ କଲେ ନୀତିନ ଗଡ଼କରୀ



ନୂଆଦିଲ୍ଲୀ : ଦେଶରେ ଏଲପିଜି ସିଲିଣ୍ଡରର ସଙ୍କଟ ଏବଂ ବଢୁଥିବା ଦରଦାମ ମଧ୍ୟରେ ସାଧାରଣ ଜନତାଙ୍କ ପାଇଁ ଏକ ବଡ଼ ଆଶ୍ୱାସନାଜନକ ଖବର ସାମ୍ନାକୁ ଆସିଛି । ରୋଷେଇ ଗ୍ୟାସର ବିକଳ୍ପ ଭାବେ ବଜାରକୁ ଆସିଛି ଏକ ନୂଆ ବିପ୍ଳବୀ ବୈଷୟିକ ଜ୍ଞାନକୌଶଳ । ଏଣିକି କେବଳ ଗ୍ୟାସ୍ ନୁହେଁ, ବରଂ ପାଣି ଏବଂ ଇଥାନଲ୍ ସାହାଯ୍ୟରେ ଜଳିବ ଚୁଲା । କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରୀ ନୀତିନ ଗଡ଼କରୀ ନାଗପୁରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ନୂତନ ଇଥାନଲ୍-ଆଧାରିତ ଷ୍ଟୋଭ୍ ଟେକ୍ନୋଲୋଜିର ଶୁଭାରମ୍ଭ କରିଛନ୍ତି । ଏହି ଷ୍ଟୋଭ୍ ବ୍ୟବହାର କରିବା ଦ୍ୱାରା ଏଲପିଜି ତୁଳନାରେ ରୋଷେଇ ଖର୍ଚ୍ଚ ବହୁତ କମିଯିବ ବୋଲି ସେ ଦାବି କରିଛନ୍ତି । ଏହି ନୂତନ ଷ୍ଟୋଭ୍ ଟେକ୍ନୋଲୋଜି ସମ୍ପୂର୍ଣ୍ଣ ଭାବେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ହୋଇଛି । ଏହାର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଥିରେ କେବଳ ମହଙ୍ଗା ଜାଳେଣି ବ୍ୟବହାର ହେବନାହିଁ, ବରଂ ଏଥିରେ ପାଣି ମଧ୍ୟ ମିଶ୍ରଣ କରାଯିବ । ସୂଚନା ଅନୁଯାୟୀ, ଏହି ଷ୍ଟୋଭ୍‌ରେ ପାଣି ସହିତ ମାତ୍ର ୭ ପ୍ରତିଶତ ଇଥାନଲ୍ ମିଶାଇ ବ୍ୟବହାର କରାଯାଏ । ଏହି ଦୁଇଟି ଉପାଦାନର ମିଶ୍ରଣରେ ଏକ ଶକ୍ତିଶାଳୀ ଏବଂ ନୀଳ ରଙ୍ଗର କୁକିଂ ଫ୍ଲେମ୍ ସୃଷ୍ଟି ହୋଇଥାଏ, ଯାହା ଏଲପିଜି ଗ୍ୟାସ୍ ଭଳି ହିଁ କାମ କରେ । ଏହା ସାଧାରଣ ଗ୍ୟାସ୍ ସିଲିଣ୍ଡର ତୁଳନାରେ ଯେମିତି ଶସ୍ତା, ସେମିତି ପରିବେଶ ଅନୁକୂଳ ମଧ୍ୟ । ଇନ୍ଧନ କଂଟେନର: ଏହି ଷ୍ଟୋଭ୍ ?ରେ ଏକ ସ୍ୱତନ୍ତ୍ର ବର୍ଣ୍ଣର କିମ୍ବା ଫ୍ୟୁଏଲ୍ କଂଟେନର ରହିଥାଏ, ଯେଉଁଥିରେ ଇଥାନଲ୍ ଓ ପାଣିର ମିଶ୍ରଣକୁ ରଖାଯାଏ । ନିରନ୍ତର ଶିଖା: ଥରେ ଏହି ଷ୍ଟୋଭ୍ ?କୁ ଜଳାଇବା ପରେ, ମିଶ୍ରଣରୁ ନିର୍ଗତ ହେଉଥିବା ବାଷ୍ପ ଯୋଗୁଁ ଚୁଲିଟି କ୍ରମାଗତ ଭାବେ ଏବଂ ସମାନ ଭାବରେ ଜଳିବାକୁ ଲାଗେ । ଏଥିରେ ଏଲପିଜି ଭଳି ନିଆଁର ଆଂଚକୁ କମ୍ କିମ୍ବା ବେଶୀ କରିବାର ସୁବିଧା ମଧ୍ୟ ଥାଏ । ଇଥାନଲ୍ ହେଉଛି ଏକ ପ୍ରକାର ଆଲକୋହଲ୍ ଆଧାରିତ ଜୈବିକ ଇନ୍ଧନ, ଯାହା ମୁଖ୍ୟତଃ ଆମ ଦେଶରେ ଆଖୁ ଏବଂ ମକାରୁ ପ୍ରସ୍ତୁତ କରାଯାଇଥାଏ ।

## ଜୁନ୍ ୧ ରୁ ଅକ୍ଟୋବର ୩୧ ପର୍ଯ୍ୟନ୍ତ ଦିନରାତି ଖୋଲା ରହିବ ବନ୍ୟା ନିୟନ୍ତ୍ରଣ କକ୍ଷ



ଭୁବନେଶ୍ୱର : ଆଗାମୀ ମୌସୁମୀ ଋତୁ ତଥା ବନ୍ୟା ସମୟରେ ପ୍ରଭାବଶାଳୀ ପରିଚାଳନା ଏବଂ ଜନସାଧାରଣଙ୍କ ସୁରକ୍ଷା ନିଶ୍ଚିତ କରିବା ପାଇଁ ମଙ୍ଗଳବାର ଏକ ଉଚ୍ଚସ୍ତରୀୟ ପ୍ରାକ୍-ବନ୍ୟା ପ୍ରସ୍ତୁତି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଶୁଭା ଶର୍ମାଙ୍କ ସହିତ ସର୍ବୋଚ୍ଚ ଯନ୍ତ୍ରୀ ଇଂ ବିଭୁତି ଭୂଷଣ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ରାଜ୍ୟର ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପର ବିସ୍ତୃତ ସମୀକ୍ଷା କରାଯାଇଛି । ବୈଠକରେ ନିଆଯାଇଥିବା ନିଷ୍ପତି ଅନୁଯାୟୀ ଆସନ୍ତା ଜୁନ୍ ୧ ତାରିଖରୁ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ସମସ୍ତ ଡିଭିଜନ, ସର୍କଲ ଏବଂ ମୁଖ୍ୟ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସ୍ତରରେ ବନ୍ୟା ନିୟନ୍ତ୍ରଣ କକ୍ଷଗୁଡ଼ିକ ୨୪ ଘ[ଆ କାର୍ଯ୍ୟକ୍ଷମ ରହିବ । ସେଚ ସଦନସ୍ଥିତ ସର୍ବୋଚ୍ଚ ଯନ୍ତ୍ରୀଙ୍କ ବନ୍ୟା ପ୍ରକୋଷ୍ଠ ଏବଂ ରାଜୀବ ଭବନସ୍ଥିତ ରାଜ୍ୟ ହାଇଡ୍ରୋଲୋଜିକାଲ୍ ଡାଟା ସେଂଟର ରେ ଥିବା ଜଳସମ୍ପଦ ବିଭାଗର ବନ୍ୟା ପ୍ରକୋଷ୍ଠ ଜୁନ୍ ୧ ରୁ ଅକ୍ଟୋବର ୩୧ ପର୍ଯ୍ୟନ୍ତ (୨୪ଘଂଟା) କାର୍ଯ୍ୟ କରିବ । ଚଳିତ ବର୍ଷ ମଧ୍ୟ ସର୍ବୋଚ୍ଚ ଯନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏହି ଫ୍ଲଡ୍ ସେଲ୍ ଅଧୀନରେ ଥିବା 'ଏସଆଇ ଟିମ୍' ଦୈନିକ ଦୁଇଥର ନିୟମିତ ଭାବେ ବନ୍ୟା ବୁଲେଟିନ୍ ପ୍ରକାଶ କରିବେ ।ପଡ଼ୋଶୀ ସହ-ଅବବାହିକା ରାଜ୍ୟ ଗୁଡ଼ିକ ସହ ଜଳ ପ୍ରବାହ ସମ୍ପର୍କିତ ସୂଚନା ଆଦାନ ପ୍ରଦାନ ଓ ସମନ୍ୱୟ ରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ଚଳିତ ବର୍ଷ ବନ୍ୟାଜନିତ କ୍ଷୟକ୍ଷତିକୁ ରୋକିବା ସହ 'ଶୂନ୍ୟ ମୃତାହତ' ଲକ୍ଷ୍ୟ ହାସଲ କରିବା ପାଇଁ ସମସ୍ତ କ୍ଷେତ୍ରସ୍ତରୀୟ ଅଧିକାରୀ ଓ ବିଭିନ୍ନ ସବ୍-ୱିଙ୍ଗକୁ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଚଳିତ ବର୍ଷ ପାଇଁ ରାଜ୍ୟର ବିଭିନ୍ନ ନଦୀବନ୍ଧଗୁଡ଼ିକର ସ୍ଥିତି ଏବଂ ଗତ ବର୍ଷ ବନ୍ୟା ସମୟରେ ହୋଇଥିବା କ୍ଷୟକ୍ଷତିର ପୁନରୁଦ୍ଧାର ତଥା ମରାମତି କାର୍ଯ୍ୟର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ମୌସୁମୀ ବର୍ଷା ଆରମ୍ଭ ହେବା ପୂର୍ବରୁ ସମସ୍ତ ଅସମ୍ପୂର୍ଣ୍ଣ ମରାମତି କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତିରେ ଶେଷ କରିବା ।କ୍ଷେତ୍ରାଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି । ଏହା ସହିତ ନଦୀ ପଠାରେ ଥିବା ସ୍ଲୁଇସ୍ ଗେଟ୍ ଗୁଡ଼ିକର କାର୍ଯ୍ୟକ୍ଷମତା ଏବଂ ସହରାଂଚଳ ଓ ଗ୍ରାମାଂଚଳରେ ଜଳ ନିଷ୍କାସନ ସମସ୍ୟାର ସମାଧାନ ପାଇଁ ଡ୍ରେନେଜ୍ ବ୍ୟବସ୍ଥାର ସଫେଇ ଉପରେ ଗୁରୁତ୍ୱାରୋପ କରାଯାଇଛି ।

# ହୋଲଡିଂ ଟିକସ ପ୍ରତ୍ୟାହାର, ପାନୀୟ ଜଳ ଯୋଗାଣ ଓ ଜଳ ନିଷ୍କାସନ ଦାବିରେ ଧାରଣା



ବାଲେଶ୍ୱର(ନି.ପ୍ର.) ସମୟରେ ରେମୁଣା ପ୍ରଗତିଶୀଳ ନାଗରିକ ମଂଚ ର ଆବାହକ ପ୍ରେମ ରଞ୍ଜନ ପାତ୍ର ଙ୍କ ସଭାପତିତ୍ୱରେ ତ ଧାରଣା ଦିଆଯାଇଥିଲା ।ରେମୁଣା ଏନ.ଏ.ସି. ୨୦୨୧ ମସିହାରେ ଗଠନ ହେଲା ।ଏଠାରେ ସହରୀ ସଭ୍ୟତାର ବିକାଶ ହୋଇନାହିଁ । ଏଥିରେ ବାସ କରୁଥିବା ଲୋକଙ୍କର ଆୟର ଉତ୍ସ ମୁଖ୍ୟତଃ କୃଷି, ଏନ.ଏ.ସି. ଅଂଚଳରେ ଆବଶ୍ୟକ ଭିତିଭୂମିର ବିକାଶ ହୋଇନାହିଁ । ରାସ୍ତା, ରାସ୍ତାର ଆଲୋକି କରଣ, ପାନୀୟ ଜଳ ଯୋଗାଣ, ଜଳ ନଷ୍କାସନ ଆଦି ଲୋକ କଲ୍ୟାଣ ମୂଳକ କାର୍ଯ୍ୟ କରାଯାଇ ନାହିଁ । କିନ୍ତୁ ସରକାର ଲୋକଙ୍କ ଉପରେ ଟିକଟ ବସାଇବାରେ ବ୍ୟସ୍ତ । ଟିକସ ବସାଇବା ପୂର୍ବରୁ ନିର୍ବାଚିତ ଏନ.ଏ.ସି. କାଉନସିଲ ଓ ଗ୍ରାମ ସଭାର ମତାମତ ନିଆଯାଇ ନାହିଁ । ଯେଉଁ ଟିକସ ବସାଯାଇଛି ତାହା ଅନ୍ୟ ଏନ.ଏ.ସି. ଓ ମ୍ୟୁନିସିପାଲିଟି ତୁଳନାରେ ବହୁତ ଅଧିକ । ଏଠାରେ ଥିବା ଘର ଗୁଡ଼ିକ ବହୁତ ପୁରୁଣା । ଘର ଅନୁସାରେ ଟିକସ ଧାର୍ଯ୍ୟ କରାଯାଇ ନାହିଁ ଓ ତେଣୁ ଉକ୍ତ ଟିକସ ବ୍ୟବସ୍ଥା ଅଗଣତାନ୍ତ୍ରୀକ । ପଂଚାୟତ ବ୍ୟବସ୍ଥା ଥ?ିବା ବେଳେ ଲୋକଙ୍କ ଅର୍ଥରେ ପାଣି ସ୍ୱଜଳ ଧାରା ଜରିଆରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ହୋଇଥିଲା । ତତ୍‌?କାଳୀନ ରାଜ୍ୟ ସରକାର ଘୋଷଣା କରିଥିଲେ ଓ ଲୋକଙ୍କ ଉପରେ ଜଳକର ବସିବ ନାହିଁ । କିନ୍ତୁ ଏବେ ଜଳକର ଦେବା ସହିତ ନୂତନ ଜଳ ସଂଯୋଗ ପାଇଁ ଟଙ୍କା ଦେବାକୁ ବାଧ କରାଯାଉଛି । ଅପର ପକ୍ଷରେ ସମସ୍ତ ଘରକୁ ପାନୀୟ ଜଳ ଯୋଗାଇ ଦିଆଯାଇ ନାହିଁ ଏବଂ ଲୋକମାନେ ଆବଶ୍ୟକ ମୁତାବକ ପାଣି ପାଇ ପାରୁନାହାଁନ୍ତି । ଯେତେ ପର୍ଯ୍ୟନ୍ତ ହୋଲ୍ଡିଂ ଟିକସର ପୁନଃ ଆକଳନ କରା ଯାଇନାହିଁ ସେତେ ପର୍ଯ୍ୟନ୍ତ ଟିକସ ଧାରି ମାନେ ଟିକସ ଦେବେନାହିଁ ବୋଲି ରେମୁଣା ପ୍ରଗତିଶିଳ ନାଗରିକ ମଂଚ ର ଆହ୍ୱାନ ଦିଆ ଯାଇଛି । ଏଥିରେ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ପୂର୍ବତନ ସରପଂଚ ପ୍ରସନ୍ନ କୁମାର ଷଡ଼ଙ୍ଗୀ, ପୂର୍ବତନ ସରପଂଚ ଅନିରୁଧ ଲେଙ୍କା, ପୂର୍ବତନ ସରପଂଚ ଅକ୍ଷୟ ରଣା, ପୂର୍ବତନ ସମିତସଭ୍ୟ ହରପ୍ରିୟା ଜେନା, ଦୁଷ୍ମନ୍ତ ଦାସ,, ପ୍ରଦୀପ୍ତ କୁମାର ଦାସ, କମଳାକାନ୍ତ ଦାସ, ରବୀନ୍ଦ୍ର ପାତ୍ର, ଗଣେଶ ବିଶ୍ୱାଳ, ମାନସ ରଞ୍ଜନ ସାହୁ,ଦେବ ବ୍ରତ ମାଝୀ, ନିରଞ୍ଜନ ବେହେରା, ପ୍ରଭାକର ବେହେରା , ସୁମିତ୍ରା ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ,ସିକନ୍ଦର ଖାଁ, ସେକ୍ ରାଜୁ, ସୁଦର୍ଶନ ଆଚାର୍ଯ୍ୟ,ମିନତୀ ସାନ୍ତାରା, ଜୟ ସିଂହ, ସହଯୋଗ କରିଥିଲେ ।

## ବାଲେଶ୍ୱର ଜିଲ୍ଲା କଂଗ୍ରେସର ସମୀକ୍ଷା ବୈଠକ ଅନୁଷ୍ଠିତ



ବାଲେଶ୍ୱର(ନି.ପ୍ର.) ବାଲେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ଅଖିଳ ଭାରତୀୟ କଂଗ୍ରେସ କମିଟି ର ସମ୍ପାଦକ ମୟୂର ଏସ୍ ଜୟକୁମାର ତଥା ପିସିସି ଉପସଭାପତି ଡ଼ା ଦେବାଶିଷ ପଟ୍ଟନାୟକ ଓ ପିସିସି ସମ୍ପାଦକ ଦେବାଶିଷ ମହାପାତ୍ର ଙ୍କ ଉପସ୍ଥିତିରେ ବାଲେଶ୍ୱର ଜିଲ୍ଲା କଂଗ୍ରେସ ର ସଭାପତି ଶ୍ରୀଯୁକ୍ତ ସତ୍ୟଶିବ ଦାସଙ୍କ ଅଧ୍ୟକ୍ଷତା ରେ ଜିଲ୍ଲା କଂଗେସ ର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକ ରେ ସଭାପତି ସତ୍ୟଶିବ ଦାସ ଜିଲ୍ଲା ର ସମସ୍ତ ବ୍ଲକ୍, ପୌରାଂଚଳ ଓ ନିର୍ବାଚନ ମଣ୍ଡଳୀ ସ୍ତରୀୟ ନେତାଙ୍କ ଉପସ୍ଥିତିରେ ସମସ୍ତ କାର୍ଯ ପନ୍ଥା ଓ କାର୍ଯ ଶୈଳୀ ର ବିବରଣୀ ରଖିଥିଲେ । ପର୍ଯ୍ୟବେକ୍ଷକ ଶ୍ରୀ ଜୟ କୁମାର ଝଓଜ ବାବଦରେ ସମ୍ପୂର୍ଣ୍ଣ ତଥ୍ୟ ତାଙ୍କ ଅଭିଭାଷଣ ରେ ସମସ୍ତ କର୍ମକର୍ତା ମାନଙ୍କୁ ଜଣାଇଥିଲେ ଏବଂ ଆଗକୁ ବିଜେପି ଓ ଜଝଝ ର ଚକ୍ରାନ୍ତରୁ କେମିତି ଜନସାଧାରଣଙ୍କୁ ବଂଚାଇହେବ ସେ ଆହ୍ୱାନ କରିଥିଲେ । ଆଗାମୀ ପଂଚାୟତ ନିର୍ବାଚନ କୁ ଆଖିଆଗରେ ରଖି କଂଗ୍ରେସ ତାର ରଣନୀତି କେମିତି ପ୍ରସ୍ତୁତ କରିବ ସେ ନେଇ ଉକ୍ତ ବୈଠକରେ ଆଲୋଚନା କରଯାଇଥିଲା । ମଂଚ ରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠି, ବିଧାୟକ ପ୍ରାର୍ଥୀ ଯଥା ହିମାଂଶୁ ବେହେରା, ସୁବ୍ରତ ଧଡ଼ା, ସୁଦର୍ଶନ ଦାସ (ରାଜୀବ ଗାନ୍ଧୀ ପଂଚାୟତ ରାଜ ଯୋଜନା ର ରାଜ୍ୟ ଅଧକ୍ଷ ) ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ବିଜନ ନାୟକ; ପୂର୍ବତନ ବିଧାୟକ ଦେବୀ ପ୍ରସନ୍ନ ଚଣ୍ଡ ଓ ପୂର୍ବତନ ଜିଲ୍ଲା ସଭାପତି ସଂଜୀବ ଗିରି ଙ୍କ ସମେତ ନୂତନ ଜିଲ୍ଲା ମହିଳା ସଭାନେତ୍ରୀ ଆଇନଜୀବୀ ଉର୍ମିଳା ମାଝୀ ଓ ସରୋଜ ଲେଙ୍କା, ଜିଲ୍ଲା ସାଧାରଣ ସମ୍ପାଦକ ନିଶିତ ବାରିକ, ଦେବଦତ ଦାସ, ତୁଷାରକାନ୍ତି ତାପସ୍ୱି, ଆଶିଷ ପଟ୍ଟନାୟକ, ବିଜୟ ମହାନ୍ତି ଙ୍କ ସମେତ ସମସ୍ତ ବ୍ଲକ ଓ ପୌରାଂଚଳ ର ସଭାପତି ତଥା ଜିଲ୍ଲା ର ସମସ୍ତ ପଦାଧିକାରୀ ମାନେ ଉପସ୍ଥିତ ରହି ଇଓଉଉ ଓ ଚଉଉ ର ପର୍ଯ୍ୟବେକ୍ଷକ ଙ୍କ ଅଭିବ୍ୟକ୍ତ କୁ ଶୃଙ୍ଖଳା ର ସହ ଆଗାମୀ କାର୍ଯ୍ୟପନ୍ଥା ରେ ସାମିଲ କରିବ ନେଇ ସଂକଳ୍ପବଦ୍ଧ ହେଇ ନିଜ ନିଜ ବ୍ଲକ ଓ ଅଂଚଳ କୁ ପ୍ରତ୍ୟାବର୍ତନ କଲେ ।

## ଜିଲ୍ଲା ଯୋଜନା କମିଟିର ପ୍ରାରମ୍ଭିକ ବୈଠକ ଅନୁଷ୍ଠିତ




ବାଲେଶ୍ୱର,(ନି.ପ୍ର.) ଆଜି ପୂର୍ବାହ୍ନ ୧୦.୦୦ ଘଟିକା ସମୟରେ ଜିଲ୍ଲା ପରିଷଦର ସମ୍ମିଳନୀ କକ୍ଷରେ ଜିଲ୍ଲା ଯୋଜନା କମିଟିର ପ୍ରାରମ୍ଭିକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଠାରେ ମାନ୍ୟବର ବିଧାୟକ ସିମୁଳିଆ ତଥା ଜିଲ୍ଲା ଯୋଜନା କମିଟିର ଅଧକ୍ଷ ଶ୍ରୀଯୁକ୍ତ ପଦ୍ମଲୋଚନ ପଣ୍ଡା ଅଧକ୍ଷତା କରିଥିଲେ । ଏହି ବୈଠକରେ ମାନ୍ୟବର ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ମାନ୍ୟବର ବିଧାୟକ, ସୋର ଶ୍ରୀଯୁକ୍ତ ମାଧବ ଧଡା, ମାନ୍ୟବର ବିଧାୟକ, ଭୋଗରାଇ ଶ୍ରୀଯୁକ୍ତ ଗୌତମ ବୁଦ୍ଧ ଦାସ, ମାନ୍ୟବର ବିଧାୟିକା, ବସ୍ତା ଶ୍ରୀମତୀ ସୁବାସିନୀ ଜେନା, ମାନ୍ୟବର ବିଧାୟକ, ନୀଳଗିରି ଶ୍ରୀଯୁକ୍ତ ସନ୍ତୋଷ ଖଟୁଆ, ମାନ୍ୟବର ବିଧାୟକ, ଜଳେଶ୍ୱର, ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ପାତ୍ର, ମାନ୍ୟବର ସଭାପତି, ଜିଲ୍ଲା ପରିଷଦ ଶ୍ରୀଯୁକ୍ତ ନାରାୟଣ ପ୍ରଧାନ, ବାଲେଶ୍ୱର ଜିଲ୍ଲାପାଳ, ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ ପ୍ରମୁଖ ମଂଚାସୀନ ଥିଲେ । ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀଯୁକ୍ତ ସଞ୍ଜୟ କୁମାର ରାଉତ ମଂଚ ପରିଚାଳନା କରିଥିଲେ । ଜିଲ୍ଲାର ସମସ୍ତ ବିଭାଗର ଉଚ୍ଚ ପଦାଧିକାରୀ ମାନ ଏହି ବୈଠକରେ ଉପସ୍ଥିତ ଥିଲେ । ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି କରି ଜିଲ୍ଲାକୁ ସମୃଦ୍ଧିଶାଳୀ କରିବାକୁ ହେଲେ ଦଳମତ ନିର୍ବିଶେଷରେ ଏକଜୁଟ ହୋଇ ଆମ ସମସ୍ତଙ୍କୁ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଯୋଜନା ଗୁଡ଼ିକୁ ସଫଳ ରୂପାୟନ କରିବାକୁ ହେବ ବୋଲି ଜିଲ୍ଲା ଯୋଜନା କମିଟିର ଅଧକ୍ଷ ଶ୍ରୀଯୁକ୍ତ ପଣ୍ଡା କହିଥିଲେ । ଶେଷରେ ଉପନିର୍ଦ୍ଦେଶକ (ଚଝଝ) ଉଚଗଟ, ବାଲେଶ୍ୱର ଶ୍ରୀଯୁକ୍ତ ହେମନ୍ତ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ନିହାରିକା ମେଧା ସମ୍ମାନରେ ସମ୍ବର୍ଦ୍ଧିତ ହେଲେ ବାଲେଶ୍ୱରର ୬୭୦ ମେଧାବୀ ଛାତ୍ରଛାତ୍ରୀ




ବାଲେଶ୍ୱର,(ନି.ପ୍ର.): ନିହାରିକା ମେଧା ସମ୍ମାନ କମିଟି ପକ୍ଷରୁ 'ନିହାରିକା ମେଧା ସମ୍ମାନ-୨୦୨୬' ସ୍ଥାନୀୟ ଗାନ୍ଧି ସ୍ମୃତି ଭବନରେ ଅନୁଷ୍ଠିତ ହୋଇଯାଇଛି । 'ଆମେ ନମ୍ବରରେ ଶତକଡା ୯୦, କିନ୍ତୁ ଦେଶ ଗଠନରେ ୧୦୦%' ଥିମ୍‌?ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚଳିତ ବର୍ଷ ହାଇସ୍କୁଲ ପରୀକ୍ଷାରେ ଇ୧ ଗ୍ରେଡ ପାଇଥିବା ଜିଲ୍ଲାର ୬୭୦ ଜଣ ଛାତ୍ରଛାତ୍ରୀଙ୍କୁ ୩ଟି ଅଧିବେଶନରେ ସମ୍ବର୍ଦ୍ଧିତ କରାଯାଇଥିଲା । କମିଟି ସଭାପତି ମୁରଲୀଧର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହକୁ ବାଲେଶ୍ୱର ଆଇନ ମହାବିଦ୍ୟାଳୟର ପୂର୍ବତନ ଉପାଧ୍ୟକ୍ଷ ରାଜେନ୍ଦ୍ରକିଶୋର ରାୟ ଉଦଘାଟନ କରିଥିଲେ । ସିଦ୍ଧିବିନାୟକ ପବ୍ଲିକ ସ୍କୁଲର ଅଧକ୍ଷ ସୁଧାଂଶୁ ପଣ୍ଡା ଓ ସତ୍ୟସାଇ ସ୍କୁଲ ଅଫ ଇଞ୍ଜିନିୟରିଙ୍ଗ କଲେଜର ଅଧକ୍ଷ ଯତୀନ୍ଦ୍ର କୁମାର ଦାସ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ରାଷ୍ଟ୍ରପ୍ରତି ଆନୁଗତ୍ୟ ପ୍ରକାଶ କରିବାକୁ ମତ ଦେଇଥିଲେ । ନିହାରିକା ଫାଉଣ୍ଡେସନର ଅଧକ୍ଷ ରୀତିକ ଜୀ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ସାଧାରଣ ସମ୍ପାଦକ ଦେବଦତ ଦାସ ଆଗାମୀ କାର୍ଯ୍ୟକ୍ରମ, ସମ୍ପାଦକ ଶ୍ୟାମସୁନ୍ଦର ମହାନ୍ତି ଅତିଥି ପରିଚୟ ଓ ଉପଦେଷ୍ଟା ପାର୍ଥ ସାରଥୀ ଦାସ ବକ୍ତବ୍ୟ ରଖିଥିଲେ । ତ୍ରଷ୍ଟି ମୀତା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ । ଦ୍ୱିତୀୟ ଓ ତୃତୀୟ ଅଧିବେଶନରେ ସାମ୍ବାଦିକ ରଞ୍ଜନ ବାଗ, ଅଜିତ ମହାନ୍ତି, ବ୍ରହ୍ମନାଥ ରଥ, ଟାଉନ ଥାନାଧିକାରୀ ବିଜୟ କୁମାର ଦାସ, ପୂର୍ବତନ ଏବିଇଓ ବିକର୍ତନ ନାୟକ, ଶିକ୍ଷକ ନେତା ଦେବେନ୍ଦ୍ର ଚୌଧୁରୀ, ପଣ୍ଡିତ ମନ୍ମଥ ମିଶ୍ର, ସମାଜସେବୀ ମନୋଜ ରାଉତ, ଲାୟନ୍ସ ଡିଷ୍ଟ ଗଭର୍ଣ୍ଣର କ୍ରିଷ୍ଣା ଦାସ, ପ୍ରଫେସର ସ୍ମିତା ପାଢ଼ୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦେଇ ଉତ୍ସାହିତ କରିଥିଲେ । ଅନେକ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକ ଦର୍ଶକ ଗ୍ୟାଲେରୀରୁ ମାନପତ୍ର ପ୍ରଦାନ କରିଥିଲେ ।

କାର୍ଯ୍ୟକ୍ରମକୁ ସଂଯୋଜକ ସତ୍ୟଭାମା ମୁଦୁଲି, ଡ. ବିଥିକାରାଣୀ ପଟ୍ଟନାୟକ, ଉପସଭାପତି ଅର୍ଦ୍ଧେନ୍ଦୁ ଶେଖର ଦାସ, ଶୁଭମ ସାଇ ମହାପାତ୍ର, ସହ-ସମ୍ପାଦକ ବିଭୁଦତ ପରିଡା, ସ୍ନେହାଞ୍ଜଳି ପାଣିଗ୍ରାହୀ, ତପନ ଦାସ, ଅଭିଷେକ ମହାନ୍ତି, ବିକାଶ ବେହେରା, ମଳୟ ରଞ୍ଜନ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ । ଦେବାଂଶୀ ଓ ନୃତ୍ୟଶ୍ରୀ ଡ୍ୟାନ୍ସ ଗ୍ରୁପ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ଚୋରା ଚାଲାଣ ସନ୍ଦେହରେ ସରକାରୀ କିରୋସିନ ବୋଝେଇ ଟ୍ୟାଙ୍କର ଜବତ

ବାଲେଶ୍ୱର(ନି.ପ୍ର.) ପି.ଡି.ଏସ୍ ସରକାରୀ କିରୋସିନ ଚୋରା ଚାଲାଣ ଅଭିଯୋଗରେ ବାଲେଶ୍ୱର ଶିଳ୍ପାଂଚଳ ଥାନା ପୋଲିସ ଏକ କିରୋସିନ ବୋଝେଇ ଟ୍ୟାଙ୍କରକୁ ଜବତ କରି ତଦନ୍ତ ଆରମ୍ଭ କରିଛି । ଟ୍ୟାଙ୍କରରେ ପ୍ରାୟ ୧୨ ହଜାର ଲିଟର ସରକାରୀ କିରୋସିନ ଥିବା ଜଣାପଡ଼ିଛି । ଏହି ଘଟଣାରେ ଟ୍ୟାଙ୍କର ଡ୍ରାଇଭରଙ୍କୁ ମଧ୍ୟ ଅଟକ ରଖି ପଚରାଉଚରା କରାଯାଉଛି । ସୂଚନା ଅନୁଯାୟୀ, ଟ୍ୟାଙ୍କରଟି ଜଟଣୀରୁ କେନ୍ଦୁଝର ଅଭିମୁଖେ ଯାଉଥିବା ବେଳେ ହଠାତ୍ ରୁଟ୍ ପରିବର୍ତନ କରି ବାଲେଶ୍ୱର ସହର ମଧ୍ୟକୁ ପ୍ରବେଶ କରିଥିଲା । ଜଟଣୀରୁ କେନ୍ଦୁଝର ଯାଉଥିବା ଗାଡ଼ି ବାଲେଶ୍ୱରକୁ କାହିଁକି ଆସିଲା ଏବଂ କାହା ନିର୍ଦ୍ଦେଶରେ ଏହାର ରୁଟ୍




ବଦଳାଗଲା, ସେନେଇ ପୋଲିସର ସନ୍ଦେହ ସୃଷ୍ଟି ହୋଇଥିଲା ।ଗାଡ଼ିର ଗତିବିଧି ସନ୍ଦେହଜନକ ଲାଗିବାରୁ ଶିଳ୍ପାଂଚଳ ଥାନା ପୋଲିସ ଟ୍ୟାଙ୍କରଟିକୁ ଅଟକ ରଖି ଯାଂଚ କରିଥିଲା । ପ୍ରାଥମିକ ତଦନ୍ତରୁ ଏହା ପି.ଡି.ଏସ୍ ? ସରକାରୀ କିରୋସିନ ବୋଲି ଜଣାପଡ଼ିଛି । ଏହି କିରୋସିନକୁ କଳାବଜାରୀ ଉଦ୍ଦେଶ୍ୟରେ ଚୋରା ଚାଲାଣ କରାଯାଉଥିବା ସନ୍ଦେହ ପ୍ରକାଶ ପାଇଛି ।ଏହି ଘଟଣା ପଛରେ କୌଣସି ବଡ଼ ମାଫିଆ ଚକ୍ରର ସଂପୃକ୍ତି ରହିଛି କି ନାହିଁ, ସେନେଇ ପୋଲିସ ଖୋଳତାଡ଼ ଆରମ୍ଭ କରିଛି । କେଉଁ ଉଦ୍ଦେଶ୍ୟରେ ଏବଂ କାହା ସହଯୋଗରେ ସରକାରୀ କିରୋସିନ ବାଲେଶ୍ୱରକୁ ଆଣାଯାଇଥିଲା, ତାହାର ତଦନ୍ତ ଜାରି ରହିଛି ।

## ବାଲେଶ୍ୱର କୁମ୍ଭକ୍ଷେତ୍ର ପରଷିବ ୨୫ ପ୍ରକାର ବ୍ୟଞ୍ଜନର 'ବୁଢୀମା ଥାଳି' ସହ ୧୦ରୁ ଅଧିକ ରଜ ଦୋଳିର ଆସର

ବାଲେଶ୍ୱର, (ନି.ପ୍ର.): ବାଲେଶ୍ୱରର ବହୁ ଚର୍ଚ୍ଚିତ କୁମ୍ଭକ୍ଷେତ୍ର ଚଳିତ ରଜ ସଂକ୍ରାନ୍ତି ୨୦୨୬କୁ ଏକ ସ୍ମରଣୀୟ ଉତ୍ସବରେ ପରିଣତ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ତିନି ଦିନ ଧରି ପାଳିତ ହେବାକୁ ଥିବା ଏହି ନିଆରା ରଜ ମହୋତ୍ସବରେ ପରମ୍ପରା ସହ ଆଧୁନିକତାର ସୁନ୍ଦର ମିଶ୍ରଣ ଦେଖିବାକୁ ମିଳିବ ବୋଲି ଶିଳ୍ପୀ କେଶୁ ଦାସ ଜଣାଇଛନ୍ତି । ସୂଚନା ଅନୁଯାୟୀ ଆମ୍ବ, ପଣସ ଓ ରଜ ପାନର ମଜା ନେବା ସହ ପର୍ଯ୍ୟଟକମାନେ ୧୦ରୁ ଅଧିକ ପ୍ରକାରର ଆକର୍ଷଣୀୟ ରଜ ଦୋଳିରେ ଝୁଲି ପାରିବାର ବ୍ୟବସ୍ଥା କରାଯାଇଛି ।ଏହି ଉତ୍ସବର ମୁଖ୍ୟ ଆକର୍ଷଣ ପାଲଟିବ ଲେକ୍ ଭ୍ୟୁ ଡାଇନିଂ ସ୍ପେସରେ ପରଷା ଯିବାକୁ ଥିବା ବିରଳ 'ବୁଢୀମା ଥାଳି' । ମାତ୍ର ୩୦୦ ଟଙ୍କାରେ ଉପଲବ୍ଧ ହେବ ଏହି ପାରମ୍ପରିକ ଖାଦ୍ୟ ଥାଳି । ଏହି ଥାଳିରେ ୨୫ ପ୍ରକାରର ପାରମ୍ପରିକ ଓଡ଼ିଆ ବ୍ୟଞ୍ଜନ ରହିବ । ସେଗୁଡିକ ହେଲା ପୁଦିନା ଚଟଣି, ନିମପତ୍ର ଭଜା, କଂଚା ଥାଳକୁଡ଼ି ପତ୍ର ଚଟଣି, ବଡ଼ି ଚୁରା, ବାଇଗଣ ଭର୍ତା ଭଳି ବ୍ୟଞ୍ଜନରୁ ଆରମ୍ଭ କରି ଗନ୍ଧଳି ପତ୍ର ପକୁଡ଼ି, ପଦ୍ମପତ୍ର ପକୁଡ଼ି, ମଦରଙ୍ଗା ପକୁଡ଼ି, ହିଡ଼ିମିଚା ପକୁଡ଼ି ଭଳି ଦୁର୍ଲଭ ଭଜା ସବୁ ଏଥିରେ ସ୍ଥାନ



ପାଇବ । ଏହା ବ୍ୟତୀତ ଥାଳିରେ ରହିବ ଭେଣ୍ଡି ତରକାରି, କଦଳୀ ମଞ୍ଜା ରାଇତା, ସାତ ଶାଗ ଭଜା, ଶାଗ ଚଡଚଡି, ଡାଲି, ମାଛ ଘାଂଟ, ବରା ଝୋଳ, ଦହିଆଳୁ, ମାଛ ଝୋଳ, ମାଛ ବିହନ ବରା, ଆମ୍ବ ଖଟା, ମାଛ ଖଟା, ଟକଭେଣ୍ଡି ପତ୍ର ଖଟା, କାଞ୍ଜି, ପାମ୍ପଡ, ସାଲାଡ୍ ଓ ମାଣ୍ଡିଆ ଇତ୍ୟାଦି ସହିତ ଏହି ଖାଦ୍ୟ ଥାଳିକୁ ପ୍ରସ୍ତୁତ କରିଯିବ । ଆୟୋଜକଙ୍କ କହିବା ଅନୁସାରେ ତିନିଦିନରେ କିଛି ତିଅଣ ପରିବର୍ତନ ହୋଇପାରେ । ଖାଦ୍ୟ ସହ ସଂସ୍କୃତିକୁ ଯୋଡିବା ପାଇଁ ଏଠାରେ ସ୍ଥାନୀୟ ଜଉକଣ୍ଢେଇ ଶିଳ୍ପୀଙ୍କ ଠାରୁ ଉଚିତ୍ ମୂଲ୍ୟରେ ମନପସନ୍ଦର ଜଉକଣ୍ଢେଇ କିଣିବାର ବ୍ୟବସ୍ଥା ମଧ୍ୟ କରାଯାଇଛି । ତେବେ ଦୈନିକ ମାତ୍ର ୫୦ଟି ବୁଢୀମା ଥାଳି ପରଷା ଯିବାର ବ୍ୟବସ୍ଥା ଥିବାରୁ ଆଜି ଠାରୁ ଅଗ୍ରୀମ ଦେଇ ଥାଳି ବୁକ୍ କରିବାକୁ ଅନୁରୋଧ କରାଯାଇଛି । ଯେଉଁ ମାନେ ଆଗ୍ରହୀ ସେମାନେ ୯୮୬୧୧୦୪୫୯୦ ନମ୍ବରରେ ଯୋଗାଯୋଗ କରି ନିଜ ଥାଳି ବୁକ୍ କରିପାରିବେ । ପରମ୍ପରା, ସ୍ୱାଦ ଓ ମନୋରଞ୍ଜନର ଏହି ମିଳନସ୍ଥଳୀରେ ଏଥର ରଜକୁ ସବୁଠୁ ଖାସ୍ କରିବାର ସୁଯୋଗ ହାତଛଡା କରନ୍ତୁ ନାହିଁ ।

## ବାଲେଶ୍ୱର ଲାୟନ୍ସ କ୍ଲବ ପରିଚାଳିତ ଲାୟନ୍ସ ଆଇ ହସ୍ପିଟାଲରେ ଅତ୍ୟାଧୁନିକ ରେଟିନା କ୍ଲିନିକ୍ ଉଦ୍‌ଘାଟିତ

ବାଲେଶ୍ୱର(ନି.ପ୍ର.)ବାଲେଶ୍ୱର ଲାୟନ୍ସ କ୍ଲବ ପରିଚାଳିତ ଲାୟନ୍ସ ଆଇ ହସ୍ପିଟାଲରେ ଏକ ଅତ୍ୟାଧୁନିକ ରେଟିନା କ୍ଲିନିକ୍ ଉଦଘାଟିତ ହୋଇଯାଇଛି । ଚକ୍ଷୁର ରେଟିନା ସମ୍ବନ୍ଧୀୟ ସମସ୍ତ ପ୍ରକାର ପରୀକ୍ଷା ନିରୀକ୍ଷା ସହିତ ସର୍ଜରୀ ପାଇଁ ଉଦ୍ଦିଷ୍ଟ ଆଧୁନିକ ଯନ୍ତ୍ରପାତି ସମ୍ବଳିତ ଏହି କ୍ଲିନିକ୍ ?କୁ ଲାୟନ୍ସ କ୍ଲବ ଇଂଟରନ୍ୟାସନାଲର ଉପକ୍ରମ ସାଇଟ୍ ଫାଷ୍ଟର ପୂର୍ବ ଓ ଦକ୍ଷିଣ ଭାରତ ଉପଦେଷ୍ଟା ତଥା ସୁପ୍ରସିଦ୍ଧ ଚକ୍ଷୁ ଚିକିତ୍ସକ ଡାକ୍ତର ଦିବ୍ୟେଶ ପି ଶାହ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ସମଗ୍ର ଉତର ଓଡିଶାରେ ପ୍ରଥମ ଭାବେ ସ୍ଥାପିତ ହୋଇଥିବା ଏହିଭଳି କ୍ଲିନିକ୍ ଚକ୍ଷୁ ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ଼ କରିବ ବୋଲି ସେ କହିଥିଲେ । ଏହିଭଳି ଆଧୁନିକ କ୍ଲିନିକ ସ୍ଥାପନା ଦ୍ୱାରା ବାଲେଶ୍ୱର, ମୟୁରଭଞ୍ଜ ଓ ଭଦ୍ରକ ଜିଲ୍ଲା ସମେତ ପଶ୍ଚିମବଙ୍ଗର ରୋଗୀମାନେ ଡାଇଟେକ୍ ରେଟିନୋପାଥି, ମାକ୍ୟୁଲାର ଡିଜେନେରେସନ୍ ?, ରେଟିନା ଡିଟାଚମେଂଟ ପ୍ରଭୃତି ସହିତ ଜଟିଳ ଚକ୍ଷୁରୋଗର ନିଦାନ ଓ ଉନ୍ନତ ଚିକିତ୍ସା ସୁବିଧା ପାଇପାରିବେ ବୋଲି ଡାକ୍ତର ଶାହା ମତପ୍ରକାଶ କରିଥିଲେ । ଲାୟନ୍ସ କ୍ଲବର ଜିଲ୍ଲା ପ୍ରଶାସକ ମମତା ଦାସ ଏଥିରେ ସମ୍ମାନୀତ ଅତିଥିଭାବେ ଯୋଗଦେଇ ସମାଜସେବା ମାର୍ଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କହିଥିଲେ । ଏହି ରେଟିନା କ୍ଲିନିକ୍ ଆରମ୍ଭ ହେବା ସହିତ ବାଲେଶ୍ୱରରେ ଚକ୍ଷୁ ସ୍ୱାସ୍ଥ୍ୟ ସେବାରେ ଏକ ନୂତନ ଅଧ୍ୟାୟ ଆରମ୍ଭ ହେବ ବୋଲି ସେ ଆଶାପ୍ରକାଶ କରିଥିଲେ । ଲାୟନ୍ସ ଆଇ ହସ୍ପିଟାଲ ପରିଚାଳନା କମିଟିର ଅଧକ୍ଷ ଗୋପାଲ ଖଣ୍ଡେଲୱାଲଙ୍କ ପୌରହିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବାଲେଶ୍ୱର ଲାୟନ୍ସ କ୍ଲବ ସଭାପତି ଶିବ ପୋଦାର, ହସ୍ପିଟାଲ ପରିଚାଳନା କମିଟିର ସହ ଅଧକ୍ଷ ସଞ୍ଜୟ ଦାସ, ସମ୍ପାଦକ ରାଜେଶ ଖଣ୍ଡେଲୱାଲ, ପୂର୍ବତନ ଅଧକ୍ଷ ଏସବି ଗୁପ୍ତା, ରମେଶ ଗୁପ୍ତା, ସୁନୀଲ ମୋଦି ପ୍ରମୁଖ ଉପସ୍ଥିତ ରହି ଲାୟନ୍ସ କ୍ଲବର ସମାଜଗଠନ ମୂଳକ କାର୍ଯ୍ୟଧାରା ସହିତ ଲାୟନ୍ସ ହସ୍ପିଟାଲର ସ୍ୱାସ୍ଥ୍ୟସେବା ଉପରେ ଆଲୋକପାତ କରିଥିଲେ । ଏହି ନୂତନ କ୍ଲିନିକ ମାଧ୍ୟମରେ ସହର ସମେତ ଗ୍ରାମୀଣ ଅଂଚଳର ଲୋକମାନେ ବିଶେଷ ଲାଭାନ୍ୱିତ ହେବେ ବୋଲି ଲାୟନ୍ସ କ୍ଲବର କର୍ମକର୍ତାମାନେ ଆଶା ବ୍ୟକ୍ତ କରିଥିଲେ । ଏହି କ୍ଲିନିକରେ ଉନ୍ନତ ଯନ୍ତ୍ରପାତି ଓ ପ୍ରଯୁକ୍ତି ସହିତ ସୁଲଭମୂଲ୍ୟରେ ଉଚ୍ଚମାନର ଚକ୍ଷୁ ଚିକିତ୍ସା ସେବା ପ୍ରଦାନ ପାଇଁ ଅନୁଭବୀ ଡାକ୍ତରମାନେ ପ୍ରତିବଦ୍ଧ ରହିଛନ୍ତି ବୋଲି ସେମାନେ ସୂଚନା ଦେଇଥିଲେ । ଅନୁଭବୀ ରେଟିନା ବିଶେଷଜ୍ଞ ଡାକ୍ତର ସୁନୀଲ ଦାସ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ରେଟିନା ଜନିତ ଦୃଷ୍ଟି ଦୋଷର କାରଣ, ଚିକିତ୍ସା ପ୍ରଣାଳୀ ଏବଂ ବାଲେଶ୍ୱର ଲାୟନ୍ସ ଆଇ ହସପିଟାଲରେ ଉପଲବ୍‌?ଧ ସେବା ସମ୍ପର୍କରେ ସୂଚିତ କରିଥିଲେ । ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ କାର୍ଡଧାରୀମାନେ ବିନା ଖର୍ଚ୍ଚରେ କଟକ ବା ଭୁବନେଶ୍ୱର ବଦଳରେ ବାଲେଶ୍ୱରରେ ରେଟିନା ସର୍ଜରୀ ଭଳି ସ୍ୱାସ୍ଥ୍ୟସେବା ପାଇ ପାରିବେ ବୋଲି ଡାକ୍ତର ଦାସ ପ୍ରକାଶ କରିଥିଲେ । ବାଲେଶ୍ୱର ଲାୟନ୍ସ କ୍ଲବର ବହୁ ସଦସ୍ୟ ଏହି ଉଦଘାଟନୀ ଉତ୍ସବରେ ଯୋଗଦେଇଥିଲେ ।

## ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ବାଲେଶ୍ୱର,(ନି.ପ୍ର.) ଆଜି ପୂର୍ବାହ୍ନରେ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ ଏବଂ ଜ୍ିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷଙ୍କ ମିଳିତ ପ୍ରୟାସରେ ଚିତେଇ ଗ୍ରାମ ପଂଚାୟତ ଅନ୍ତର୍ଗତ ସଭା ଗୃହ ଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆର.ଡି.ସି, ବାହାନଗା ସହଯୋଗରେ ଗ୍ରାମ୍ୟ ସ୍ୱେଚ୍ଛାସେବୀଙ୍କ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି । ଆର.ଡି.ସି, ବାହାନଗା ଓ ବାହାନଗା ପଂଚାୟତ ସମିତିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାତ ଦିନ ବ୍ୟାପୀ ଅନୁଷ୍ଠିତ ଏହି ଶିବିର ଜିଲ୍ଲା ଜରୁରିକାଳୀନ ବିଭାଗ ଦ୍ୱାରା ଆୟୋଜିତ ହେଉଛି । ଏହି ଶିବିରରେ ବାହାନଗା ବ୍ଲକର ଚିତେଇ ପଂଚାୟତର ୫ଟି ଗାଁର ୪୦ ଜଣ ସ୍ୱେଚ୍ଛାସେବୀ ତାଲିମ ନେଉଛନ୍ତି । ଜ୍ିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରୀ ଚିନ୍ମୟ କୁମାର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଇଦ୍‌?ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପ୍ରକଳ୍ପ ସଂଯୋଜକ(ଓସଡାମା) ଶ୍ରୀ ଅବନୀକାନ୍ତ ଭୂୟାଁ, ଆର.ଡି.ସି, ବାହାନଗା ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭାପତି ଓ ଉପ ସଭାପତି ଉପସ୍ଥିତ ଥିଲେ । ଜ୍ିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରୀ ଚିନ୍ମୟ କୁମାର ରାଉତ ଯୋଗଦେଇ ଶିବିରାର୍ଥୀଙ୍କ ଉଦ୍ଦେଶ୍ୟରେ ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ପ୍ରତ୍ୟେକ ଜୀବନ ମୂଲ୍ୟବାନ ସ୍ଲୋଗାନ ଆଧାରରେ ସରକାର ଏବେ ଗ୍ରାମାଂଚଳର ସ୍ୱେଚ୍ଛାସେବୀ ଚିହ୍ନଟ କରି ତାଲିମ ଦେବା ସହ ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା ଯୋଜନା ତିଆରି କରି ତାହାର କାର୍ଯ୍ୟାନୁଷ୍ଠାନ ଉପରେ ଗୁରୁତ୍ୱ ଦେବା ସହ ଏହା ଗ୍ରାମ ବିକାଶକୁ ତ୍ୱରାନ୍ୱିତ କରିବ ବୋଲି ଉପସ୍ଥିତ ଅଧିକାରୀ ମତବ୍ୟକ୍ତ କରିଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପ୍ରିୟ ରଞ୍ଜନ ରାଉତ, ବୁବୁନ ମହାନ୍ତି ଓ ମାଧବୀଲତା



ସେନାପତି ପ୍ରଶିକ୍ଷକ ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ପ୍ରାକୃତିକ ଓ ମନୁଷ୍ୟକୃତ ବିପର୍ଯ୍ୟୟର ସମ୍ଭାବନାକୁ ଆଖି ଆଗରେ ରଖି ସନ୍ଧାନ, ଉଦ୍ଧାର ଓ ପ୍ରାଥମିକ ଉପଚାର ବିଷୟରେ କୌଶଳ ମାନ ଶିକ୍ଷାଦାନ କରୁଛନ୍ତି । ଶିବିର ଆସନ୍ତା ୦୧ ଜୁନ ତାରିଖ ଯାଏ ଚାଲିବ । କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ସରସ୍ୱତୀ ଜେନା ପରିଚାଳନା କରୁଛନ୍ତି ।

# ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ



ନୟାଗଡ଼(ନିପ୍ର) : ଓଡ଼ଗାଁ ବ୍ଲକ ସମ୍ମିଳନୀ କକ୍ଷରେ ବିଡିଓ ଓ ତହସିଲଦାରଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ମଙ୍ଗଳବାର ଦିନ ନୟାଗଡ଼ ଓ ରଣପୁର ନିର୍ବାଚନ ମଣ୍ଡଳୀ ର ସମସ୍ତ ବୁଥ୍ ସ୍ତରୀୟ ଅଧିକାରୀ ଓ ସୁପରଭାଇଜର ମାନଙ୍କୁ ନେଇ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମରେ ବିଡ଼ିଓ ପ୍ରିତୀବାଳା ରଣା ଓ ତହସିଲଦାର ଡ. ମାନସରଞ୍ଜନ ଭୋଇ କିପରି ବି.ଏଲ୍.ଓ. ମାନେ ଘରକୁଘର ବୁଲି ତା ୩୦.୫.୨୬ ରିଖ ଠାରୁ ତା ୨୮.୬.୨୬ ରିଖ ପର୍ଯ୍ୟନ୍ତ ଭୋଟରମାନଙ୍କୁ ଫର୍ମ ବଂଟନ କରି ଉପଯୁକ୍ତ ତଥ୍ୟ ସଂଗ୍ରହ କରିବେ । ସେ ବିଷୟରେ ବିଷଦ ଭାବରେ ବୁଝାଇଥିଲେ । ବି.ଏଲ୍. ଓ. ମାନଙ୍କୁ ସହଯୋଗ ପାଇଁ ପାଂଚ ଜଣ ଲେଖାଏଁ ସରକାରୀ କର୍ମଚାରୀଙ୍କୁ ସ୍ୱେଚ୍ଛାସେବୀ ଭାବରେ ନିୟୋଜିତ କରାଯାଇଛି । ଏହି କାର୍ଯ୍ୟକ୍ରମ କିପରି ଅନାୟାସରେ ସଫଳ ହେବ ସେଥିପାଇଁ ସଭିଏଁ ଭୋଟର ମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବେ । କେହି ଉପଯୁକ୍ତ ଭୋଟର ଯେପରି ବାଦ୍ ନପଡନ୍ତି ସେଥିପାଇଁ ଗୁରୁତ୍ୱ ଦେବା ସହିତ ନୂତନ ଭୋଟର ମାନଙ୍କୁ ଯୋଗ କରିବା ପାଇଁ ଅତିରିକ୍ତ ନିର୍ବାଚନ ଅଧିକାରୀ ମାନେ ଆହ୍ୱାନ ଦେଇଥିଲେ । ଯେଉଁମାନେ ବିଦେଶୀ ଭୋଟର ଉପଯୁକ୍ତ ପ୍ରମାଣ ଦେଖେଇ ନପାରିଲେ ଭୋଟରତାଲିକାରୁ ବାଦ୍ ପଡିବାର ସମ୍ଭାବନା ଅଛି । ଏଥିପାଇଁ ୧୧ଟି ଡକ୍ୟୁମେଂଟ ର ଆବଶ୍ୟକତା ରହିଛି ତେଣୁ ସେମାନେ ସ୍ଥାନୀୟ ବି.ଏଲ୍. ଓ. ଙ୍କ ଠାରୁ ଉକ୍ତ ଡକ୍ୟୁମେଂଟ୍ ବିଷୟରେ ବୁଝି ପ୍ରସ୍ତୁତ ରଖିବା ପାଇଁ ଅଧିକାରୀ ମାନେ ବୁଝାଇଥିଲେ । ଉକ୍ତ ତାଲିମ କାର୍ଯ୍ୟକ୍ରମ ରେ ମହିଳା ଓ ଶିଶୁ କଲ୍ୟାଣ ବିକାଶ ଅଧିକାରୀ ଲହଡ଼ିମାଳା ପ୍ରଧାନ, ଅଙ୍ଗନବାଡ଼ି ସୁପରଭାଇଜର ଏବଂ ସମସ୍ତ ବି.ଏଲ୍. ଓ. ସୁପରଭାଇଜର ମାନେ ଉପସ୍ଥିତ ଥିଲେ ।ରଞ୍ଜନ କୁମାର ଦାଶ, ଦେବାଶିଷ ଦାଶ, ସୁଶେନ୍ଦୁ ଷଡ଼ଙ୍ଗୀ ଓ ଲଳିତ ମୋହନ ମିଶ୍ର ସହଯୋଗ କରିଥିବା ବେଳେ ଗ୍ରାମ ପଂଚାୟତ ଉନ୍ନୟନ ଅଧିକାରୀ ବିଶ୍ୱଜିତ୍ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବିଷାକ୍ତ ପାଉଁଶ ଗଦାକୁ ନେଇ ଚିନ୍ତା

କଳିଙ୍ଗନଗର(ନିପ୍ର) : ଦାନଗଦି ବ୍ଲକ ଅନ୍ତର୍ଗତ ଧୂଳିଗଡ ପଂଚାୟତର ମାନଗୋବିନ୍ଦପୁର ଗ୍ରାମ ନିକଟରେ ବହୁ ପରିମାଣର ବର୍ଜ୍ୟ ପାଉଁଶ ଗଚ୍ଛିତ ହୋଇଥିବାକୁ ନେଇ ସ୍ଥାନୀୟ ଅଂଚଳରେ ଚିନ୍ତା ପ୍ରକାଶ ପାଇଛି । ପବନରେ ପାଉଁଶ ଉଡ଼ି ବାୟୁ ପ୍ରଦୂଷଣ ସୃଷ୍ଟି ହେଉଥିବା ଓ ଏଥିରୁ ଲୋକମାନଙ୍କ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡୁଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଜନବସତି ଓ ବିଦ୍ୟାଳୟ ନିକଟରେ ପାଉଁଶ ଗଦା କରାଯାଇଥିବା ବେଳେ ରାତି ସମୟରେ ଏହାର ପରିବହନ ଓ ବିକ୍ରି କାର୍ଯ୍ୟ ଚାଲୁଥିବା ନେଇ ସନ୍ଦେହ ପ୍ରକାଶ ପାଉଛି । କେଉଁ ସଂସ୍ଥା କିମ୍ବା ବ୍ୟକ୍ତି ଏହି କାର୍ଯ୍ୟ କରୁଛନ୍ତି ଓ ଏଥିପାଇଁ ସମ୍ବନ୍ଧିତ ବିଭାଗର ଅନୁମତି ରହିଛି କି ନାହିଁ, ତାହାକୁ ନେଇ ପ୍ରଶ୍ନ ଉଠିଛି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ବାୟୁ ପ୍ରଦୂଷଣ ସମସ୍ୟାକୁ ନେଇ ପୂର୍ବରୁ ମଧ୍ୟ ବିଭିନ୍ନ ସମୟରେ ଗଣ ମାଧ୍ୟମରେ ଖବର ପ୍ରକାଶ ପାଇଥିଲେ ମଧ୍ୟ ଦୃଢ଼ ପଦକ୍ଷେପ ଗ୍ରହଣ ହୋଇନାହିଁ । ଏହାର ଫଳରେ କିଛି ଅସାଧୁ ବ୍ୟକ୍ତି ପାଉଁଶ ଗଚ୍ଛିତ ଓ ବିକ୍ରି କରି ଲାଭବାନ ହେଉଥିବା ବେଳେ ସାଧାରଣ ଲୋକ ବିଭିନ୍ନ ଶ୍ୱାସକୋଷ ଓ ଅନ୍ୟାନ୍ୟ ରୋଗରେ ପୀଡ଼ିତ ହେଉଥିବା କୁହାଯାଉଛି । କିଛି ସ୍ଥାନୀୟ ବ୍ୟକ୍ତି ସୁଆଁଳ ଗ୍ରାମରେ ପୂର୍ବରୁ ବାୟୁ ପ୍ରଦୂଷଣ ସମସ୍ୟା ନେଇ ଚିନ୍ତାଜନକ ପରିସ୍ଥିତି ଦେଖାଦେଇଥିବା ଦାବି କରିଥିବା ବେଳେ, ମାନଗୋବିନ୍ଦପୁରରେ ପୁଣି ସେହି ପରି ପରିସ୍ଥିତି ସୃଷ୍ଟି ହେବାକୁ ନେଇ ଆଶଙ୍କା ପ୍ରକାଶ ପାଉଛି । ଅନ୍ୟପଟେ, ଆଂଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଭୂମିକାକୁ ନେଇ ମଧ୍ୟ କିଛି ସ୍ଥାନୀୟ ବ୍ୟକ୍ତି ଅସନ୍ତୋଷ ପ୍ରକାଶ କରିଛନ୍ତି । ତେବେ ଏହି ଅଭିଯୋଗ ସମ୍ପର୍କରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କିମ୍ବା ସମ୍ବନ୍ଧିତ ପ୍ରଶାସନିକ ଅଧିକାରୀଙ୍କ ପକ୍ଷରୁ କୌଣସି ଅଧିକୃତ ପ୍ରତିକ୍ରିୟା ମିଳିନାହିଁ । ସ୍ଥାନୀୟ ଲୋକ ମାନେ ଏହି ଘଟଣାର ତଦନ୍ତ କରି ଅବୈଧ ଭାବେ ପାଉଁଶ ଗଚ୍ଛିତ ଓ ପରିବହନ ହେଉଥିଲେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି ।

# ପଂଚାୟତି ରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀଙ୍କ ଜିଲ୍ଲାପାଳ ସଦ୍‌ଭାବନା ସଭା ଗୃହ ଠାରେ ସମୀକ୍ଷା



ନୂଆପଡ଼ା(ନିପ୍ର) : ନୂଆପଡ଼ା ଜିଲ୍ଲା କୁ ଓଡ଼ିଶା ପଂଚାୟତି ରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ଆସି ଜିଲ୍ଲାପାଳ ସଦଭାବନା ସଭା ଗୃହ ଠାରେ ସମୀକ୍ଷା ବୈଠକ ରେ ଯୋଗଦାନ କରିଥିଲେ । ଭିତିଭୂମିର ବିକାଶ ସାଙ୍ଗକୁ ସରକାରଙ୍କ ଜନ୍ କଲ୍ୟାଣ ଯୋଜନା ହିତାଧିକାରୀଙ୍କ ନିକଟକୁ ପହଂଚାଇବା ପାଇଁ କାମ କରିବାକୁ ମନ୍ତ୍ରୀ ଶ୍ରୀ ନାଏକ ଆହ୍ୱାନ କରିଥିଲେ । ଜିଲ୍ଲାରେ ପାନୀୟ ଜଳ ସମସ୍ୟା ସୁଧାର ଆସିଥିବା ବେଳେ ଆସନ୍ତା ଦିନରେ ପାନୀୟ ଜଳ ପ୍ରକଳ୍ପ ଭିତିଭୂମି ବିକାଶ କରିବା ପାଇଁ ଆହ୍ୱାନ କରିଥିଲେ । ସେହିପରି ବୈଠକ ରେ ଜିଲ୍ଲାପାଳ ମଧୁସୂଦନ ଦାଶ, ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ, ନୂଆପଡ଼ା ବିଧାୟକ ଜୟ ଢୋଲକିଆ, ବିଭାଗୀୟ ଅଧିକାରୀ ମାନେ ଯୋଗ ଦେଇ ନିଜ ବିଭାଗର ଅଗ୍ରଗତି ଏବଂ ସଫଳ ଯୋଜନା ଉପରେ ଆଲୋକ ପାତ କରିଥିଲେ । ମନ୍ତ୍ରୀ ସମୀକ୍ଷା ବୈଠକ ରେ ଯୋଗ ଦେଇ ବିଜେପି ଦଳୀୟ ପଣ୍ଡିତ ଦୀନଦୟାଲ ଉପାଧ୍ୟେୟ କର୍ମକର୍ତା ତାଲିମ ଶିବିର ରେ ଯୋଗ ଦେବେ । ସଡ଼କ ପଥରେ ପାଟଣାଗଡ ଦେଇ ବଲାଙ୍ଗୀର ଜିଲ୍ଲା ଗସ୍ତ କରିବେ ବୋଲି ସୂଚନା ମିଳିଛି ।

# ଜିଲ୍ଲା ବିଜେଡି ତରଫରୁ ପେଟ୍ରୋଲ ଡିଜେଲ ଦର ବୃଦ୍ଧି ନେଇ ବିକ୍ଷୋଭ



ନୂଆପଡ଼ା(ନିପ୍ର) : ଖଡିଆଳ ବିଧାୟକ ଅଧୀରାଜ ପାଣିଗ୍ରାହୀଙ୍କ ନେତୃତ୍ୱରେ ଜିଲ୍ଲା ଛାତ୍ର ବିଜେଡି ମହିଳା ବିଜେଡି ସାମୂହିକ ଭାବରେ ଖଡିଆଳ ଭାରତ ପେଟ୍ରୋଲ ପମ୍ପ ଠାରେ ଦେଶରେ ପେଟ୍ରୋଲ ଡିଜେଲ ଦର ବୃଦ୍ଧି ନେଇ ବୀକ୍ଷୋପ ପ୍ରଦର୍ଶନ କରିଥିଲେ । ମଧ୍ୟ ପ୍ରାଚୀ ରେ ଯୁଦ୍ଧ ଚାଲୁଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୁନା ନ କିଣିବା, ଯାନ ବାହନ କମ ବ୍ୟବହାର କରିବା ବିଦେଶ ଯାତ୍ରାନ କରିବା ଉପରେ କହିଥିବା ବୟାନ କୁ ଆକ୍ଷେପ କରିଥିଲେ । ଓଡ଼ିଶାରେ ବିଜେପି ସରକାର କରିବା ପୂର୍ବରୁ ବିଜେପି ସଭାପତି ମନମୋହନ ସାମଲ ପେଟ୍ରୋଲ ଓ ଡିଜେଲ କୁ ଜିଏସଟି ଅନ୍ତର୍ଭୁକ୍ତ କରିବାକୁ ବୟାନ ଦେଇଥିବା କଥାକୁ ବର୍ତମାନ ଲାଗୁ କରିବା ପାଇଁ ଅନୁରୋଧ କରିଥିଲେ । ପେଟ୍ରୋଲ ଡିଜେଲ ଦର ବୃଦ୍ଧି ପାଇଁ ସବୁ ପ୍ରକାର ସାମଗ୍ରୀ ଦର ବୃଦ୍ଧି ହେବାରୁ ସାଧାରଣ ଜୀବନ ଯାପନ ରେ ବାଧା ହେଉଛି ବୋଲି କହିଥିଲେ । ଏହି ବିକ୍ଷିପ ପ୍ରଦର୍ଶନୀ ରେ ଜିଲ୍ଲା ବିଜେଡି ନେତ୍ରୀ ସନ୍ତୋଷିନି ସଲମା ସମେତ ଅନେକ ବିଜେଡି ସମର୍ଥକ ମହିଳା ମାନେ ଯୋଗ ଦେଇଥିବା ସହ ବିଜେଡି ଛାତ୍ର ଜିଲ୍ଲା ସଭାପତି ମନୋଜ ଦୀପ, କପିଳେନ୍ଦ୍ର ଭୋଇ ଯାଦବ, ଅକ୍ଷୟ ନନ୍ଦ, ଜିଲ୍ଲାପରିଷଦ ସଭ୍ୟ ଚିତ ବେହେରା, ହିରାଧର ମେହେର, ବଡ, ସାନ ଜଗତ, ସୁବେର ସିଂଦେଓ, ମନୋଜ ଶୁଣାଣି । ୟମିନ ଖାଁ, ସରପଂଚ ମଥାମଣି ମଣି ତାଣ୍ଡି, ବିକ୍ରମ ତାଣ୍ଡି, ସରପଂଚ ସନ୍ତୋଷ ମିଶ୍ର, ୟାସିନ ମହମ୍ମଦ, ସରପଂଚ କୁନୁଚରଣ ବେହେରା, ସରପଂଚ ବୃନ୍ଦାବନ ବାଗ ସମେତ ଅନେକ ବିଜେଡି କର୍ମୀ ଉପସ୍ଥିତ ଥିଲେ ।

# ଅଗ୍ନିକାଣ୍ଡରେ ଜଳି ଗଲା ଦୁଇ ବଖରା

ସୋର(ନିପ୍ର) : ସୋର ପୌରାପାଳିକା ଅନ୍ତର୍ଗତ କାଜିମହଲା ଗ୍ରାମରେ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଘର ପୋଡି ପାଉଁଶ ହୋଇଯାଇଛି । ସୁଚନା ଅନୁସାରେ ଆଜି ମଧ୍ୟାହ୍ନରେ କାଜିମହଲା ଗ୍ରାମର ଶେଖ ସଲାଲଉଦ୍ଦିନଙ୍କ ଘରେ କୌଣସି କାରଣରୁ ହଠାତ ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ଅଗ୍ନିଶମ ବିଭାଗର କର୍ମଚାରୀ ଘଟଣା ସ୍ଥଳରେ ପହଂଚି ନିଆଁକୁ ଆୟତ କରିଥିବା ବେଳେ ସେତେବେଳକୁ ଶେଖ ସଲାଲଉଦ୍ଦିନଙ୍କର ୧ବଖରା ଓ ଶେଖ ସାଏବଙ୍କ ୧ବଖରା ଘର ପୋଡି ପାଉଁଶ ହୋଇଯାଇଥିଲା । ଉଭୟ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇବାକୁ ଗ୍ରମାବାସୀମାନେ ଦାବି କରିଛନ୍ତି । ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଅଛି ।


## ଭାରତୀୟ ପ୍ରାଦ୍ୟୋଗିକ ସଂସ୍ଥାନ କାନପୁର

ଯୋଗ୍ୟ ଭାରତୀୟ ନାଗରିକଙ୍କ ଠାରୁ ନିୟମିତ ଭିତିରେ ଅଣ-ଶିକ୍ଷକ ପଦବୀରେ ନିଯୁକ୍ତି ପାଇଁ ଭାରତୀୟ ପ୍ରାଦ୍ୟୋଗିକ ସଂସ୍ଥାନ କାନପୁର ଦରଖାସ୍ତ ଆହ୍ୱାନ କରୁଛନ୍ତି । ସବିଶେଷ ବିଜ୍ଞାପନ ପାଇଁ ଦୟାକରି ସଂସ୍ଥାର ୱେବ୍‌ସାଇଟ୍: https://iitk.ac.in/recruitment ଦେଖନ୍ତୁ । ଆଗ୍ରହୀ ପ୍ରାର୍ଥୀଗଣ ଅନ୍‌ଲାଇନ ମାଧ୍ୟମରେ **୪ ଜୁନ ୨୦୨୬ରୁ ୩ ଜୁଲାଇ ୨୦୨୬** ପର୍ଯ୍ୟନ୍ତ ଆବେଦନ କରିପାରିବେ ।

**ବିଜ୍ଞାପନ ସଂ. ୧/୨୦୨୬**

**କୁଳ ସଚିବ** cbc 21241/11/0004/2627


## NOTICE

By virtue of an affidavit sworn before Executive Magistrate Balasore, dated 26.05.2026 I, Kalpana Sahu, Address At.-Kuradiha, Po-Solapata, Ps-Basta, Dist.-Balasore, Odisha-756027 declare that I have changed my daughter's name from Pratyush Sahu to Pratyusha Sahu. Henceforth, she shall be known as Pratyusha Sahu for all purposes.

Sd/-
Kalpana Sahu

## NOTICE

By virtue of an affidavit sworn before Executive Magistrate Balasore, dated 26.05.2026 I, Anjana Marandi, Address At.-Balka, Po-Balka, Ps-Baisinga, Dist.-Mayurbhanj, Odisha-757082 declare that I have changed my daughter's name from Dudam Marandi to Sudam Marandi. Henceforth, she shall be known as Sudam Marandi for all purposes.

Sd/-
Anjana Marandi

## ଖଡ଼ଗପୁର ଡିଭିଜନ ଉପରେ ଟିକିରାପାଲ (ଟିକେପିଏଲ୍) ପି.ଏଚ୍.ରେ ହଲ୍ଟ ଠିକାଦାରଙ୍କ ନିଯୁକ୍ତି

ବିଜ୍ଞପ୍ତି ନମ୍ବର. କୋମ/ଜିଓ୦/ପିଏଚ/ସିଓଆରଆରଇଏସ/ପିଟି.ଆଇ ତାରିଖ: ୨୫.୦୫.୨୦୨୬ ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ, ଦକ୍ଷିଣ ପୂର୍ବ ରେଳବାଇ, ଖଡ଼ଗପୁରର ବରିଷ୍ଠ ଡିଭିଜନାଲ କମର୍ସିଆଲ୍ ମ୍ୟାନେଜର, ଖଡ଼ଗପୁର ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁସାରେ ଖଡ଼ଗପୁର (ଟିକେପିଏଲ୍)-ଭଦ୍ରକ(ବିଏଚ୍‌ସି)ସେକ୍ସନରେ ହଳଦୀପଦା (ଏଚ୍‌ଆଇପି)-ବାଲେଶ୍ୱର (ବିଏଲ୍‌ଏସ୍) ଷ୍ଟେସନ ମଧ୍ୟରେ ଟିକିରାପାଲ(ଟିକେପିଏଲ) ପି.ଏଚ୍.ରେ ଯାତ୍ରୀ/ମାନଙ୍କୁ ଅଣସଂରକ୍ଷିତ ଟିକେଟ୍ ବିକ୍ରୟ ପାଇଁ ହଲ୍ଟ ଠିକାଦାରଙ୍କ ନିଯୁକ୍ତି ପାଇଁ ଆବେଦନ ଆମନ୍ତ୍ରଣ କରୁଛନ୍ତି: ରେଳ ଯାତ୍ରୀ ହଲ୍ଟ ଷ୍ଟେସନର ନାମ: ଟିକିରାପାଲ (ଟିକେପିଏଲ) । ମଧ୍ୟରେ ହଲ୍ଟ/ଷ୍ଟେସନ: ହଳଦୀପଦା (ଏଚ୍‌ଆଇପି)-ବାଲେଶ୍ୱର (ବିଏଲ୍‌ଏସ୍) । ଚୁକ୍ତିନାମା ଅବଧି: ୦୫ (ପାଂଚ) ବର୍ଷ । ଆବେଦନ/ଟେଣ୍ଡର ଦାଖଲ ତାରିଖ: ୧୦.୦୦ ଘଂଟାରୁ ୧୫.୦୦ ଘଂଟା । ୨୪.୦୬.୨୦୨୬ ତାରିଖ । ଆବେଦନ/ଟେଣ୍ଡର ବାକ୍ସ ଖୋଲିବାର ତାରିଖ: ୨୪.୦୬.୨୦୨୬ ତାରିଖ ଦିନ ୧୫.୩୦ ଘଂଟା । ସ୍ଥାନ: ବରିଷ୍ଠ ବାଣିଜ୍ୟିକ ପ୍ରବନ୍ଧକଙ୍କ କାର୍ଯ୍ୟାଳୟ, ଖଡ଼ଗପୁର, ଏସ୍.ଇ. ରେଳବାଇ, ଡିଆରଏମ୍ କୋଠା, ଖଡ଼ଗପୁର, ଜିଲ୍ଲା - ପର୍ଶ୍ଚିମ ମେଦିନୀପୁର (ପର୍ଶ୍ଚିମ ବଙ୍ଗ)-୭୨୧୩୦୧ । ଯୋଗ୍ୟତା ମାନଦଣ୍ଡ, ସ୍ଥାନ, ଆବେଦନର ଫର୍ମାଟ୍ ଏବଂ ଅନ୍ୟାନ୍ୟ ବିବରଣୀ **www.ser. indianrailways.gov.in** ୱେବସାଇଟ୍ ରେ ଉପଲବ୍ଧ । ଏହି ଟେଣ୍ଡର ସମ୍ବନ୍ଧୀୟ ଯେକୌଣସି ପ୍ରଶ୍ନ ଯେକୌଣସି ସାଧାରଣ କାର୍ଯ୍ୟ ଦିବସରେ କାର୍ଯ୍ୟ ସମୟରେ ବରିଷ୍ଠ ବାଣିଜ୍ୟିକ ପ୍ରବନ୍ଧକଙ୍କ କାର୍ଯ୍ୟାଳୟ, ଦକ୍ଷିଣ ପୂର୍ବ ରେଳବାଇ, ଖଡ଼ଗପୁର ଆଟ-ଡିଆରଏମ୍ କୋଠା, ଖଡ଼ଗପୁର, ଜିଲ୍ଲା - ପର୍ଶ୍ଚିମ ମେଦିନୀପୁର (ପର୍ଶ୍ଚିମ ବଙ୍ଗ)-୭୨୧୩୦୧ ରୁ ପାଇପାରିବେ । **ବି.ଦ୍ର:** ଦୟାକରି ଏହା ଉଲ୍ଲେଖ କରନ୍ତୁ ଯେ ଯଦି ଟେଣ୍ଡର ବାକ୍ସ ଖୋଲିବା/ଦେବା ତାରିଖ ଦିନ ରାଷ୍ଟ୍ର/ରାଜ୍ୟ କର୍ତୃପକ୍ଷଙ୍କ କୌଣସି ଆଦେଶ ଦ୍ୱାରା ସାଧାରଣ ଜୀବନ/କାର୍ଯ୍ୟକଳାପ ବାଧାପ୍ରାପ୍ତ ହୁଏ, ତେବେ ଏହାକୁ ସ୍ଥଗିତ ରଖାଯିବ । ତା'ପରେ ଟେଣ୍ଡର ବାକ୍ସ ଖୋଲିବା/ଦେବାର ତାରିଖ ପରବର୍ତୀ ସାଧାରଣ କାର୍ଯ୍ୟ ଦିବସରେ ସମାନ ସ୍ଥାନ ଏବଂ ସମୟରେ ପୁନଃନିର୍ଦ୍ଧାରିତ କରାଯିବ ।

(PR-231) **ବରିଷ୍ଠ ଡିଭିଜନାଲ କମର୍ସିଆଲ୍ ମ୍ୟାନେଜର, ଖଡଗପୁର**

**ଦକ୍ଷିଣପୂର୍ବ ରେଳପଥ**
*ସହର୍ଷେ ସମସ୍ତଙ୍କ ସେବାରେ*

No. 34001/260/2627

WORKS DEPARTMENT
OFFICE OF THE SUPERINTENDING ENGINEER
MAYURBHANJ (R & B) DIVISION, BARIPADA
e-mail - bpd_eerb@rediffmail.com
Government of Odisha "e" Procurement Notice
Bid Identification No.-S.E.-06/2026-27

1. Number of works - **Building work & Electrical work**
2. Approximate estimated cost: - **6.83 lakh to 58.83 lakh**
3. Period of Completion :- **01 (One) & 02 (Two) Calendar Months**
4. Date & Time of availability of bid documents in the portal:- **Dt. 30.05.2026 to 10.06.2026**
5. Last Date / Time of receipt of bid in the portal :- **Dt. 10.06.2026 up to 5.00 PM**
6. Date of Opening of bid:- **Dt. 11.06.2026 at 11.00 AM**
7. Name & address of the Office inviting bid :- Superintending Engineer, Mayurbhanj (R&B) Division, Baripada
   Further details can be seen from the e-procurement portal http://www.tendersodisha.gov.in

Sd/- R.G Ray
Superintending Engineer
Mayurbhanj (R&B) Division

OIPR. 34001/34025/1/26-27/0005

# ପୂର୍ବ ସରକାରରେ ବିବାଦରେ ଥିବା ସଂସ୍ଥାକୁ ନୂଆ ସରକାରରେ ମଧ୍ୟ କୋଟି କୋଟିର କାମ

କଳିଙ୍ଗନଗର/ଭୁବନେଶ୍ୱର (ନିପ୍ର) : ରାଜ୍ୟରେ ପୂର୍ବ ସରକାର ସମୟରେ ଏକ ନିର୍ଦ୍ଦିଷ୍ଟ ସଂସ୍ଥା ଔଉଖ କୁ ବିଭିନ୍ନ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କାର କାର୍ଯ୍ୟାଦେଶ ମିଳିଥିବା ବେଳେ, ସେହି ସଂସ୍ଥାର କାର୍ଯ୍ୟ ପ୍ରଣାଳୀକୁ ନେଇ ପୁଣିଥରେ ପ୍ରଶ୍ନ ଉଠିଛି । ସାଧାରଣ ମହଲରେ ଚର୍ଚ୍ଚା ହେଉଛି ଯେ, ସରକାର ପରିବର୍ତନ ହେବା ସତ୍ୱେ ଉକ୍ତ ସଂସ୍ଥାକୁ ଏବେ ମଧ୍ୟ ପ୍ରାଥମିକତା ଦିଆଯାଉଛି । ଅଭିଯୋଗ ଅନୁଯାୟୀ, ସଂସ୍ଥାଟି ବହୁ କାର୍ଯ୍ୟ ସମୟ ସୀମା ମଧ୍ୟରେ ସମାପ୍ତ କରିପାରିନଥିବା ବେଳେ କିଛି କାର୍ଯ୍ୟର ମାନ ନିମ୍ନସ୍ତରୀୟ ଥିବା ନେଇ ପୂର୍ବରୁ ବିଭିନ୍ନ ମହଲରେ ଆଲୋଚନା ହୋଇଥିଲା । ପୂର୍ବ ସରକାରର କିଛି ମନ୍ତ୍ରୀ ଓ ନେତାମାନେ ମଧ୍ୟ ସାର୍ବଜନିକ ଭାବେ କାର୍ଯ୍ୟ ମାନକୁ ନେଇ ଅସନ୍ତୋଷ ପ୍ରକାଶ କରିଥିବା କୁହାଯାଉଛି । ଏହା ସହିତ, କାର୍ଯ୍ୟାଦେଶ ପାଇବା ପରେ ସଂସ୍ଥାଟି ଅନ୍ୟ ସଂସ୍ଥାଙ୍କୁ କାମ ଦେଇଦେଉଥିବା ଓ ମୂଳ ଠିକାଦାର ଭାବେ ନିଜେ କାର୍ଯ୍ୟ କରୁନଥିବା ଅଭିଯୋଗ ମଧ୍ୟ ଆସୁଛି । ଅନ୍ୟପଟେ, ଯେଉଁ ବିଭାଗ ଅଧୀନରେ କାମ ହେଉଛି ସେଠାରେ ଅଧିକାରୀମାନଙ୍କର ଯଥେଷ୍ଟ ତଦାରଖ ନଥିବାକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି । ବିଶେଷକରି ଖଣିଜ ପାଣ୍ଠି ଅର୍ଥାତ୍ ଡଗର ତହବିଲରୁ ଏହି ସଂସ୍ଥା ସର୍ବାଧିକ କାମ କରିଥିବା ବେଳେ, ୫-ଟି ସ୍କୁଲ ସହ ଅନେକ ପ୍ରକଳ୍ପର ମାନ ଓ କାର୍ଯ୍ୟ ପ୍ରଣାଳୀକୁ ନେଇ ପୂର୍ବରୁ ବିବାଦ ଦେଖାଦେଇଥିଲା । ଏହାକୁ ନେଇ ପୂର୍ବ ସରକାର ବଦନାମ ହୋଇଥିବା ଚର୍ଚ୍ଚା ହୋଇଥିବା ବେଳେ, ବର୍ତମାନର "ଲୋକଙ୍କ ସରକାର" କିପରି ପୁଣି ସେହି ସଂସ୍ଥାକୁ ପ୍ରାଥମିକତା ଦେଉଛନ୍ତି ତାହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ଏହି ସମ୍ପର୍କରେ ସରକାର କିମ୍ବା ସଂପୃକ୍ତ ସଂସ୍ଥା ପକ୍ଷରୁ କୌଣସି ଅଧିକୃତ ପ୍ରତିକ୍ରିୟା ମିଳିନାହିଁ । ଯଦି କୌଣସି ପକ୍ଷ ତାଙ୍କ ମତ ରଖିବାକୁ ଚାହାଁନ୍ତି, ତାହାକୁ ମଧ୍ୟ ସମାନ ଗୁରୁତ୍ୱର ସହ ପ୍ରକାଶ କରାଯିବ ।

No. 25001/249/2627

**OFFICE OF THE SUPERINTENDING ENGINEER, RWS&S DIVISION, BALASORE**
**Tel: 06782-262249, email: eerwssbls@gmail.com**
*******

QUOTATION CALL NOTICE NO- 01 OF 2026-27

The Executive Engineer, RWS&S Division, Balasore on behalf of Government of Odisha invites sealed Quotation for derivation of basic rate for the following works as stated below from authorized dealer/ Distributor / Supplier under following terms and conditions.

| | | |
|---|---|---|
| 1 | Nature of work | Supply, erection, installation & commissioning of Iron Removal Plant for tube well and production well including all necessary pipeline work & civil work as per direction of Engineer-in-Charge |
| 2 | No of item | 2 (Two) |
| 3 | The Quotation document will be available in O/O The Superintending Engineer, RWS&S, Division, Balasore | From 20.05.2026 (8 AM) to 28.05.2026 (12.00 Noon) |
| 4 | Last date and time for submission of Quotation papers in the Quotation box kept in the O/O The Superintending Engineer, RWS&S, Division, Balasore | Dt- 28.05.2026 up to 12:00 Noon |
| 5 | Date and time of opening of Quotation | Dt. 28.05.2026 at 1.00 PM in the Office of Executive Engineer, RWS&S, Division, Balasore |

Subsequent corrigendum if any shall appear in the office notice board of the undersigned.

**Note:** The Authority reserves the right to reject any or all the bids without assigning any reasons thereof.

OIPR. 25001/25013/1/26-27/0001

Sd/-
Executive Engineer
RWS&S Division, Balasore





ଅଯଥାରେ ଗର୍ବ କରୁଥିବା ଲୋକଟି ବୁଝିବା ଉଚିତ ଯେ ଶେଷ ସମୟରେ ନିଜ ପ୍ରାଣକୁ ମଧ୍ୟ ସେ ଅଟକାଇ ପାରି ନଥାଏ ।

# ଆଜିକାଲି



ଧୂମେନାବ୍ରିୟତେ ବହ୍ନିର୍ଯଥାଦର୍ଶୋ ମଳେନ ଚ ।
ଯଥୋଲ୍ବେନାବୃତୋ ଗର୍ଭସ୍ତଥା ତେନେଦମାବୃତମ୍
(ଶ୍ରୀମଦ୍ ଭଗବତ୍ ଗୀତା)

ଭାବାର୍ଥ : ଅଗ୍ନି ଯେପରି ଧୂଆଁରେ ଆବୃତ ହୋଇଥାଏ । ଦର୍ପଣ ଯେପରି ଧୂଳିଦ୍ୱାରା ଆବୃତ ହୋଇଥାଏ ତଥା ଗର୍ଭ ଯେପରି ଜରାୟୁ ଦ୍ୱାରା ଆବୃତ ହୋଇ ରହିଥାଏ, ଏହି ଜ୍ଞାନ ସେହିପରି କାମ ଦ୍ୱାରା ଆବୃତ ହୋଇ ରହିଥାଏ ।

## ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ଭାଇଡକ୍ଟ

ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ଏକ ଭଲ ଖବର ସାମ୍ନାକୁ ଆସିଛି । ବର୍ଷବର୍ଷ ଧରି ବନ୍ୟଜନ୍ତୁ ରାସ୍ତାଘାଟରେ ମୃତ୍ୟୁବରଣ କରି ଆସୁଛନ୍ତି । ବିଶେଷକରି ଗାଈଗୋରୁ ଅଧିକ ସଂଖ୍ୟାରେ ବିଭିନ୍ନ କାରଣର ଅକାଳରେ ସେମାନଙ୍କ ଜୀବନ ଯାଉଥିଲା । କିନ୍ତୁ ଏମାନଙ୍କ ସୁରକ୍ଷା ପାଇଁ ରେଳ ବିଭାଗ ପକ୍ଷରୁ ଏକ ଅତ୍ୟାଧୁନିକ ବ୍ୟବସ୍ଥା କରାଯାଇଛି । ବିଶେଷକରି ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ରେଳ ଧାରଣାରେ ବନ୍ୟଜନ୍ତୁମାନେ ରେଳ ଧକ୍କାରେ ପ୍ରାଣ ହରାଇଥିଲେ । ଏ ସମ୍ପର୍କରେ ରେଳ ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଉଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇପାରୁ ନଥିଲା । ପ୍ରଥମଥର ପାଇଁ ଖୋର୍ଦ୍ଧାରୋଡ଼-ବଲାଙ୍ଗୀର ରେଳପଥରେ ଅତ୍ୟାଧୁନିକ ବ୍ୟବସ୍ଥା କରାଯାଇଛି । ଏଣିକି ରେଳଧକ୍କାରେ ଆଉ ଜୀବନି ବନ୍ୟଜନ୍ତୁଙ୍କ ପ୍ରାଣ । ଏଥିପାଇଁ ରେଳ ବିଭାଗ ପକ୍ଷରୁ ରେଳଧାରଣାର ୧୮ ମିଟର ପରିସର ଭିତରେ କଂକ୍ରିଟ ରାସ୍ତାର ବ୍ୟବସ୍ଥା କରାଯାଇଛି । ଏହାଫଳରେ ରେଳଧାରଣା ପାଖକୁ ଯିବା ପୂର୍ବରୁ ଜୀବଜନ୍ତୁମାନେ କିଛି ସମୟ ଅଟକି ରହିବେ । ଏହି ଅତ୍ୟାଧୁନିକ ସୁରକ୍ଷା ପାଇଁ ଏହାର ନାମ ଭାଇଡକ୍ଟ ନାମରେ ନାମିତ କରାଯାଇଛି । ଏହା ନିଶ୍ଚିତ ଭାବେ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ଅତ୍ୟନ୍ତ ଭଲଖବର । ଖୋର୍ଦ୍ଧାରୋଡ଼-ବଲାଙ୍ଗୀର ରେଳପଥ ଭଳି ବିଭିନ୍ନ ରେଳପଥରେ ଏଭଳି ଭାଇଡକ୍ଟ ଲଗାଯିବ ବୋଲି ରେଳ କର୍ତ୍ତୃପକ୍ଷ ନକ୍ସା ପ୍ରସ୍ତୁତ କରିଚାଲିଛନ୍ତି । ପ୍ରତିବର୍ଷ ବହୁ ସଂଖ୍ୟକ ହାତୀ ଗାଈଗୋରୁ ରେଳଧକ୍କାରେ ମୃତ୍ୟୁବରଣ କରିଆସୁଥିଲେ । ଭାଇଡକ୍ଟ ବ୍ୟବସ୍ଥା ସବୁଆଡ଼େ କାର୍ଯ୍ୟକାରୀ ହେଲେ ବନ୍ୟଜନ୍ତୁ ପାଇଁ ସୁରକ୍ଷା ହେବ ବୋଲି ପରିବେଶବିତ୍‌ମାନେ କହିଛନ୍ତି । କେବଳ ଓଡ଼ିଶାରେ ନୁହେଁ ବିଭିନ୍ନ ପ୍ରଦେଶରେ ଜଙ୍ଗଲ ମଧ୍ୟରେ ଯାଇଥିବା ରେଳପଥରେ ମଧ୍ୟ ବହୁ ବନ୍ୟଜନ୍ତୁ ରେଳଧକ୍କାରେ ମୃତ୍ୟୁବରଣ କରୁଥିଲେ । ଯଦି ସାରା ଦେଶରେ ଭାଇଡକ୍ଟ ବ୍ୟବସ୍ଥା କରାଯାଏ ଅକାଳରେ ଯାଉଥିବା ବନ୍ୟଜନ୍ତୁ ମୃତ୍ୟୁମୁଖରେ ବର୍ତିପାରିବେ ଏଥିରେ ଦ୍ୱିମତ ହେବାରନାହିଁ ।

## ବୁଦ୍ଧି ବଢ଼ାଇବାରେ ପାଣିର ଭୂମିକା



▶ ମେଟାବୋଲିଜିମ୍‌କୁ ବଢ଼ାଇଥାଏ- ଓଜନ ହ୍ରାସ ପାଇଁ ଇଚ୍ଛୁକ? ଜଳପାନ ଦ୍ୱାରା ଶରୀରର ଅଧିକ କ୍ଷମତା ଆସିଥାଏ । ଏକ ସର୍ଭେ ରିପୋର୍ଟରୁ ମିଳିଥିବା ତଥ୍ୟ ଅନୁସାରେ ଏଣ୍ଡୋକ୍ରିନୋଲୋଜି ଏବଂ ମେଟାବୋଲିଜିମ୍ ପାନୀୟ ଜଳରେ ଥିବା ଜର୍ନାଲ ଅଫ୍ କ୍ଲିନିକାଲ ପତ୍ରିକାରେ ପ୍ରକାଶିତ ହୋଇଛି । ତେଣୁ ଅଧିକ ପାଣି ପିଉଥିବା ୩୦ ଭାଗ ସୁସ୍ଥ ମହିଳା ଏବଂ ପୁରୁଷଙ୍କର ମେଟାବୋଲିକ୍ ବଢ଼ିଥାଏ । ପାଣି ପିଇବାର ୩୦-୪୦ ମିନିଟ୍ ପରେ ମେଟାବୋଲିକ୍ ର ମାତ୍ରା ବୃଦ୍ଧି ପାଇଥାଏ ।

▶ ହୃତ୍‌ପିଣ୍ଡକୁ ସୁରକ୍ଷା ଦିଏ- ଅଧିକ ପାଣି ପିଇବା ଦ୍ୱାରା ହୃଦ୍‌ଘାତ ହେବାର ଆଶଙ୍କା କମ୍ ଥାଏ । ୬୦ ବର୍ଷର ପରୀକ୍ଷା ପରେ ଆମେରିକାର ଇକିଡେମିଓଲୋଜି ପତ୍ରିକାରେ ପ୍ରକାଶିତ ହୋଇଥିଲା ଦିନକୁ ୨ ଗ୍ଲାସ୍‌ରୁ କମ୍ ପାଣି ପିଉଥିବା ବ୍ୟକ୍ତିଙ୍କଠାରୁ ୫ ଗ୍ଲାସ୍‌ରୁ ଅଧିକ ପାଣି ପିଉଥିବା ବ୍ୟକ୍ତିଙ୍କର ହୃଦ୍‌ଘାତ ହେବାର ସମ୍ଭାବନା କମ୍‌ଥାଏ । ଅଧିକ ମାତ୍ରାରେ ପାଣି ପିଇବା ଦ୍ୱାରା କର୍କଟରୋଗକୁ କମ୍ କରାଯାଇ ପାରିବ । ରିସର୍ଚ୍ଚରୁ ଜଣାପଡ଼ିଛି ଯେ, ହାଇଡ୍ରେଡ୍ ଦ୍ୱାରା ବୃହଦାନ୍ତ୍ର କର୍କଟକୁ ୪୫ ଭାଗ ରୋକାଯାଇପାରିବ, ମୂତ୍ରାଶୟ କର୍କଟ ୫୦ଭାଗ ଏବଂ ସ୍ତନ କର୍କଟକୁ ମଧ୍ୟ ରାକାଯାଇପାରିବ ।

▶ ମୁଣ୍ଡବିନ୍ଧା ଦୂର କରେ- ବୈଜ୍ଞାନିକମାନେ ମାଇଗ୍ରୋନ୍‌କୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରିଛନ୍ତି । ଗୋଟିଏ ପ୍ଲେସବୋ ନେବା ଏବଂ ଅନ୍ୟଟି ଦୈନିକ ୧.୫ଲିଟର ପାଣି ପିଇବା । ଦୁଇ ସପ୍ତାହ ପରେ ଦେଖିବାକୁ ମିଳିଥିଲା ଯେ ପ୍ଲେସ୍‌ବୋ ନେଉଥିବା ଲୋକଙ୍କ ଅପେକ୍ଷା ପାଣି ପିଉଥିବା ଲୋକଙ୍କ ମୁଣ୍ଡବିନ୍ଧା ଦୂର ହୋଇଥିଲା ।

▶ ବୁଦ୍ଧି ବଢ଼ାଇବାରେ ପାଣିର ଭୂମିକା- ଆମ ମସ୍ତିଷ୍କ କାର୍ଯ୍ୟ କରିବା ପାଇଁ ଅମ୍ଳଜାନ ଦରକାର କରିଥାଏ । ତେଣୁ ଅଧିକ ମାତ୍ରାରେ ପାଣି ପିଇବା ଦ୍ୱାରା ଆମ ଶରୀରକୁ ଦରକାର କରୁଥିବା ଉପାଦାନ ମିଳିଯାଇଥାଏ । ଦିନକୁ ୮ରୁ ୧୦କପ୍ ପାଣି ପିଇଲେ ଆମର ସଂଜ୍ଞାନାତ୍ମକ ନିଷ୍ପାଦନର ୩୦ଭାଗ ବଢ଼ିଥାଏ ।

▶ ଧନୀ କରିବାରେ ସହାୟ- ୬୦ ପ୍ରତିଶତ ଯୁକ୍ତରାଷ୍ଟ୍ରର ଲୋକ ପାଣି ବୋତଲ କିଣି ପିଇଥାନ୍ତି । ଏହା ଜୁସ୍, ସୋଡ଼ା ଏବଂ ଷ୍ଟାରବକ ଠାରୁ ଶସ୍ତା ହୋଇଥାଏ । ଏହାଦ୍ୱାରା ସେମାନଙ୍କ ପଇସା ବଂଚିଯାଏ । ପ୍ରତିଦିନ ସୋଡ଼ାଠାରୁ ଗୋଟେ ଗ୍ଲାସ୍ ପାଣି ଶ୍ରେୟସ୍କର ହୋଇଥାଏ ।

▶ ସତେଜ ରଖେ- କର୍ମକ୍ଷେତ୍ରରେ ସତେଜ ରଖିବା ସହ ଡିହାଇଡ୍ରେସନର ପରିମାଣକୁ କମ୍ କରି ମେମୋରୀକୁ ବଢ଼ାଏ ।

# ଆମ ଗଣତନ୍ତ୍ରରେ ହାଇକମାଣ୍ଡ ସଂସ୍କୃତି



◆ ଅଧ୍ୟାପକ ଗୋପବନ୍ଧୁ

ଗଣତନ୍ତ୍ର ସାଧାରଣ ଜନତାଙ୍କ ବ୍ୟବସ୍ଥା । ସରକାର କ୍ଷେତ୍ରରେ ଏହା ସାଧାରଣ ଜନତାଙ୍କ ଶାସନ ବ୍ୟବସ୍ଥାକୁ ବୁଝାଏ । ଏହି ଶାସନ ବ୍ୟବସ୍ଥାରେ ସମସ୍ତେ ସମାନ ଭାଗୀଦାର ହୋଇଥାନ୍ତି । ସରକାର ସାଧାରଣ ଜନତାଙ୍କ ସହମତିରେ ଗଠିତ ହୁଏ । ତେଣୁ ଗଣତନ୍ତ୍ର ସାମୂହିକ ସିଦ୍ଧାନ୍ତ ଓ ସାମୂହିକ ନେତୃତ୍ୱକୁ ବୁଝାଏ । ଏହା ରାଜତନ୍ତ୍ରଠାରୁ ଭିନ୍ନ, ଯେଉଁଠାରେ ରାଜା ସର୍ବୋମୟ କର୍ତ୍ତା ହୋଇଥାନ୍ତି । ହାଇକମାଣ୍ଡ ଶବ୍ଦ ଗଣତନ୍ତ୍ରର ପରିପନ୍ଥୀ । ଏହା ସାମରିକବାହିନୀର ଶବ୍ଦ । ସୈନ୍ୟବାହିନୀର ସର୍ବୋଚ୍ଚ ଅଧିକାରୀଙ୍କୁ ହାଇକମାଣ୍ଡ କୁହାଯାଏ । ଏହା ଅନୁଶାସନର ଶବ୍ଦ । ସାମରିକବାହିନୀ କ୍ଷେତ୍ରରେ ଏହା ଜରୁରୀ । ଏହା ଏକଛତ୍ରବାଦର ଶବ୍ଦ ମଧ୍ୟ । ଏକଛତ୍ରବାଦୀ ଶାସକ ନିଜକୁ ହାଇକମାଣ୍ଡଭାବେ ସ୍ଥାପିତ କରିଥାଏ । ତେଣୁ ହାଇକମାଣ୍ଡ ହେଉଛି ସର୍ବୋଚ୍ଚ ଅଧିକାରୀ, ସେ ଯାହା କହିବେ ତାହା ଅଧସ୍ତନମାନେ ମାନିବାକୁ ବାଧ୍ୟ । ହାଇକମାଣ୍ଡ ନିର୍ଦ୍ଦେଶ ଜାରି କରନ୍ତି । ତଳେ ଥିବା ଲୋକମାନଙ୍କର ମତାମତ ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ । ସେହିପରି ସୁପ୍ରିମୋ ଶବ୍ଦ ମଧ୍ୟ ଅଗଣତାନ୍ତ୍ରିକ । ଗଣତନ୍ତ୍ରରେ ସୁପ୍ରିମୋ କେହିନାହାନ୍ତି । ଏଥିରେ ସମସ୍ତେ ସମାନ । ନେତା ହେଉଛନ୍ତି ଗଣମାନଙ୍କ ବା ସାଧାରଣ ଜନତାଙ୍କ ଭିତରୁ ଜଣେ । ଗଣତନ୍ତ୍ରରେ ହାଇକମାଣ୍ଡ ବା ସୁପ୍ରିମୋ ଶବ୍ଦର ବ୍ୟବହାର ସମୀଚୀନ ନୁହେଁ । ଅନେକ ରାଜନୈତିକ ଦଳ ଏହି ଶବ୍ଦର ପ୍ରୟୋଗ କରନ୍ତି । ବିଶେଷକରି ପରିବାରବାଦୀ ରାଜନୈତିକ ଦଳମାନେ ଏହି ଶବ୍ଦର ବ୍ୟବହାର ବହୁଳ ମାତ୍ରାରେ କରୁଥିବାର ଶୁଣାଯାଏ । ହାଇକମାଣ୍ଡ ବା ସୁପ୍ରିମୋ ଯାହା କହିବେ, ହାଇକମାଣ୍ଡ ବା ସୁପ୍ରିମୋଙ୍କ ନିର୍ଦ୍ଦେଶ, ହାଇକମାଣ୍ଡ ବା ସୁପ୍ରିମୋଙ୍କ ଇଚ୍ଛା ଇତ୍ୟାଦି ଅଗଣତାନ୍ତ୍ରିକ ଶବ୍ଦ ପ୍ରୟୋଗ ଶୁଣିବାକୁ ମିଳେ । ଏପରି ଶବ୍ଦରୁ ଜଣାପଡେ ଯେ ସମ୍ପୃକ୍ତ ପାର୍ଟି ଜଣକ ନିର୍ଦ୍ଦେଶରେ ଚାଲେ । ଅନ୍ୟମାନେ କେବଳ ଅବୋଲକରା । ପାର୍ଟିର ସବୁକିଛି ଜଣକ ମର୍ଜି ଓ ନିର୍ଦ୍ଦେଶ ଉପରେ ନିର୍ଭରଶୀଳ । ଗଣତନ୍ତ୍ରରେ ହାଇକମାଣ୍ଡବାଦ ଅତ୍ୟନ୍ତ ମାରାତ୍ମକ । ଏହା ଏକଛତ୍ରବାଦୀ ଶାସନକୁ ଉତ୍ସାହିତ କରେ । ଯେଉଁମାନେ ଗଣତନ୍ତ୍ରରେ ବିଶ୍ୱାସ କରନ୍ତି ନାହିଁ କିମ୍ବା ଗଣତାନ୍ତ୍ରିକ ବ୍ୟବସ୍ଥା କଣ ବୁଝନ୍ତି ନାହିଁ, ସେମାନେ ଏପ୍ରକାର ଶବ୍ଦର ପ୍ରୟୋଗ କରିବାକୁ ଓ ଶୁଣିବାକୁ ଭଲ ପାଆନ୍ତି । ଏହିପ୍ରକାର ଲୋକମାନେ ଏଯାଏଁ ରାଜତନ୍ତ୍ର ମାନସିକତାକୁ ଛାଡି ପାରିନଥିବା ପରି ମନେହୁଏ । ଦଳରେ ନେତାକୁ ଏମାନେ ରାଜା ବୋଲି ଭାବି ନିଅନ୍ତି । ନିର୍ବାଚନ ଉପନୀତ ହେଲେ ଆଶାୟୀ ମାନେ ଦଉଡନ୍ତି ହାଇକମାଣ୍ଡଙ୍କ ପାଖକୁ କଳେବଳେ କୌଶଳେ ଟିକେଟ ଆଣିବାକୁ । ଯେ କୌଣସି ଉପାୟରେ ହାଇକମାଣ୍ଡଙ୍କୁ ସନ୍ତୁଷ୍ଟ କରି ପାରିଲେ ଟିକେଟ ମିଳିଯାଏ । ହାଇକମାଣ୍ଡ ସାଧାରଣତଃ ଆନୁଗତ୍ୟକୁ ପ୍ରାଧାନ୍ୟ ଦିଅନ୍ତି । କେତେକ କ୍ଷେତ୍ରରେ ଅର୍ଥ ବି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଆନୁଗତ୍ୟ କହିଲେ ଏକ୍ଷେତ୍ରରେ ହାଇକମାଣ୍ଡ ପ୍ରତି ଆନୁଗତ୍ୟ ଅଥବା ତାଙ୍କ ପରିବାର ପ୍ରତି ଆନୁଗତ୍ୟକୁ ବୁଝାଏ । ଯେଉଁମାନେ ତାଙ୍କ ହଁରେ ହଁ ଭରନ୍ତି ଓ ନାରେ ନା କରନ୍ତି । ଏମାନଙ୍କ ନା ରାଷ୍ଟ୍ରପ୍ରତି ଆନୁଗତ୍ୟ ଥାଏ ନା ସମାଜ ପ୍ରତି । ହାଇକମାଣ୍ଡଙ୍କ ଗୁଣଗାନରେ ଏମାନଙ୍କ ଦିନରାତି କଟେ । ଯେଉଁଦିନ ଏମାନଙ୍କ ଆନୁଗତ୍ୟ ସମାପ୍ତ ହୁଏ ସେଦିନ ସେହି ଦଳରୁ ତାଙ୍କ ସଦସ୍ୟତା ମଧ୍ୟ ସମାପ୍ତ ହୁଏ । ହାଇକମାଣ୍ଡଙ୍କ ବିରୁଦ୍ଧରେ କହିବା ଅର୍ଥ ଦଳ ବିରୁଦ୍ଧରେ କହିବା । ପ୍ରଜା କଣ ରାଜା ବିରୁଦ୍ଧରେ କହିପାରେ କି ? କହିଲେ ମୁଣ୍ଡକାଟ । ସେହିପରି ହାଇକମାଣ୍ଡ ବି ଜଣେ ରାଜା । ତାଙ୍କ ବିରୁଦ୍ଧରେ କହିଲେ ଦଳରୁ ବହିଷ୍କାର । ଦୁଃଖର କଥା ସ୍ୱାଧୀନତାର ଦୀର୍ଘବର୍ଷ ପରେବି ଭାରତୀୟ ରାଜନୀତିରେ ହାଇକମାଣ୍ଡ ସଂସ୍କୃତି ବଳବୋତର ରହିଛି । ପୂର୍ବେ ଜୱାହରଲାଲ ନେହରୁ ଥିଲେ କଂଗ୍ରେସର ହାଇକମାଣ୍ଡ, ତାଙ୍କ ପରେ ତାଙ୍କ ଝିଅ ଶ୍ରୀମତୀ ଇନ୍ଦିରା ଗାନ୍ଧୀ, ତାଙ୍କ ପରେ ତାଙ୍କ ପୁଅ ରାଜୀବ ଗାନ୍ଧୀ ଓ ଏବେ ତାଙ୍କ ପୁଅ ରାହୁଲ ଗାନ୍ଧୀ ହେଉଛନ୍ତି ପାର୍ଟିର ହାଇକମାଣ୍ଡ । ଏନସିପିର ହାଇକମାଣ୍ଡ ହେଉଛନ୍ତି ଶ୍ରୀଯୁକ୍ତ ଶରଦ ପାୱାର, ବିଏସପି ସୁପ୍ରିମୋ ହେଉଛନ୍ତି ସୁଶ୍ରୀ ମାୟବତୀ, ଏବେ ସମାଜବାଦୀ ପାର୍ଟିର ହାଇକମାଣ୍ଡ ହେଉଛନ୍ତି ଶ୍ରୀଯୁକ୍ତ ଅଖିଳେଶ ଯାଦବ, ଓଡ଼ିଶାରେ ବିଜେଡିର ହାଇକମାଣ୍ଡ ହେଲେ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ, ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସର ହାଇକମାଣ୍ଡ ହେଉଛନ୍ତି ମମତା ବାନାର୍ଜୀ, ବିହାରରେ ଜେଡିଇଉର ହାଇକମାଣ୍ଡ ହେଉଛନ୍ତି ଶ୍ରୀଯୁକ୍ତ ନୀତିଶ କୁମାର, ଏବେ ଆରଜେଡିର ସୁପ୍ରିମୋ ହେଉଛନ୍ତି ଶ୍ରୀଯୁକ୍ତ ତେଜସ୍ୱୀ ଯାଦବ, ଜାମୁ-କାଶ୍ମୀରରେ ଏନସିର ହାଇକମାଣ୍ଡ ହେଉଛନ୍ତି ଶ୍ରୀଯୁକ୍ତ ଉମର୍ ଅବଦୁଲ୍ଲା, ତାମିଲନାଡୁରେ



ଡିଏମକେର ହାଇକମାଣ୍ଡ ହେଉଛନ୍ତି ଷ୍ଟାଲିନ୍, ସେଠାରେ ଏବେ କ୍ଷମତାକୁ ଆସିଥିବା ଟିଭିକେର ହାଇକମାଣ୍ଡ ହେଉଛନ୍ତି ବିଜୟ ଥାଲାପତି, ଆନ୍ଧ୍ରପ୍ରଦେଶରେ ତେଲଗୁ ଦେଶମ୍ ପାର୍ଟିର ହାଇକମାଣ୍ଡ ହେଉଛନ୍ତି ଶ୍ରୀଯୁକ୍ତ ଚନ୍ଦ୍ରବାବୁ ନାଇଡୁ, ୱାଇଏସଆର କଂଗ୍ରେସର ଶ୍ରୀ ଜଗନ ମୋହନ, ତେଲେଙ୍ଗାନାରେ ବିଆରଏସର ସୁପ୍ରିମୋ ହେଉଛନ୍ତି ଶ୍ରୀ ଚନ୍ଦ୍ରଶେଖର ରାଓ, ଝାଡଖଣ୍ଡରେ ଜେଏମଏମର ସୁପ୍ରିମୋ ହେଉଛନ୍ତି ଶ୍ରୀ ହେମନ୍ତ ସୋରେନ । ଏହିପରି ପ୍ରତ୍ୟେକ ଦଳରେ ଜଣେ ଜଣେ ସୁପ୍ରିମୋ ବା ହାଇକମାଣ୍ଡ ଅଛନ୍ତି । ଯେଉଁମାନେ ଦାବି କରନ୍ତି ଯେ ସେମାନେ ପରିବାରବାଦରେ ବିଶ୍ୱାସ କରନ୍ତି ନାହିଁ । ତାଙ୍କ ଦଳରେ ମଧ୍ୟ ହାଇକମାଣ୍ଡ ସଂସ୍କୃତି ରହିଛି । ପାର୍ଟିକୁ ଜଣେ ଦୁଇଜଣ ବ୍ୟକ୍ତି ନିଜ ହାତମୁଠାରେ ରଖିବା ଓ ନିଜ ସିଦ୍ଧାନ୍ତ ସମସ୍ତଙ୍କ ଉପରେ ଲଦିଦେବା ଏକ ପ୍ରକାରର ରାଜନୈତିକ ସ୍ୱେଚ୍ଛାଚାରୀତା । ଏବେ ଏହା ବହୁଳଭାବେ ଦେଖିବାକୁ ମିଳୁଛି । ଏମାନେ ମଧ୍ୟ ନିଜକୁ ହାଇକମାଣ୍ଡଭାବେ ସ୍ଥାପିତ କରିବାକୁ ଚାହାଁନ୍ତି । ଏମାନେ କୌଣସି ପ୍ରକାର ଭିନ୍ନମତ, ଆଲୋଚନା, ବିତର୍କ, ପରାମର୍ଶ ଇତ୍ୟାଦିକୁ ପ୍ରଶ୍ରୟ ଦିଅନ୍ତି ନାହିଁ । ରାତିରେ ସ୍ୱପ୍ନ ଦେଖି ସକାଳେ ତାହାକୁ କାର୍ଯ୍ୟକାରୀ କରିବାର ଘୋଷଣା କରନ୍ତି ଓ ଲୋକମାନଙ୍କୁ ଲମ୍ବା ଧାଡିରେ ଛିଡା କରାଇ ଦିଅନ୍ତି । ଏମାନେ ପାରିବାରିକ ପାର୍ଟିର ହାଇକମାଣ୍ଡ ମାନଙ୍କଠାରୁ ଆହୁରି ମାରାତ୍ମକ ଓ ଆହୁରି ଗଣତନ୍ତ୍ର ବିରୋଧି । ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଧ୍ୱଂସକରି ଏମାନେ ଏକଛତ୍ରବାଦୀ ଶାସନ ପ୍ରତିଷ୍ଠା କରିବାକୁ ଚାହାଁନ୍ତି । ନିଜ ଦଳର ଭିନ୍ନମତକୁ ଏମାନେ ଚାପିଦିଅନ୍ତି । କେହିବି ଏମାନଙ୍କ ନୀତି ବିରୁଦ୍ଧରେ ସ୍ୱରଉତୋଳନ କାରିବାକୁ ସାହସ କରନ୍ତି ନାହିଁ । ନିଜ ଅନୁଗତମାନଙ୍କୁ ପଦପଦବୀରେ ରଖି ହାଁଜିର ଫୌଜ ଠିଆ କରନ୍ତି । କେବଳ ଭୋଟଦେଇ ସରକାର ଗଢିବା ଗଣତନ୍ତ୍ର ନୁହେଁ । ଏହା ସାମଗ୍ରିକ ଚେତନାକୁ ବୁଝାଏ । ଏହା ସମାନତାର ଭାବନା ଓ ଅନ୍ୟର ମତକୁ ସମ୍ମାନ ଦେବାକୁ ବୁଝାଏ । ବିତର୍କ ମାଧ୍ୟମରେ ସହମତିର ସିଦ୍ଧାନ୍ତକୁ ଗ୍ରହଣ କରିବାକୁ ବୁଝାଏ । ନିଜକୁ ସୁପ୍ରିମ୍ ବା ଉଚ୍ଚତର ଭାବୁଥିବା କୌଣସି ବ୍ୟକ୍ତି ଗଣତନ୍ତ୍ରବାଦୀ ହୋଇପାରିବ ନାହିଁ । ଗଣତନ୍ତ୍ର ଏକ ବିକଶିତ ଚେତନା । ଏହା ମାନବବାଦ ସହିତ ଜଡିତ । ଏହି ଚେତନାର ବିକାଶ ପାଇଁ ସାଧନା ଲୋଡ଼ା । ସାଧନା ବଳରେ ଗଣତାନ୍ତ୍ରିକ ମୂଲ୍ୟବୋଧ ଜାଗ୍ରତ ହୁଏ । ଏହା ଏକ ଗଭୀର ଅନୁଭୂତି । ଜଣେ ଗଣତନ୍ତ୍ର ପ୍ରେମୀର ଚିନ୍ତନ, କଥନ ଓ କର୍ମ ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ପର୍ଯ୍ୟବେଶିତ ହେବା ଜରୁରୀ । ଗୋଟିଏ ଦଳ ମଧ୍ୟରେ ଥିବା ସମସ୍ତ କର୍ମୀ ସମାନ ମର୍ଯ୍ୟଦା ପାଇବା ଉଚିତ୍ । ଦଳ ସାମୁହିକ ବିଚାରବିମର୍ଷ ଉପରେ ଆଗକୁ ବଢିବା ଉଚିତ୍ । ସର୍ବୋଚ୍ଚ ନେତା ସେହି ବ୍ୟକ୍ତିତ୍ୱର ଅଧିକାରୀ ହେବା ଉଚିତ୍ ଯାହାଙ୍କ ନିକଟରେ ସମସ୍ତଙ୍କୁ ଶୁଣିବା ଓ ସେହି ଅନୁସାରେ ସିଦ୍ଧାନ୍ତ ନେବାର ଗୁଣ ଥିବ । ଯାହାଙ୍କ ନିକଟରେ ଗଣପ୍ରତି ସମ୍ମାନବୋଧ ଥିବ । ଯେଉଁଠାରେ ନେତାଙ୍କ ପାଇଁ ହାଇକମାଣ୍ଡ ବା ସୁପ୍ରିମୋ ଶବ୍ଦର ବ୍ୟବହାର ହୁଏ ସେଠାରେ ଗଣତାନ୍ତ୍ରିକ ମୂଲ୍ୟବୋଧ ନିଶ୍ଚିତଭାବେ ବ୍ୟାହତ ହୁଏ । ବିକଶିତ ପାଶ୍ଚାତ୍ୟ ଗଣତନ୍ତ୍ରରେ ଏପରି ଶବ୍ଦର ପ୍ରୟୋଗ ହୁଏ ନାହିଁ । ସେଠାକାର ସର୍ବୋଚ୍ଚ ନେତା ଜଣେ ସାଧାରଣ ନାଗରୀକ । କାର୍ଯ୍ୟକାଳର ସମାପ୍ତ ପରେ ଦେଖାଯାଏ ସେମାନେ କେଉଁଠାରେ ସେଲସମ୍ୟାନ୍ ବା କେଉଁ ଅଫିସରେ ସାଧାରଣ କର୍ମଚାରୀ ଭାବେ କାର୍ଯ୍ୟରତ । ଭାରତବର୍ଷର ରାଜନୀତିରୁ ପରିବାରବାଦ ସମାପ୍ତ ହେବା ସହିତ ହାଇକମାଣ୍ଡ ସଂସ୍କୃତିର ମଧ୍ୟ ସମାପ୍ତ ହେବା ଆବଶ୍ୟକ । ଆମେ ନିଜକୁ ବୃହତ ଗଣତାନ୍ତ୍ରିକ ରାଷ୍ଟ୍ରର ନାଗରୀକଭାବେ ଗର୍ବକରିବା ସହିତ ଆମେ ଉନ୍ନତ ଗଣତାନ୍ତ୍ରିକ ମୂଲ୍ୟବୋଧ ସମ୍ପନ୍ନ ରାଷ୍ଟ୍ରର ନଗରୀକଭାବେ ଗର୍ବ କରିବାର ଅବକାଶ ମଧ୍ୟ ସୃଷ୍ଟି କରିବା ଆବଶ୍ୟକ ।

(ଅବସରପ୍ରାପ୍ତ, ଦର୍ଶନ ବିଭାଗ)
ବାରିପଦା, ମୟୁରଭଞ୍ଜ,
ମୋ. ୭୦୦୮୯୭୬୮୦୨୨

# ଚାଷ ଅଛି ଯାହାର କେତେ ଦୁଃଖ ତାହାର

◆ ପ୍ରକାଶ ରଥ



ଭାରତ ହେଉଛି ମୁନିଋଷି ଓ ଋଷୀଙ୍କ ଦେଶ । ଋଷି ପରମ୍ପରା ଆମର ଧର୍ମ ହୋଇଥିବା ବେଳେ ଚାଷ ଆମର କର୍ମ । ସେଥିପାଇଁ ଆମ କର୍ମକୁ ଧର୍ମ ସହିତ ମଧ୍ୟ ଯୋଡ଼ା ଯାଇଅଛି । ଓଡିଆଙ୍କ ପ୍ରାଣ ଜଗତର ନାଥ ଜଗନ୍ନାଥଙ୍କ ବଡ଼ଭାଇ ବଡ଼ ଠାକୁର ବଳଭଦ୍ର କୃଷକଙ୍କ ପ୍ରତିନିଧି ଭାବେ ନିଜକୁ ପ୍ରତିପାଦିତ କରିବାକୁ ଯାଇ ନିଜର ଆୟୁଧ ରୂପେ ଲଙ୍ଗଳକୁ ବାଛିଛନ୍ତି । ଏପରିକି ବଳଭଦ୍ରଙ୍କ ଜନ୍ମଦିନ ଗହ୍ମାପୂର୍ଣ୍ଣମୀ ଉପଲକ୍ଷେ ଆମ ଚାଷୀଭାଇମାନେ, ଚାଷର ମୁଖ୍ୟ ବଳଦମାନଙ୍କୁ ପୂଜା କରି ସେମାନଙ୍କୁ ମାଳା ପିନ୍ଧାଇ ସୁସ୍ୱାଦୁ ଭୋଜନ ଖୁଆଇଥାନ୍ତି । ଆମ ଦେଶ ଆଧୁନିକ ଯୁଗରେ ଯେତେ ଆଗେଇଲେ ମଧ୍ୟ ଆମର ଭୋକ ମେ□ାଉଥିବା ଚାଷୀଭାଇ ମାନେ ବିଗତ କେତେବର୍ଷରୁ ଅବହେଳିତ । ୧୯୭୦ ମସିହାରେ ସବୁଜ ବିପ୍ଳବ ନାମରେ ଚାଷୀ ମାନଙ୍କୁ ଖାଦ୍ୟ ଦ୍ରବ୍ୟ ଓ ଶସ୍ୟ ବ୍ୟାପକ ଭାବେ ଉତ୍ପାଦନ କରିବା ପାଇଁ ପ୍ରୋତ୍ସାହିତ କରାଯାଇଥିଲା । ସେତେବେଳେ ପାରମ୍ପରିକ ଚାଷକୁ ଛାଡ଼ି ସାର ଓ ରାସାୟନିକ ଔଷଧ ଦେଇ ଶସ୍ୟ ଉତ୍ପାଦନ କିପରି ଚାରି ଗୁଣା ବୃଦ୍ଧି ପାଇବ, ସେଥି ନିମନ୍ତେ ଚାଷୀମାନଙ୍କୁ ବୁଝାଯାଇଥିଲା । ଆମେରିକା ତଥା ବିଭିନ୍ନ ବିକଶିତ ଦେଶରୁ ଆସୁଥିବା ଚିନି, ଗହମ, ଚାଉଳ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ଦ୍ରବ୍ୟକୁ ବେଳେ ବେଳେ ଉକ୍ତ ଦେଶଗୁଡ଼ିକ ଆମକୁ ରପ୍ତାନୀ କରିବାରେ ଜାଣିଶୁଣି ବାଧା ସୃଷ୍ଟି କରୁଥିଲେ । ଫଳରେ କଳାବଜାରୀ ଦେଖା ଦେଉଥିଲା । ଏହାକୁ ପ୍ରତିହତ କରିବା ପାଇଁ ସବୁଜ ବିପ୍ଳବ ଆରମ୍ଭ କରାଯାଇଥିଲା । କିନ୍ତୁ ସମୟାନୁକ୍ରମେ ଶିଳ୍ପକୁ ପ୍ରାଧାନ୍ୟ ଦିଆଯାଇ କୃଷି ଓ କୃଷକକୁ ଅଣଦେଖା କରାଗଲା । ଫଳରେ ଦେଶର ଅନ୍ନଦାତା କୃଷକ ସବୁଠାରୁ ତଳ ଶ୍ରେଣୀର ନାଗରିକ ଭାବେ ପରିଗଣିତ ହେବାକୁ ଲାଗିଲା । ସବୁଜ ବିପ୍ଳବ ଦ୍ୱାରା ଚାଷୀର କିଛି ଅଭାବ ସିନା ମେଂଟିଲା, ହେଲେ ଅଭାବୀ ବିକ୍ରି ଦେଖା ଦେଲା । 'ଚାଷ ଅଛି ଯାହାର-କି ଆନନ୍ଦ ତାହାର' ଉକ୍ତିଟି କ୍ରମଶଃ ଭୁଲ୍ ବୋଲି ପ୍ରମାଣିତ ହୋଇ 'ଚାଷ ଅଛି ଯାହାର-କେତେ ଦୁଃଖ ତାହାର' ବୋଲି ପ୍ରମାଣିତ ହେବାକୁ ଲାଗିଲା । ଚାଷୀ ସକାଳୁ ତୋରାଣି ମୁନ୍ଦେ ପିଇ, ବଳଦ ଯୋଚି, ହଳ ଲଙ୍ଗଳ ଧରି ରାମ ଯେ ଲଇଖଣ ଗଲା....ବୋଲି, ନିଜ ବିଲକୁ ଯାଇ ଖରା ବର୍ଷାରେ ମାଟିରେ ମିଶି ଜମିକୁ ଉର୍ବର କରି ଫେରି ଆସୁଥିଲା ଘରକୁ ଅନେକ ଦୁଶ୍ଚିନ୍ତା ନେଇ । ଘରେ ବଢିଲା ଝିଅର ବାହାଘର ଚିନ୍ତା, ଘରଣୀର ରୋଗୀଣା ଓ ପାଉଁଶିଆ ମୁହଁ, ପୁଅର ପଢିବା ଖର୍ଚ୍ଚ ଓ ବଳଦ ଯୋଡ଼ିଙ୍କର ତୋରାଣି ପାଣି ଚିନ୍ତା ତାକୁ କ୍ରମଶଃ ଦୁର୍ବଳ କରିଦେଇଥିଲା । ଏପଟେ ସାହୁକାରର ଋଣ ପରିଶୋଧ କରିବା ପାଇଁ ତାଗିଦ ଶୁଣି ଚାଷୀ ବାପୁଡ଼ା ପଙ୍ଗୁ ହେବା ଅବସ୍ଥାକୁ ଚାଲି ଆସୁଥିଲା । ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀଙ୍କ 'ଜୟ ଜବାନ ଜୟ କିଷାନ' ନାରା ଚାଷୀକୁ କ୍ଷଣିକ ପାଇଁ ଆନନ୍ଦ ଦେଉଥିଲା ସତ କିନ୍ତୁ ପ୍ରକୃତରେ ତାର ମେରୁଦଣ୍ଡ ଆସ୍ତେ ଆସ୍ତେ ବଙ୍କା ହୋଇଯାଉଥିଲା, ବିଭିନ୍ନ ସମସ୍ୟାର ବୋଝ ମୁଣ୍ଡେଇ । ଫଳରେ କ୍ରମଶଃ ଚାଷଜମି ପଡ଼ିଆ ପଡ଼ିଲା, ବଳଦ ଜାଗାରେ ଟ୍ରାକ୍ଟର ଆସିଲା, ଚାଷୀର ଜମିରେ କିଷମ ପରିବ□ନ ହୋଇ ଘରବାରି ହେବାକୁ ଲାଗିଲା । ଏକ ଫସଲୀ କରୁଥିବା ଚାଷୀ ନିଜ ଅଭାବ ମେ□ାଇବା ପାଇଁ ଦାଦନ ସିନା ଯାଉଥିଲା, ହେଲେ ବାଧ୍ୟ ହୋଇ ଆତ୍ମହତ୍ୟା କରିବାକୁ ଲାଗିଲା । ଏବେ ବି ଚାଷ ଆଉ ଚଷା ବିପଦରେ, ସେ ଆଖୁଚାଷୀ, ମକାଚାଷୀ, କପାଚାଷୀ ଅବା ଧାନଚାଷୀ ହେଉ, ସମସ୍ତେ ଆଜି ସରକାରୀ ସୁବିଧା ଓ ସାହାଯ୍ୟକୁ ଅନାଇ ବସିଛନ୍ତି । ଦେଶରେ ସମଗ୍ର ଚାଷୀମାନଙ୍କ ମଧ୍ୟରେ ୮୦ ଭାଗ ହେଉଛନ୍ତି କ୍ଷୁଦ୍ର ବା ନାମମାତ୍ର ଭାଗଚାଷୀ । କୃଷି ଦେଶର ୫୦ ପ୍ରତିଶତ ଲୋକଙ୍କୁ କର୍ମନିଯୁକ୍ତି ଯୋଗାଉଥିଲା ବେଳେ ସେମାନଙ୍କୁ ଅବହେଳା ଅତ୍ୟନ୍ତ ଦୁଃଖଦ ବିଷୟ । ସବୁ ଧର୍ମ, ଜାତି ଓ ବର୍ଗରେ ଚାଷୀ ଥିବା ବେଳେ ସେମାନଙ୍କ ଉନ୍ନତି କକ୍ଷେ ସରକାରୀ ଯୋଜନାମାନ ଅତ୍ୟନ୍ତ ନିମ୍ନମାନର । ଆଧୁନିକ ଜ୍ଞାନକୌଶଳ, କ୍ୟାପିଟାଲ ଇନ୍‌ଭେଷ୍ଟମେ□, ଉନ୍ନତମାନ ବିହନର ଅଭାବ ସହିତ ଜଳ ସଂରକ୍ଷଣ ପାଣିପାଗ ସମ୍ପର୍କରେ ସଠିକ୍ ସୂଚନା ପ୍ରଦାନରେ ଅବହେଳା, ବିଶେଷକରି ମୌସୁମୀ ସମ୍ପର୍କରେ ଭୂଲ୍ ସୂଚନା, ସରକାରୀ ବ୍ୟାଙ୍କଗୁଡ଼ିକ ତରଫରୁ ଲୋନ ପ୍ରଦାନରେ ଅବହେଳା, ଗାଁ ସାହୁକାର ମାନଙ୍କର ଚାଷୀମାନଙ୍କ ପ୍ରତି ଜୁଲମ, ଉତ୍ପାଦିତ ଦ୍ରବ୍ୟର ବିକ୍ରୟ ପାଇଁ ସଠିକ୍ ବ୍ୟବସ୍ଥା ନହୋଇ ମଧ୍ୟସ୍ଥି ଦ୍ୱାରା କାରବାର ହେବା, ଏଥିସହିତ ଶସ୍ୟ ପରିବହନ ପାଇଁ ଅବ୍ୟବସ୍ଥା, ଭାଗଚାଷୀମାନଙ୍କର ସଠିକ୍ ଚିହ୍ନଟ ପ୍ରକ୍ରିୟା ତ୍ୱରାନ୍ୱିତ ନହେବା, ଶସ୍ୟ ସଂରକ୍ଷଣ ପାଇଁ ବ୍ୟାପକ ସଂଖ୍ୟାରେ ଗୋଦାମ ଘର ଓ ଶୀତଳ ଭଣ୍ଡାର ପ୍ରତିଷ୍ଠା ନହେବା ଯୋଗୁ ଚାଷୀ ଆଜି ଦେଶର ଲକ୍ଷ୍ମୀ ହୋଇଥିଲେ ମଧ୍ୟ ତା ଘରେ ଆଜି ଅଭାବ ଆଉ ଅଭାବ । ବ□ମାନର କେନ୍ଦ୍ର ସରକାର ୨୦୨୨ ସୁଦ୍ଧା ଚାଷୀମାନଙ୍କର ଆୟକୁ ଦ୍ୱିଗୁଣିତ କରିବା ନିମନ୍ତେ ଲକ୍ଷ ଧାର୍ଯ୍ୟ ରଖିଛନ୍ତି । ସେଥିପାଇଁ ଆସନ୍ତା ଦିନରେ ବଜେଟ୍ ମଧ୍ୟ ସଂସଦରେ ଉପସ୍ଥାପନ କରାଯିବ । କିନ୍ତୁ ଚାଷୀମାନଙ୍କର ବିଭିନ୍ନ ମୌଳିକ ସମସ୍ୟା ବୁଝି ଯଦି ଯୋଜନା ପ୍ରସ୍ତୁତ କରାଯାଏ, ତେବେ ଚାଷୀମାନଙ୍କ ମୁଣ୍ଡରୁ ଋଣଭାର ହଟିବା ସହିତ ସେମାନଙ୍କ ସମସ୍ୟାର ସମାଧାନ ହୋଇପାରନ୍ତା । ପ୍ରଥମ କଥା ହେଉଛି ପ୍ରକୃତ ଚାଷୀଙ୍କୁ ଚିହ୍ନଟ କରାଯିବା । କେବଳ ଲୋନ୍ ଛାଡ଼ କରିଦେଲେ ଚାଷୀଙ୍କର ସମସ୍ୟାର ସମାଧାନ ହୋଇଯିବ ତାହା ଠିକ୍ ନୁହେଁ । ଚାଷ ଆରମ୍ଭ କରିବା ପାଇଁ ସେମାନଙ୍କ ପାଖରେ ଯେଉଁ ସ୍ଥିର ପୁଞ୍ଜିର ଆବଶ୍ୟକତା ରହିଛି ତାହା ଆସିବ କେଉଁଠୁ ? ଯଦିଓ କେନ୍ଦ୍ର ସରକାରଙ୍କ ପିଏମ୍ କିଷାନ ସମ୍ମାନ ନିଧି ଯୋଜନାରେ ଚାଷୀଙ୍କୁ ବାର୍ଷିକ ୬ ହଜାର ଟଙ୍କା ଦିଆଯିବ ଯାହା ଯଥେଷ୍ଟ ନୁହେଁ । ଆମ ରାଜ୍ୟ ସରକାର ମଧ୍ୟ କାଳିଆ ଯୋଜନାରେ ୭୫ ଲକ୍ଷ ଚାଷୀଙ୍କୁ ହିତାଧିକାରୀରେ ସାମିଲ୍ କରିବେ ବୋଲି ଘୋଷଣା କରିଛନ୍ତି । ସାଧାରଣ ଚାଷୀମାନେ ପାରମ୍ପରିକ ଚାଷ କରୁଥିବା ବେଳେ ସେମାନଙ୍କୁ ଅତ୍ୟାଧୁନିକ ଜ୍ଞାନକୌଶଳ ଯୋଗାଇ ବିକଳ୍ପ କୃଷି ସମ୍ପର୍କରେ ସୂଚନା ଦେବା ସହ ତାଲିମ୍ ଦେବାର ଆବଶ୍ୟକତା ରହିଛି । ମୌସୁମୀ ଉପରେ ଚାଷୀ ପ୍ରାୟ ନିର୍ଭର କରୁଥିବା ବେଳେ, ବୃଷ୍ଟିଜଳକୁ ସଂରକ୍ଷଣ କରି ତାହାକୁ ଚାଷରେ ଲଗାଇବା ନିମନ୍ତେ ସଚେତନତା ହେବା ଜରୁରୀ । ବହୁମୁଖୀ କୃଷି ଯୋଜନା ସହ ବିବିଧ ଆୟ ପ୍ରଦାନକାରୀ ଚାଷକୁ ଗୁରୁତ୍ୱ ଦେଇ ନୂତନ କୌଶଳ ଉପରେ ଧ୍ୟାନ ଦେବା ମଧ୍ୟ ଜରୁରୀ ହୋଇପଡ଼ିଛି । ଶସ୍ୟ ଉତ୍ପାଦନକୁ ଲକ୍ଷ୍ୟ ରଖି ବିଭିନ୍ନ ବ୍ଲକ ବା ତାଲୁକ ଅନୁଯାୟୀ ଗୋଦାମ ଘର ଓ ଶୀତଳ ଭଣ୍ଡାରଗୁଡ଼ିକ ଯୁଦ୍ଧକାଳୀନ ଭି□ରେ ନିର୍ମାଣ ହେବା ଦରକାର । ଭାଗଚାଷୀ ଆଇନ ତ୍ୱରିତ ସଂଶୋଧନ ହେବା ସହ ଜମିର ମାଲିକାନାକୁ ନେଇ ଦ୍ୱନ୍ଦ୍ୱ ଶେଷ ହେବା ଦରକାର । ବାଧ୍ୟତା ମୂଳକ ଭାବେ ସବୁ ଶ୍ରେଣୀର ଚାଷୀ ମାନଙ୍କୁ ଅନ୍ ଲାଇନ୍‌ରେ ପଞ୍ଜିକରଣ କରା ଗଲେ ସେମାନଙ୍କୁ ଚିହ୍ନଟ କରାଯାଇ ପାରିବ ଓ ସରକାରୀ ଯୋଜନା ମାଧ୍ୟମରେ ସେମାନଙ୍କୁ ସହଜରେ ଅନ୍ ଲାଇନ୍ ପେମେ□ ହୋଇ ପାରିବ । ବିଭିନ୍ନ ରାଜ୍ୟରେ କୃଷି ଗବେଷଣା କେନ୍ଦ୍ର ସ୍ଥାପନ ହୋଇଥିବା ବେଳେ ଆଧୁନିକ କୃଷି ଗବେଷଣା କେନ୍ଦ୍ରଗୁଡ଼ିକ ସମସ୍ତ ରାଜ୍ୟରେ ବହୁ ସଂଖ୍ୟାରେ ପ୍ରତିଷ୍ଠା କରାଯିବା ଦରକାର । ଏଥି ସହିତ ଗରିବ, କ୍ଷୁଦ୍ର ଓ ନାମମାତ୍ର ବା ଭାଗଚାଷୀଙ୍କ ସର୍ବବିଧ କଲ୍ୟାଣ ନିମନ୍ତେ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ଭାବେ ଏକ କୃଷକ କଲ୍ୟାଣ ପାଣ୍ଠି ଜାତୀୟ ସ୍ତରରେ ପ୍ରତିଷ୍ଠା କରା ଯାଉ । ଯାହାଦ୍ୱାରା କି ଦୈବୀ ଦୁର୍ବିପାକ ଅତ୍ୟନ୍ତ ଆବଶ୍ୟକ ସମୟରେ ଏହି ପାଣ୍ଠିର ସୁବିନିଯୋଗ କରାଯାଇ ପାରିବ ଏହି ଶ୍ରେଣୀର ଚାଷୀ ମାନଙ୍କ ପାଇଁ । ସରକାରଙ୍କ ୨୦୨୨ ଲକ୍ଷ୍ୟ ପାଇଁ ଯୋଜନା ତ ପ୍ରସ୍ତୁତ ହେଉଥିବ ତଥା ବିଭିନ୍ନ ସଂଗଠନ ଏବଂ ଅଭିଜ୍ଞ କୃଷିବିତ୍ ମାନଙ୍କର ପରାମର୍ଶ ନିଆ ଯାଉ ଥିବ । ତଥାପି ଉପରୋକ୍ତ କିଛି ଯୋଜନା ମାନ ଆନ୍ତରିକତାର ସହିତ ବୁଝି ବିଚାରୀ କରାଗଲେ ଦେଶର ଅନ୍ନଦାତା ମାନଙ୍କୁ ଭୋକିଲା ରହିବାକୁ କିମ୍ବା ଜୀବନ ହାରିବାକୁ ପଡ଼ିବ ନାହିଁ ।

ଅଧକ୍ଷ, ରାଜ୍ୟ ନାଗରିକ
ସମାଜ-୯୪୩୭୨୮୫୦୯୨



ଖିଲାଫତ୍ ଦିବସ ଉପଲକ୍ଷେ

# ଅହମଦୀୟା ଖିଲାଫତ ବିଶ୍ୱରେ ଶାନ୍ତି ଫେରାଇ ଆଣିବ

◆ ମୌଲାନା ଫଜଲ ହକ ଖାଁ




ଇତିହାସର ପୃଷ୍ଠାକୁ ଉନ୍ମୋଚନ କଲେ ଏକ ଚିରନ୍ତନ ସତ୍ୟ ଦୃଷ୍ଟିଗୋଚର ହୋଇଥାଏ ଯେ ଯେତେବେଳେ ଧର୍ମର ଗ୍ଲାନି ଘଟି ଅଧର୍ମ ତା'ର ଚରମ ସୀମାକୁ ପହଂଚି ଯାଏ । ଠିକ ସେହି ଅନ୍ଧକାର ସମୟରେ ପରମବ୍ରହ୍ମ ପରମେଶ୍ୱର ଅଲ୍ଲାଃ ସଂସାରରେ ଅବତାର ଅବତୀର୍ଣ୍ଣ କରିଥାନ୍ତି । ଯେପରି ଗୀତାରେ ଲେଖାଅଛି,

*ଯଦା ଯଦା ହି ଧର୍ମସ୍ୟ, ଗ୍ଲାନିର୍ଭବତି ଭାରତ ।*
*ଅଭ୍ୟୁତ୍ଥାନମ୍ ଧର୍ମସ୍ୟ, ତଦାତ୍ମାନଂ ସୃଜାମ୍ୟହମ୍ ।*
*ପରିତ୍ରାଣାୟ ସାଧୂନାଂ, ବିନାଶାୟ ଚ ଦୁଷ୍କୃତମ୍ ।*
*ଧର୍ମ ସଂସ୍ଥାପନାର୍ଥାୟ, ସମ୍ଭବାମି ଯୁଗେ ଯୁଗେ ।।*

ପବିତ୍ର କୋରାନରେ ମଧ ପରମବ୍ରହ୍ମ ପରମେଶ୍ୱର ଅଲ୍ଲାଃ କହିଛନ୍ତି, ପ୍ରତ୍ୟେକ ସମ୍ପ୍ରଦାୟରେ ସୁଧାରକ ମାନେ ଆସିଛନ୍ତି । ଯାହାଙ୍କ ଦ୍ୱାରା ସେ ନିଜ ସୃଷ୍ଟିକୁ ନିଜ ଆଡ଼କୁ ଟାଣି ଆଣି ନିଜର ପ୍ରକୃତ ରୂପ ଦେଖାଇ ଘୋର ଅନ୍ଧକାରକୁ ଆଲୋକରେ ପରିବର୍ତ୍ତନ କରି ଦେଇଥାନ୍ତି । ସେହି ଅବତାର ମାନେ ପରମେଶ୍ୱରଙ୍କ ନିଜସ୍ୱ ରୂପ ଧାରଣ କରି ଓ ଆଧାତ୍ମିକ ଅମୃତରେ ଅମିୟ ହୋଇ ପରମବ୍ରହ୍ମ ପରମେଶ୍ୱର ଅଲ୍ଲାଃଙ୍କ ଭକ୍ତଗଣଙ୍କୁ ସତ୍ ମାର୍ଗ ଦେଖାଇଥାନ୍ତି । ଏବଂ ଅନ୍ୟ ପକ୍ଷରେ ଦୁଷ୍ଟ ମାନଙ୍କୁ ଦମନ କରିବା ସହ ଆଧାତ୍ମିକ ଦୃଷ୍ଟି କୋଣରୁ ଆକ୍ରାନ୍ତ ଥିବା ରୋଗୀ ମାନଙ୍କର ଉତମ ଚିକିତ୍ସା ମଧ କରିଥାନ୍ତି । ଇସଲାମ ଧର୍ମ ଆଦି ଧର୍ମ ଏବଂ ସଂପୂର୍ଣ୍ଣ ଧର୍ମ । ପବିତ୍ର କୋରାନରେ ପରମବ୍ରହ୍ମ ପରମେଶ୍ୱର ଅଲ୍ଲାଃ କୁହନ୍ତି;''ଆଜି ଆମେ ତୁମ୍ଭମାନଙ୍କ କଲ୍ୟାଣ ସକାଶେ ତୁମ୍ଭମାନଙ୍କ ଧର୍ମକୁ ପୂର୍ଣ୍ଣତା ପ୍ରଦାନ କଲୁ । ଏବଂ ତୁମ୍ଭମାନଙ୍କ ପ୍ରତି ଆମ୍ଭର ଅନୁଗ୍ରହକୁ ସଂପୂର୍ଣ୍ଣ କରିଛୁ । ଏବଂ ତୁମ୍ଭମାନଙ୍କ ସକାଶେ 'ଇସଲାମ'କୁ ଧର୍ମ ରୂପରେ ପସନ୍ଦ କରିଛୁ ।'' ତେଣୁ ସେହି ଇସଲାମ ଧର୍ମ ଯାହା ବିଶ୍ୱ ବ୍ରହ୍ମାଣ୍ଡରେ ଅଦ୍ୱିତୀୟ ସେହି ପବିତ୍ର ଧର୍ମରେ ପରମବ୍ରହ୍ମ ପରମେଶ୍ୱର ଅଲ୍ଲାଃ ନିଜର ସର୍ବଶ୍ରେଷ୍ଠ ଅବତାର ହଜରତ ମୁହମ୍ମଦ ସଲ୍ଲମଙ୍କୁ ଅବତୀର୍ଣ୍ଣ କରି ତାଙ୍କ ଦ୍ୱାରା ଧର୍ମବାଣୀର ଉପଦେଶକୁ ସଂପୂର୍ଣ୍ଣ କଲେ । କିନ୍ତୁ ଇସଲାମ ଧର୍ମରେ ସେହି ଧର୍ମ ଉପଦେଶଗୁଡ଼ିକୁ ବିଶ୍ୱବ୍ୟାପି କରିବା ପାଇଁ ତଥା ତାକୁ ପୂର୍ଣ୍ଣ ପ୍ରକାଶ ଓ ପ୍ରଚାର କରିବା ପାଇଁ ବର୍ତ୍ତମାନର ଯୁଗ ଅର୍ଥାତ୍ କଳି ଯୁଗକୁ ଧାର୍ଯ୍ୟ କଲେ । ଏହି କଳି ଯୁଗରେ ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମଙ୍କ ଅନୁରୂପ ତଥା ଦାସାନୁଦାସ ମୋହନ ମୋଗଲ ହଜରତ ମିର୍ଜା ଗୁଲାମ ଅହମଦଙ୍କ ସୁସମ୍ବାଦ ଜଣାଇ ପବିତ୍ର କୋରାନବାଣୀରେ କହିଲେ;''ଏବଂ ସେମାନଙ୍କ ବ୍ୟତୀତ ଅନ୍ୟ ଏକ ସମ୍ପ୍ରଦାୟରେ ମଧ ସେ ତାହାଙ୍କୁ ପ୍ରେରଣ କରିବେ ଯେଉଁମାନେ ଅତ୍ୟାବଧି ସେମାନଙ୍କ ସହିତ ଯୋଗଦାନ କରିନାହାନ୍ତି ।''ଏହି ମହାନ ଯୁଗାବତାରଙ୍କ ସମ୍ବନ୍ଧରେ ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମ କହିଥିଲେ ଯେ ଯଦି ଧର୍ମବିଶ୍ୱାସ ସପ୍ତର୍ଷିମଣ୍ଡଳ ପର୍ଯ୍ୟନ୍ତ ମଧ ଆରୋହଣ କରିଯିବ ତେବେ ଇରାନୀୟ ବଂଶଜଙ୍କ ମଧ୍ୟରୁ ଜଣେ ବା ତା ଠାରୁ ଅଧିକ ବ୍ୟକ୍ତିଙ୍କ ମାଧ୍ୟମରେ ସେହି ଧର୍ମ ବିଶ୍ୱାସକୁ ଫେରାଇ ଆଣିବେ । ଏହି କଥାରେ ଦୁଇଗୋଟି ଭବିଷ୍ୟବାଣୀ ରହିଛି । ପ୍ରଥମଟି ହେଲା ଯେତେବେଳେ ଇସଲାମ ଧର୍ମର ଗ୍ଲାନି ଘଟିବ, ଧର୍ମବିଶ୍ୱାସରେ ଦୁର୍ବଳତା ପରିଲିଖିତ ହେବ, ତେବେ ସେହି ସମୟରେ ଯୁଗାବତାର ଆସି ପୁନଃ ଧର୍ମସ୍ଥାପନା କରିବେ । ତଥା ସେହି ଯୁଗାବତାରଙ୍କ ମରଣାନ୍ତେ ସେହି ଧର୍ମ ସ୍ଥାପନାର ମହତ କାର୍ଯ୍ୟକୁ ସଂପୂର୍ଣ୍ଣ କରିବା ଲାଗି ଦ୍ୱିତୀୟ ଶକ୍ତି ରୂପେ ଖଲିଫାଙ୍କ ସମୟ କାଳ ଉପନିତ ହେବ । 'ଖଲିଫା'ଶବ୍ଦର ଅର୍ଥ ହେଲା,ଉତରାଧିକାରୀ । ଅବତାରଙ୍କ ମରଣାନ୍ତେ ତାଙ୍କ କାର୍ଯ୍ୟଭାରକୁ ତଥା ସେହି ମିଶନକୁ ସଂପୂର୍ଣ୍ଣ କରିବା ପାଇଁ ଯେଉଁ ବ୍ୟବସ୍ଥା ସ୍ଥାପିତ କରାଯାଏ ତାକୁ ଖିଲାଫତ୍ ବ୍ୟବସ୍ଥା କୁହାଯାଏ । ଯେପରି ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମଙ୍କ ମରଣାନ୍ତେ ହଜରତ ଅବୁବକର ସିଦ୍ଦିକ,ହଜରତ ଉମର ଫାରୁକ,ହଜରତ ଉସମାନ ଗନୀ ଏବଂ ହଜରତ ଅଲିଙ୍କ ଖିଲାଫତ୍ ବ୍ୟବସ୍ଥା ଚାଲିଥିଲା । ଠିକ ସେହି ପରି ଭବିଷ୍ୟତବାଣୀ ଅନୁଯାୟୀ ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମଙ୍କ ୧୩୦୦ ବର୍ଷ ପରେ ଯେତେବେଳେ ଇସଲାମ ନାମକୁ ମାତ୍ର ରହିଯିବ, ତାର ପୁନର୍ଉତ୍ଥାନ ନିମନ୍ତେ ଯୁଗବତାର ଆସିବେ ଏବଂ ତାଙ୍କ ପରେ ପୁନର୍ବାର ଖିଲାଫତ ବ୍ୟବସ୍ଥା ସ୍ଥାପିତ ହେବ । ଏହି ପରିପ୍ରେକ୍ଷୀରେ ଅହମଦୀୟା ମୁସଲିମ ଜମାତର ସଂସ୍ଥାପକ ହଜରତ ମିର୍ଜା ଗୁଲାମ ଅହମଦଙ୍କ ବିୟୋଗ ପରେ ଅହମଦୀୟା ଆନ୍ଦୋଳନରେ ପ୍ରଥମେ ହଜରତ ମୌଲବି ହକିମ ନୁରୁଦ୍ଦିନ ସାହେବ (୧୯୦୮- ୧୯୧୪), ଦ୍ୱିତୀୟରେ ହଜରତ ମିର୍ଜା ବଶିରୁଦ୍ଦିନ ମହମୁଦ ଅହମଦ ସାହେବ (୧୯୧୪- ୧୯୬୫), ତୃତୀୟରେ ହଜରତ ମିର୍ଜା ନାସର ଅହମଦ ସାହେବ (୧୯୬୫-୧୯୮୨), ଚତୁର୍ଥରେ ହଜରତ ମିର୍ଜା ତାହେର ଅହମଦ ସାହେବ (୧୯୮୨-୨୦୦୩) ଏବଂ ବର୍ତ୍ତମାନ ହଜରତ ମିର୍ଜା ମସରୁର ଅହମଦ ସାହେବ (୨୦୦୩ - ଏପର୍ଯ୍ୟନ୍ତ ) ସମ୍ପ୍ରତି ଲଣ୍ଡନରେ ଖିଲାଫତ ଆସନରେ ଅଧିଷ୍ଠିତ ହୋଇଛନ୍ତି । ପରମବ୍ରହ୍ମ ପରମେଶ୍ୱର ଅଲ୍ଲାଃଙ୍କର ଏହି ଦ୍ୱିତୀୟ ଶକ୍ତି ଖିଲାଫତ୍‌ର ବ୍ୟବସ୍ଥା ଦ୍ୱାରା ବିଶ୍ୱରେ ଧର୍ମ ଓ ଶାନ୍ତି ସ୍ଥାପିତ ହୋଇଚାଲିଛି । ପରମବ୍ରହ୍ମ ପରମେଶ୍ୱର ଅଲ୍ଲାଃ ସ୍ୱୟଂ ଜଣେ ବ୍ୟକ୍ତି ବିଶେଷକୁ ଯେକି ସତ୍ୟବାଦୀ ଏବଂ ଧର୍ମପରାୟଣ ହୋଇଥାଏକୁ ଖଲିଫା ନିର୍ବାଚିତ କରିଥାନ୍ତି । ଯେପରି ପବିତ୍ର କୋରାନ କୁହେ; ''ତୁମ ମାନଙ୍କ ମଧ୍ୟରୁ ଯେଉଁମାନେ ବିଶ୍ୱାସ ରଖନ୍ତି ଓ ଉଚିତ୍ କର୍ମ କରୁଛନ୍ତି ସେମାନଙ୍କ ସହିତ ପରମବ୍ରହ୍ମ ପରମେଶ୍ୱର ଅଲ୍ଲାଃ ଅଙ୍ଗୀକାର କରିଛନ୍ତି ଯେ ସେ ସେମାନଙ୍କୁ ଭୂପୃଷ୍ଠରେ ଖଲିଫା (ଉତରାଧିକାରୀ) କରିବେ ଯେପରି ସେ ସେମାନଙ୍କୁ ପୂର୍ବବର୍ତ୍ତୀ ଲୋକମାନଙ୍କୁ ଖଲିଫା କରିଥିଲେ ।'' ସୁତରାଂ ବର୍ତ୍ତମାନ ଅହମଦୀୟା ମୁସଲିମ ସଂପ୍ରଦାୟରେ ଖିଲାଫତର ପରମ୍ପରା ପ୍ରଚଳିତ ରହିଛି । ତଥା ହଜରତ ମିର୍ଜା ମସରୁର ଅହମଦ ମୁସଲିମ ସଂପ୍ରଦାୟର ପଂଚମ ଖଲିଫା ରୂପେ କାର୍ଯ୍ୟଭାର ସମ୍ପାଦନ କରି ଚାଲିଛନ୍ତି । ସେ ପାକିସ୍ତାନର ରବୁଆରେ ୧୫ ସେପ୍ଟେମ୍ବର ୧୯୫୦ ମସିହାରେ ଜନ୍ମ ଗ୍ରହଣ କରିଥିଲେ । ୧୯୭୭ ମସିହାରେ ପାକିସ୍ତାନର ଫୈସିଲାବାଦ ସ୍ଥିତ କୃଷି ବିଶ୍ୱ ବିଦ୍ୟାଳୟରୁ କୃଷି ଅର୍ଥନୀତିରେ ସ୍ନାତକୋତର ଡ଼ିଗ୍ରୀ ହାସଲ କରିଥିଲେ । ୧୯୭୭ ମସିହାରୁ ସେ ନିଜ ଜୀବନକୁ ମାନବସେବା ପାଇଁ ଉତ୍ସର୍ଗ କରିଥିଲେ । ତାଙ୍କର ବଳିଷ୍ଠ ନେତୃତ୍ୱରେ ଅହମଦୀୟା ମୁସଲିମ ସଂପ୍ରଦାୟ ପୃଥିବୀର ୨୧୪ ଗୋଟିରୁ ଊର୍ଦ୍ଧ୍ୱ ରାଷ୍ଟ୍ରରେ ବହୁ ସଂଖ୍ୟାରେ ଦାତବ୍ୟ ଅନୁଷ୍ଠାନ, ଚିକିତ୍ସାଳୟ, ଉପାସନାଗୃହ ନିର୍ମାଣ, ବିଦ୍ୟୁତ ଓ ଜଳ ଯୋଗାଣ ତଥା ଦିନଦରିଦ୍ରଙ୍କୁ ସାହାଯ୍ୟ ଓ ସମର୍ଥନ କରିବା । ଶିକ୍ଷା ଓ ପ୍ରଶିକ୍ଷଣର ଯୋଜନାମାନ କରିଚାଲିଛନ୍ତି । ସେ ପ୍ରକୃତ ଇସଲାମର ସାରଗର୍ଭ ତତ୍ତ୍ୱକୁ ୟୁରୋପ ଓ ଆମେରିକାର ତଥା ବିଭିନ୍ନ ରାଷ୍ଟ୍ରର ସାଂସଦ ଭବନରେ ବିଶ୍ୱ ଶାନ୍ତିସଭା ସ୍ଥାପିତ କରି ପ୍ରକୃତ ଇସଲାମର ମର୍ମସ୍ପର୍ଶୀ ଭାଷଣ ମାଧ୍ୟମରେ ବିଶ୍ୱବ୍ୟାପି ଅଭିଯାନ ଆରମ୍ଭ କରିଛନ୍ତି । ଯଦ୍ୱାରା ଇସଲାମର ଶାନ୍ତି ଓ ସହାବସାନ ବାର୍ତାକୁ ସମାଜର ବିଭିନ୍ନ ବର୍ଗରେ ଲୋକଙ୍କ ମଧ୍ୟରେ ପରିବେଶଣ କରୁଛନ୍ତି । ତଥା ବିଶ୍ୱର ପ୍ରମୁଖ ରାଷ୍ଟ୍ରମୁଖ୍ୟ ଏବଂ ଧର୍ମଗୁରୁମାନଙ୍କୁ ପତ୍ର ମାଧ୍ୟମରେ ଶାନ୍ତି ପ୍ରତି ଆହ୍ୱାନ ଜଣାଇ ନ୍ୟାୟ ପ୍ରତିଷ୍ଠା କ୍ଷେତ୍ରରେ ସେମାନଙ୍କ ଦାୟିତ୍ୱବୋଧ ପ୍ରତି ସଚେତନ କରାଉଛନ୍ତି । ଆଜି ବିଶ୍ୱସମାଜରେ ଅହମଦୀୟା ମୁସଲିମ ସଂପ୍ରଦାୟ ଖିଲାଫତର ସୁବ୍ୟବସ୍ଥା ମାଧ୍ୟମରେ ଏକତା, ଅଖଣ୍ଡତା,ଭାଇଚାରା, ସ୍ନେହ, ସହାନୁଭୂତି, ମାନବ ସେବା, ବିଶ୍ୱ ଶାନ୍ତି କ୍ଷେତ୍ରରେ ବଳିଷ୍ଠ ପ୍ରୟାସ କରିଚାଲିଛି । ଆସନ୍ତୁ ଆମେ ସଭିଏଁ ଏକ ମନ ଏକ ପ୍ରାଣ ହୋଇ ଖିଲାଫତ୍‌ର ହାତକୁ ସୁଦୃଢ଼ କରିବା ଏବଂ ସର୍ବେ ଭବନ୍ତୁ ସୁଖିନର ପ୍ରେମଭରା ସଂଦେଶ ସାରା ବିଶ୍ୱରେ ପ୍ରସାର କରିବା ।

*ମଙ୍ଗଳାବାଗ, କଟକ- ୯୬୯୨୨୨୫୦୫୭*

## ଗାଡ଼କଣ ଗ୍ରାମରେ ପ୍ରତିଭା ସମ୍ମାନ ଉତ୍ସବ

ଭୁବନେଶ୍ୱର : ଭୁବନେଶ୍ୱର ମହାନଗର ନିଗମ ୯ ନଂ ୱାର୍ଡ ଅ'ର୍ଗତ ଗାଡକଣ ଗ୍ରାମରେ ପ୍ରତିଭା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସର୍ବଭାରତୀୟ ମାନବାଧିକାର ପରିଷଦ ତରଫରୁ ଚାରୁକଳା କ୍ଷେତ୍ରରେ ସର୍ବୋଚ୍ଚ ସମ୍ମାନ ଡକ୍ଟରେଟ ଉପାଧି ଗ୍ରହଣ କରିଥିବା ଗ୍ରାମର ଉଦୀୟମାନ ଚିତ୍ରଶିଳ୍ପୀ ଡ. ପ୍ରଣବ କୁମାର ସାହୁଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଛି । ଗ୍ରାମ ପରିଚାଳନା ସମିତିର ସଭାପତି ଟୁନିଆ ପାତ୍ର ଓ ସମ୍ପାଦକ ସବ୍ୟସାଚୀ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉ□ର ବିଧାୟକ ସୁଶାନ୍ତ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ୯ ନଂ ୱାର୍ଡ କର୍ପୋରେଟର




ସୁଷମା ସାହୁ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସୁବାସ ଚନ୍ଦ୍ର ପାତ୍ର, ପ୍ରତାପ ରାଉତ, ଗ୍ରାମର ପୂର୍ବତନ ସଭାପତି କିଶୋର ଜେନା, ଜନକର ସାହୁ, ବରିଷ୍ଠ ମୁରବୀ ପୂର୍ଣ୍ଣଚନ୍ଦ୍ର ସାହୁ, ସଂଯୋଜକ ନନ୍ଦକିଶୋର ସାହୁ ପ୍ରମୁଖ ଯୋଗଦେଇ ଡ. ସାହୁଙ୍କୁ ସମ୍ମାନିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରଙ୍ଗମାଟିଆ ଗ୍ରାମର ସଭାପତି ବୁଲୁ ପରିଡା, ରାଜ୍ୟ କ୍ୟାଟେରିଙ୍ଗ ଆସୋସିଏସନର ସମ୍ପାଦକ ଦେବୀ ପ୍ରସାଦ ରଥ, ଗଡମହାବୀର ମନ୍ଦିର କମିଟିର ସମ୍ପାଦକ ଚି□ରନ ଜେନା, ସ୍ଥାନୀୟ ଆଦିମାତା କଲୋନୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା, ରାଧାକୃଷ୍ଣ କ୍ଲବ, ବିଶ୍ୱଭାରତୀ କ୍ଲବର ସଭାପତି, ସମ୍ପାଦକ, ସଦସ୍ୟ ଓ ସ୍ଥାନୀୟ ବୁଦ୍ଧିଜିବୀମାନେ ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ ।

## ଜିଲ୍ଲାସ୍ତରୀୟ ଧାନ ମଣ୍ଡି ଉଦଘାଟିତ

ବଲାଙ୍ଗିର :(ହି.ସ.) ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ବୁଦୁଲା ସେବାସମବାୟ ସମିତିରେ ଜିଲ୍ଲାସ୍ତରୀୟ ଖରିଫ ରବି ବିପଣନ ବର୍ଷ ୨୦୨୫-୨୬ ଜିଲ୍ଲାସ୍ତରୀୟ ଧାନ ମଣ୍ଡି ଉଦଘାଟିତ ହୋଇ ଯାଇଛି । ବଲାଙ୍ଗିର ଜିଲ୍ଲାପାଳ ଗୌରବ ଶିବାଜୀ ଇସଲୱାର, ଉପଜିଲ୍ଲାପାଳ, ଚିଫ ସିଏସଓ, ଡିଆରସିଏସ, ଏଆରସିଏସ, ଆଗଲପୁର ତହସିଲଦାର ପ୍ରମୁଖ ଉପସ୍ଥିତ ରହି ପ୍ରଥମେ ଦୀପ ପ୍ରଜ୍ୱଳନ କରି ପୂଜାର୍ଚ୍ଚନା କରି ରବି ଋତୁର ଧାନ କିଣା ଆରମ୍ଭ କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ମୋଟ ୫୩୫ଜଣ ଚାଷୀ ଧାନ ବିକ୍ରି ପାଇଁ ରେଜିଷ୍ଟ୍ରେସନ୍ କରିଥିବା ବେଳେ ୪୩୮ଜଣ ଚାଷୀଙ୍କ ଅଫିସିଆଲ୍ ଭେରିଫିକେସନ୍ ହୋଇଛି ।

## ମାଟି ହାଣ୍ଡିର କମୁଛି ଚାହିଦା, ସଙ୍କଟରେ କୁମ୍ଭକାରଙ୍କ କୌଳିକ ବୃତି

ଜୟପୁର: (ହି.ସ.)- ଗ୍ରୀଷ୍ମଋତୁରେ ମାଟିହାଣ୍ଡିର ଥଣ୍ଡା ପାଣି ସମସ୍ତଙ୍କ ଶୋଷ ମେଂଟାଇଥାଏ । ପ୍ରାଚୀନ କାଳରୁ ଲୋକେ ମାଟିହାଣ୍ଡିର ଜଳ ବ୍ୟବହାର କରୁଥିଲେ । ଏବେ କିନ୍ତୁ କିଛି ସ୍ଥାନରେ ଥିବା ଜଳଛତ୍ର ଗୁଡିକରେ ମାଟି ହାଣ୍ଡିର ବ୍ୟବହାର ହେଉଥିବା ଦେଖିବାକୁ ମିଳୁଛି । ଏହା ବ୍ୟତୀତ ପୂର୍ବରୁ ପୂଜାପର୍ବାଣୀରେ ମାଟିରେ ନିର୍ମିତ ବିଭିନ୍ନ ପ୍ରକାର ପାତ୍ର ଖୋଜା ପଡ଼ିଥାଏ । ହେଲେ ଧୀରେଧୀରେ ମାଟି ପାତ୍ରର ଚାହିଦା କମିବାରେ ଲାଗିଛି । ଏବେ ଗ୍ରୀଷ୍ମ ଋତୁ ଥିବାରୁ ଅଧିକାଂଶ ଲୋକଙ୍କ ଘରେ ମାଟିହାଣ୍ଡିରେ ପାଣି ବ୍ୟବହାର କରିଥାନ୍ତି, ଏହି ସମୟରେ ବିକ୍ରି କରି କିଛି ଭଲ ରୋଜଗାର ପାଇଁ ଆଶା ବାନ୍ଧିଥାଆନ୍ତି କୁମ୍ଭକାର ପରିବାର । ହେଲେ ବର୍ତ୍ତମାନ ଜୟପୁର ବଜାରରେ ମାଟି ପାତ୍ର ବଦଳରେ ଅତ୍ୟାଧୁନିକ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ମିଳୁଥିବାରୁ ବ୍ୟବସାୟ ପ୍ରଭାବିତ ହେଉଥିବା ଦେଖିବାକୁ ମିଳୁଛି । ଫଳରେ ନିଜର କୌଳିକ ବୃତିକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି କୁମ୍ଭକାର ପରିବାର । ଗ୍ରୀଷ୍ମଋତୁରେ ମାଟି ହାଣ୍ଡିର ଚାହିଦା ବେଶ୍ ବଢ଼ିଯାଏ । ମାଟି ହାଣ୍ଡିର ପାଣି ପିଇଲେ ବିଭିନ୍ନ ପ୍ରକାର ରୋଗରୁ ମୁକ୍ତି ମିଳିଥାଏ । ଏହା ବ୍ୟତୀତ ରୋଗ ପ୍ରତିରୋଧକ ଶକ୍ତି ମଧ ବଢ଼ିଥାଏ । କିନ୍ତୁ ପରିବର୍ତିତ ଆଧୁନିକ ଚଳଣୀରେ ମାଟି ପାତ୍ର ପ୍ରତି ଲୋକଙ୍କ ଆଗ୍ରହ କମିବାରେ ଲାଗିଛି । ଲୋକେ ଅତ୍ୟାଧୁନିକ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ପାଇଁ ଧୀରେଧୀରେ ମାଟି ପାତ୍ରକୁ ଅଣଦେଖା କରୁଛନ୍ତି । ମାଟି ପାତ୍ରର ସ୍ଥାନ ନେଲାଣି ଅତ୍ୟାଧୁନିକ ବିଭିନ୍ନ ପ୍ରକାର ଷ୍ଟିଲ, ଆଲୁମିନିୟମ, ଫାଇବର ଓ କାଚ ପ୍ରଭୃତିରେ ନିର୍ମିତ ଫିଲଟର୍, ଆକ୍ୱାଗାର୍ଡ, ଫ୍ରିଜ୍ ସମେତ ବିଭିନ୍ନ ପ୍ରକାର ବୈଦୁତିକ ସାମଗ୍ରୀ । ଅତ୍ୟାଧୁନିକ ବୈଦ୍ୟୁତିକ ସାମଗ୍ରୀରେ ଖୁବଶିଘ୍ର ସମେତ ଜିନିଷ ପ୍ରସ୍ତୁତ ହୋଇଥାଏ ଏବଂ ଦେଖିବାକୁ ମଧ ଭଲଥିବାରୁ ବର୍ତ୍ତମାନ ଟଙ୍କାକୁ ନଦେଖି ଗରିବ ଠାରୁ ଧନୀ ଶ୍ରେଣୀର ପରିବାରରେ ବୈଦୁତିକ ସାମଗ୍ରୀ ବ୍ୟବହାର ବଢ଼ିବାରେ ଲାଗିଛି । ଏହା ଛଡା ଦୀପାବଳି ସମୟରେ ମଧ ରାଜ୍ୟ ବାହାରୁ ଆସୁଥିବା ରଙ୍ଗବେରଙ୍ଗର ଦୀପର ବିକ୍ରି ବୃଦ୍ଧି ପାଇଥାଏ । ମାଟି ଦୀପ ଜାଳିବା ପରମ୍ପରା ମଧ ହଜିବାକୁ ବସିଲାଣି । ଏପରିକି ପୂର୍ବରୁ ମାଟିରେ ତିଆରି ଖପର ଘରେ ଲୋକେ ରହୁଥିଲେ । କିନ୍ତୁ, ବର୍ତ୍ତମାନ ଖପର ଘର ମଧ ବହୁତ୍ କମ୍ ଦେଖିବାକୁ ମିଳୁଛି । ଚାରିପଟେ ପକ୍କା ଘର ଦେଖିବାକୁ ମିଳୁଛି । ଫଳରେ ବହୁ କୁମ୍ଭକାର ପରିବାର ନିଜର କୌଳିକ ବୃତି ଛାଡ଼ିବାକୁ ବସିଲେଣି । ତେଣୁ ରାଜ୍ୟ ସରକାର କୁମ୍ଭାକାର ପରିବାରଙ୍କ ଗୁଜୁରାଣ କିପରି ମେଂଟିବ ସେଥିପ୍ରତି ଗୁରୁତ୍ୱ ଦେବାକୁ ଦାବି ହୋଇଛି ।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର

ନୂଆପଡା : (ହି.ସ.)- ନୂଆପଡା ଜିଲ୍ଲାର ସିନାପାଲି ବ୍ଲକ ସଭାଗୃହରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଆଜି ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସହ ବନଖଣ୍ଡ ଅଧିକାରୀ (ପ୍ରାନ୍ତୀୟ) ଅଜିଜ ଖାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଞ୍ଜିତ ନାୟକ, ବ୍ଲକ ଅଧକ୍ଷା ମାଧୁରୀ ମାଝୀ, ବ୍ଲକ ଉପାଧକ୍ଷା ମୀନା ଘିବେଲା, ବିଡିଓ କାର୍ମୀ ଓରାମ, ତହସିଲଦାର ଉପାଞ୍ଜଳୀ ମାଝୀ ଏବଂ ଏସ୍ଡିପିଓ ଉପେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଡେପୁଟି କଲେକ୍ଟର ଚିନ୍ମୟ ସାଗର ଓ ଶେଖ ନସୀମ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଶିବିରରେ ସିନାପାଲି ବ୍ଲକର ବିଭିନ୍ନ ଗ୍ରାମ ପଂଚାୟତରୁ ଆସିଥିବା ୫୫ଟି ବ୍ୟକ୍ତିଗତ ଓ ୯ଟି ଗୋଷ୍ଠୀଗତ ଅଭିଯୋଗ ସହ ମୋଟ ୬୪ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ଜିଲ୍ଲାର ସମସ୍ତ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗର ତ୍ୱରିତ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିଥିଲେ । ଶିବିରରେ ଗୁଲସନ କୁମାର ସରାଫଙ୍କୁ ଉଚ୍ଚ ଶିକ୍ଷା ପାଇଁ ୪୬,୪୯୫ ଟଙ୍କା, ସରୋଜ ଶତନାମୀଙ୍କୁ ୩୯,୫୮୩ ଟଙ୍କା ଓ ବିଶାଳ ଶତନାମୀଙ୍କୁ ୩୦,୪୪୮ ଟଙ୍କାର ଚେକ ପ୍ରଦାନ କରାଯାଇଥିଲା । ସେହିପରି ବିରମଣି ନିଆଲ, ଧନିରାମ ନିଆଲ ଓ ଦିନଜନ ଗୁଆଲଙ୍କୁ ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ଲେଖାଏ ଚେକ ପ୍ରଦାନ କରାଯାଇଥିଲା । ଜଣେ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ପେନସନ ପ୍ରଦାନ କରାଯାଇଥିବା ବେଳେ ଅନ୍ୟାନ୍ୟ ଆବେଦନ ଉପରେ ମଧ ତତ୍କାଳ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯାଇଥିଲା । ଏହି ଅବସରରେ ସ୍ୱଚ୍ଛତା କ୍ଷେତ୍ରରେ ସଚେତନତା ସୃଷ୍ଟି ପାଇଁ ଖଗେଶ୍ୱର ସା (ବରଗାଁ ଗ୍ରାମ ପଂଚାୟତ), ଚୁଡାରାମ ବିହାରୀ (ଗଣ୍ଡାବାହାଲି ଗ୍ରାମ ପଂଚାୟତ) ଓ ଲଳିତ ତାଣ୍ଡି (ମାଖାପଦର ଗ୍ରାମ ପଂଚାୟତ)ଙ୍କୁ "ସ୍ୱଚ୍ଛତା ଦୂତ" ସମ୍ମାନରେ ସମ୍ମାନିତ କରାଯାଇଥିଲା । ଅଭିଯୋଗ ଶୁଣାଣି ଶିବିର ଉପଲକ୍ଷେ ଗଣ୍ଡାବାହାଲି ଗ୍ରାମରେ ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଗୃହପାଳିତ ପଶୁପକ୍ଷୀଙ୍କ ଚିକିତ୍ସା ପାଇଁ ଏକ ସ୍ୱତନ୍ତ୍ର ପଶୁଚିକିତ୍ସା ଶିବିର ମଧ ଆୟୋଜନ କରାଯାଇଥିଲା । ଆଜିର ଏହି କାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲା ସ୍ତରୀୟ ଓ ବ୍ଲକ ସ୍ତରୀୟ ଅଧିକାରୀଙ୍କ ସହ ବହୁ ସଂଖ୍ୟକ ସାଧାରଣ ଲୋକ ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ । ପିଏମ୍-ଜନମନ ଅଭିଯାନର ସଫଳ ସମାପନ ଅବସରରେ ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନ (ପିଏମ୍-ଜନମନ) ଓ ଧରତୀ ଆବା ଜନଜାତିୟ ଗ୍ରାମ ଉତ୍କର୍ଷ ଅଭିଯାନ (ଡିଏ-ଜିଏଉଏ) କାର୍ଯ୍ୟକ୍ରମର ସଫଳ ସମାପନ ମଧ ଘୋଷଣା କରାଯାଇଥିଲା । ଏହି ଅଭିଯାନ ମାଧ୍ୟମରେ ଜିଲ୍ଲାର ଜନଜାତି ଅଧିବାସୀ ଅଂଚଳରେ ବିଭିନ୍ନ ସରକାରୀ ଯୋଜନାର ସୁଫଳ ପହଂଚାଇବା ସହ ସଚେତନତା ସୃଷ୍ଟି କରାଯାଇଥିଲା । ସମାପନୀ ଅବସରରେ ଅଭିଯାନ ଅଧୀନରେ କରାଯାଇଥିବା କାର୍ଯ୍ୟର ବିବରଣୀ ଉପସ୍ଥାପନ କରାଯାଇଥିଲା । ଏହି ମାସ ୧୮ ରୁ ୨୫ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ଦୁର୍ଗମ ଓ ଜନଜାତି ଅଂଚଳରେ ଫିଲ୍ଡ କନ୍ଟାକ୍ଟ, ସର୍ଭିସ ସାଚୁରେସନ, ହେଲ୍ଥ ଆଉଟ୍ରିଚ ଓ ଲାଇଭଲିହୁଡ ଭିଜିବିଲିଟି ଭଳି କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଥିଲା । ଏହି ଅଭିଯାନ ମାଧ୍ୟମରେ ସରକାରୀ ଯୋଜନାଗୁଡିକୁ ଜନଜାତି ଅଂଚଳର ଲୋକଙ୍କ ପାଖରେ ପହଂଚାଇବା ସହ ସ୍ୱାସ୍ଥ୍ୟ, ଜୀବିକା ଓ ସାମାଜିକ ସୁରକ୍ଷା ମେଳାପରେ ଉଲ୍ଲେଖନୀୟ ସଫଳତା ମିଳିଥିବା ଅଧିକାରୀମାନେ କହିଥିଲେ ।

## ଶୈଣ୍ଡିକ ସମାଜର ମହାସଭା ଓ ବାର୍ଷିକ ଉତ୍ସବ

କନ୍ଧମାଳ : (ହି.ସ.)- କନ୍ଧମାଳ ଜିଲ୍ଲା ଫୁଲବାଣୀ ବ୍ଲକ କେରେଡ଼ି ମା ଉମାଦେବୀ ମନ୍ଦିର ପ୍ରାଙ୍ଗଣରେ କନ୍ଧମାଳ ଜିଲ୍ଲାର ଶୈଣ୍ଡିକ ସମାଜର ମହାସଭା ସହ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି କେନ୍ଦ୍ର ସଭାପତି ଦେବଶ୍ୱର ବେହେରାଙ୍କ ଅଧକ୍ଷତାରେ ଏବଂ କେନ୍ଦ୍ର ସମ୍ପାଦକ ଶୁଶାନ୍ତ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବାର୍ଷିକ ସମ୍ମିଳନୀ ତିନି ଦିନ ଧରି ଅନୁଷ୍ଠିତ ହୋଇଥିଲା । ସମ୍ମିଳନୀରେ ପ୍ରଥମ ଦିନରେ ସଭା ମଣ୍ଡପରୁ ବାହାରି ଖୋଳ ତାଳ କୀର୍ତନ ସହ କଳସୀ ଯାତ୍ରା ଅନୁଷ୍ଠିତ ପରେ ପୁନର୍ବାର ସଭା ମଣ୍ଡପର ପୂଜା ମଣ୍ଡପରେ ସ୍ଥାପନ କରା ଯାଇଥିଲା । ବୈଠକରେ ୪ ବର୍ଷ ପରେ ପ୍ରଥମେ ନୂତନ ଭାବେ ନିର୍ବାଚନ ଏବଂ ସମାଜର କର୍ମକର୍ତା ନିଯୁକ୍ତି କରାଗଲା । ଜିଲ୍ଲା ଶୈଣ୍ଡିକ ସମାଜର ଦ୍ୱିତୀୟ ବୈଠକରେ ସାମାଜିକ ସମସ୍ୟା, ଶିକ୍ଷା, ସ୍ୱାସ୍ଥ୍ୟ, ନିଶା ନିବାରଣ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯିବା ସହ ବରିଷ୍ଠ ଉପଦେଷ୍ଟା ମାନେ ସମାଜର ଶୃଙ୍ଖଳା ସହ ସମସ୍ତ ଶୈଣ୍ଡିକ ଜାତି ସଂସ୍କାରକୁ ଗୁରୁତ୍ୱ ଦେବା ସହ ନିଜ ପୁଅ ଝିଅକୁ ପାଠ ପଢ଼ାଇବାକୁ ଗୁରୁତ୍ୱ ଦେଇ ଉପଯୁକ୍ତ ଦାୟିତ୍ୱ ନିର୍ବାହ କରିବାକୁ ସଚେତନ କରିଥିଲେ । ସମସ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ୩୫ଟି ଗ୍ରାମଶାସନର ସଭାପତି ସମ୍ପାଦକ ପତ୍ର ବାହକ, ହଜାର ହଜାର ଶୈଣ୍ଡିକ ଜାତିର ଜନସାଧାରଣ ଯୋଗ ଦେଇଥିଲେ । ସମ୍ମିଳନିର ପରିଚାଳନା ଆୟୋଜକ କମିଟି ସଭାପତି ଦେବେଶ୍ୱର ବେହେରା ସମ୍ପାଦକ ଶୁଶାନ୍ତ ବେହେରାଙ୍କ ଉପସ୍ଥିତିରେ ସର୍ବ ସମ୍ମତି କ୍ରମେ ନୂତନ କର୍ମକର୍ତା ନିର୍ବାଚିତ କରାଯାଇଥିଲା କ୍ଷ ସଭାପତି ରୂପେ ମହେଶ୍ୱର ସାହୁ, ଉପସଭାପତି ଭାବେ ମଳୟ କୁମାର ବେହେରା ଓ ବସନ୍ତ କୁମାର ସାହୁ, ସମ୍ପାଦକ ସୁଶାନ୍ତ କୁମାର ବେହେରା, ଯୁଗ୍ମ ସମ୍ପାଦକ ପ୍ରଭୁ ଚରଣ ପ୍ରଧାନ, କୋଷାଧକ୍ଷ ଶିବ ପ୍ରସାଦ ସାହୁ, ୧୨ ଜଣ ଉପଦେଷ୍ଟା ନିର୍ବାଚିତ ହୋଇଛନ୍ତି । କେରେଡ଼ି ଜାତି ବୃନ୍ଦ ସହଯୋଗ ଏବଂ ଶୁଶାନ୍ତ ବେହେରା ପରିଚାଳନା କରିଥିବା ବେଳେ ଜିଲ୍ଲା ଶୈଣ୍ଡିକ ସମାଜର ଜିଲ୍ଲା ସଭାପତି ଭାବେ ମହେଶ୍ୱର ସାହୁଙ୍କୁ ନୂତନ ଭାବେ ସମାଜର ଦାଇତ୍ୱ ଗ୍ରହଣ କରିଥିଲେ କ୍ଷ ଏଥି ସହିତ ଶୁଣ୍ଡୀ ସମାଜକୁ ସୁପରିଚାଳନା ନିମନ୍ତେ ୧୨ ଜଣ ଅଭିଜ୍ଞାତା ସମ୍ପନ୍ନ ତଥା ବରିଷ୍ଠ ଏବଂ କନିଷ୍ଠ କର୍ମକର୍ତାଙ୍କୁ ନେଇ ଉପଦେଷ୍ଟା ବଛାଯାଇଛି । ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ରମେଶ ଚନ୍ଦ୍ର ପ୍ରଧାନ ଏବଂ ମନୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।



# ଜନଜାତି ଭାଷାରେ ଏଆଇ: ଅନ୍ତର୍ଭୁକ୍ତିମୂଳକ ବିକାଶର ଆଶା

ଆମ ଦେଶର ଜଙ୍ଗଲ, ପାହାଡ଼ ଏବଂ ଦୁର୍ଗମ ଅଂଚଳଗୁଡ଼ିକରେ ଏକ ନିରବ ଅଥଚ ଗୁରୁତ୍ୱପୂର୍ଣ୍ଣ ପରିବର୍ତନ ଚାଲିଛି । ଭାରତର ବିକାଶ ଗାଥାର କେନ୍ଦ୍ରବିନ୍ଦୁରେ ନିଜର ଯଥାର୍ଥ ସ୍ଥାନକୁ ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ଜନଜାତି ସମୁଦାୟ ଆଜି ଦେଶର ପ୍ରଗତିର ସକ୍ରିୟ ସ୍ଥପତି ଭାବରେ ଉଭା ହେଉଛନ୍ତି । ଏହି ଭାବନା ହିଁ 'ଜନଜାତି ଗୌରବ ଉତ୍ସବ'ର ମୂଳଦୁଆ ଅଟେ; ବିକଶିତ ଭାରତ ଆଡ଼କୁ ଏକ ଯାତ୍ରାର ଏହା ଏକ ଜାତୀୟ ଉତ୍ସବ, ଯେଉଁଠାରେ ପ୍ରଗତି କୌଣସି ଭୌଗୋଳିକ ସ୍ଥିତି ବା ପରିସ୍ଥିତିର ସୁବିଧା ନୁହେଁ, ବରଂ ପ୍ରତ୍ୟେକ ନାଗରିକଙ୍କର ଏକ ସମାନ ଅଧିକାର । ମହତ୍ୱାକାଂକ୍ଷାର ପରିମାଣ ଜନଜାତି ବିକାଶ ପାଇଁ ପ୍ରଯୁକ୍ତିବିଦ୍ୟା କାହିଁକି ଅପରିହାର୍ଯ୍ୟ ହୋଇଛି ତାହା ବୁଝିବା ପାଇଁ, ପ୍ରଥମେ ଆମକୁ ଏଥି ନିମନ୍ତେ ଥିବା ଚ୍ୟାଲେଞ୍ଜର ପରିମାଣକୁ ବୁଝିବାକୁ ପଡିବ । ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ (ପିଏମ- ଜନମନ), ଧରତୀ ଆବା ଜନଜାତି ଗ୍ରାମ ଉତ୍କର୍ଷ ଅଭିଯାନ (ଦାଜଗୁଆ), ଜାତୀୟ ସିକଲ୍ ସେଲ୍ ରକ୍ତହୀନତା ଦୂରୀକରଣ ମିଶନ୍, ଏବଂ ତତ୍ ସମ୍ପର୍କିତ ପଦକ୍ଷେପଗୁଡ଼ିକ ୩୦ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳର ୫୪୯ ଜିଲ୍ଲା ଏବଂ ୨,୯୧୧ ବ୍ଲକରେ ୬୩,୦୦୦ରୁ ଅଧିକ ଗ୍ରାମରେ କାର୍ଯ୍ୟକାରୀ କରାଯାଉଛି, ଯାହା ୫.୫ କୋଟିରୁ ଅଧିକ ଆଦିବାସୀ ନାଗରିକଙ୍କୁ ଉପକୃତ କରୁଛି । ବିଶେଷ ଭାବରେ ଦୁର୍ବଳ ଜନଜାତି ଗୋଷ୍ଠୀ (ପି.ଭି.ଟି.ଜି.) ଉପରେ ବିଶେଷ ଧ୍ୟାନ ପ୍ରଦାନ ପୂର୍ବକ, ଏହି ପ୍ରୟାସଗୁଡ଼ିକ ବାସଗୃହ, ପାନୀୟ ଜଳ, ପରିମଳ, ଶିକ୍ଷା, ସ୍ୱାସ୍ଥ୍ୟସେବା, ସଂଯୋଗୀକରଣ ଏବଂ ଜୀବନ ଜୀବିକା ଭଳି ଅତ୍ୟାବଶ୍ୟକ ସେବାର ପରିପୂର୍ଣ୍ଣତା କଭରେଜକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ପ୍ରବର୍ତନ କରାଯାଉଛି । ଏପରି ବିବିଧତାଯୁକ୍ତ ଏବଂ ବିସ୍ତୀର୍ଣ୍ଣ ଭୂଖଣ୍ଡରେ ପ୍ରତ୍ୟେକ ପରିବାରଙ୍କ ନିକଟରେ ପହଂଚିବା ପାଇଁ ତଥ୍ୟ-ଚାଳିତ, ସଂଯୁକ୍ତ ଏବଂ ଦାୟିତ୍ୱଯୁକ୍ତ ବ୍ୟବସ୍ଥାର ଆବଶ୍ୟକତା ଅଛି ଏବଂ ଏହା ହିଁ ଆମେ ନିର୍ମାଣ କରୁଛୁ । ଚଳିତ ବର୍ଷ ଜନଜାତି ଗାରିମା ଉତ୍ସବ ଚାରିଟି ବିଷୟବସ୍ତୁ ଉପରେ ଆଧାରିତ ସପ୍ତାହ ମଧ୍ୟରେ ଆୟୋଜିତ ହେଉଛି, ଯାହା ମିଳିତ ଭାବରେ ଜନଜାତି ବିକାଶର ପୂର୍ଣ୍ଣ ସୁଫଳକୁ ପ୍ରତିଫଳିତ କରେ । 'ବିକାଶର ଏକ ବାହକ ଭାବରେ ପ୍ରଯୁକ୍ତିବିଦ୍ୟା' ଉଦ୍ଘାଟନୀ ବିଷୟବସ୍ତୁ ଦର୍ଶାଏ ଯେ ଡିଜିଟାଲ୍ ସିଷ୍ଟମ୍, ବିଜ୍ଞାନ ଏବଂ ନବାଚାର ଭାରତର କେତେକ ସୁଦୂରବର୍ତୀ ଗୋଷ୍ଠୀଙ୍କୁ ଶାସନ ଏବଂ ସୁଯୋଗ ବିସ୍ତାର କରିବାରେ କିପରି ସାହାଯ୍ୟ କରୁଛି । ଏହି ଦୃଷ୍ଟିକୋଣର ମୂଳରେ ଏକ ସରଳ ନୀତି ରହିଛି । ତାହା ହେଲା - ବିକାଶ ଆଦିବାସୀ ଭାଷା, ସଂସ୍କୃତି, ଐତିହ୍ୟ ଏବଂ ପାରମ୍ପରିକ ଜ୍ଞାନ ପ୍ରଣାଳୀ ପ୍ରତି ଗଭୀର ସମ୍ମାନ ରଖି ସମାଜର ଶେଷତମ ବ୍ୟକ୍ତି ପର୍ଯ୍ୟନ୍ତ ପହଂଚିବା ଉଚିତ । ଆଦିବାସୀ ମର୍ଯ୍ୟାଦାର ସେବାରେ ପ୍ରଯୁକ୍ତିବିଦ୍ୟା ଉଦ୍ଦେଶ୍ୟ ସହିତ ନିର୍ଦ୍ଦେଶିତ ହୋଇ କାର୍ଯ୍ୟକ୍ରମରେ ପ୍ରବର୍ତିତ ହେଲେ ପ୍ରଯୁକ୍ତିବିଦ୍ୟା କ'ଣ ହାସଲ କରିପାରିବ ତାହାର ସବୁଠାରୁ ସ୍ପଷ୍ଟ ଉଦାହରଣ ହେଉଛି ବିର୍ସା ୧୦୧ - ସିକଲ୍ ସେଲ୍ ରୋଗ ପାଇଁ ଭାରତର ପ୍ରଥମ ସ୍ୱଦେଶୀ କ୍ରିସପର-ଆଧାରିତ ଜିନ୍ ଥେରାପି । ସିକଲ୍ ସେଲ୍ ରୋଗ ଦୀର୍ଘ ସମୟ ଧରି ଆଦିବାସୀ ବର୍ଗର ଲୋକମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ଚ୍ୟାଲେଞ୍ଜ ସୃଷ୍ଟି କରିଆସିଛି, ଏବଂ ଭାରତ ବର୍ତମାନ ସମାନତା ଏବଂ ସୁଗମତାରେ ମୂଳ ଥିବା ଉନ୍ନତ ବିଜ୍ଞାନ ସହିତ ସେହି ଚ୍ୟାଲେଞ୍ଜର ସମାଧାନ ଉତର ପ୍ରଦାନ କରୁଛି । ଜନଜାତି ବ୍ୟାପାର ମନ୍ତ୍ରଣାଳୟ ବୈଜ୍ଞାନିକ ଏବଂ ଶିଳ୍ପ ଗବେଷଣା ପରିଷଦ (ସି.ଏସ.ଆଇ.ଆର.), ସି.ଏସ.ଆଇ.ଆର.-ଜିନୋମିକ୍ସ ଏବଂ ସମନ୍ୱିତ ବାୟୋଲୋଜି (ଆଇ.ଜି.ଆଇ.ବି.), ଏବଂ ସେରମ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ସହିତ ମିଳିତ ଭାବରେ ଗବେଷଣା, କ୍ଲିନିକାଲ୍ ପରୀକ୍ଷଣ ଭିତିଭୂମି ଏବଂ ପ୍ରଯୁକ୍ତିବିଦ୍ୟା ସ୍ଥାନାନ୍ତରଣକୁ ସମର୍ଥନ କରିବା ପାଇଁ ଆର୍ଥିକ ସହାୟତା ପ୍ରଦାନ କରୁଛି । ନିକଟରେ ସି.ଏସ.ଆଇ.ଆର-ଆଇ.ଜି.ଆଇ.ବି. ପକ୍ଷରୁ ଅନୁଷ୍ଠିତ ଏକ ସେମିନାରରେ ବିଜ୍ଞାନୀ, ନୀତି ନିର୍ଦ୍ଧାରକ ଏବଂ ସିକଲ୍ ସେଲ୍ ସହିତ ଲଢୁଥିବା ବ୍ୟକ୍ତିମାନେ ଏକାଠି ହୋଇଥିଲେ, ଯାହା ଏହି ପ୍ରୟାସ ପଛରେ ଥିବା ବୈଜ୍ଞାନିକ ପ୍ରଗତି ଏବଂ ମାନବୀୟ ଜରୁରୀ ଆବଶ୍ୟକତାକୁ ପ୍ରତିଫଳିତ କରିଥିଲା । ଏହାର ସହଭାଗୀ ଲକ୍ଷ୍ୟ ବେଶ୍ ସ୍ପଷ୍ଟ: ଏକ ସୁଲଭ, ଏକକାଳୀନ ଚିକିତ୍ସା ପଦ୍ଧତିର ବିକାଶ ଘଟାଇବା ଯାହା ପ୍ରତ୍ୟେକ ଆଦିବାସୀ ପରିବାରଙ୍କ ନିକଟରେ ସହଜରେ ଉପଲବ୍ଧ ହୋଇପାରିବ । ବିର୍ସା ୧୦୧ କେବଳ ଏକ ଚିକିତ୍ସା ମାଇଲଖୁଂଟ ନୁହେଁ; ଏହା ଏପରି ଏକ ଘୋଷଣା ଯାହା ମାଧ୍ୟମରେ ଭାରତର ସବୁଠାରୁ ଉନ୍ନତ ବିଜ୍ଞାନ ଏହାର ସବୁଠାରୁ ଯୋଗ୍ୟ ସମ୍ପ୍ରଦାୟର ସେବା ନିମନ୍ତେ ଉପଲବ୍ଧ ହେବ । ଏହି ବିଶ୍ୱାସ ଏକ ପ୍ରୟାସ ଅପେକ୍ଷା ଅଧିକ ଗଭୀର । ପାରମ୍ପରିକ ଜ୍ଞାନ ଡିଜିଟାଲ୍ ଲାଇବ୍ରେରୀ (ଟି.କେ.ଡି.ଏଲ.) ଏବଂ ଆୟୁର୍ଜେନୋମିକ୍ସ ଭଳି ପ୍ରୟାସ ପ୍ରଦର୍ଶନ କରେ ଯେ ଆଧୁନିକ ପ୍ରଯୁକ୍ତିବିଦ୍ୟା କିପରି ଆଦିବାସୀ ସମ୍ପ୍ରଦାୟ ଦ୍ୱାରା ଦୀର୍ଘ ସମୟ ଧରି ସୁରକ୍ଷିତ ଥିବା ସମୃଦ୍ଧ ଔଷଧୀୟ ଏବଂ ପରିବେଶଗତ ଜ୍ଞାନର ନଥିକରଣ, ବୈଧତା ଏବଂ ସଂରକ୍ଷଣ କରିବାରେ ସହାୟକ ହୋଇପାରିବ । ଆଦିବାସୀ ସମ୍ପ୍ରଦାୟଙ୍କ ବିକାଶରେ କୃତ୍ରିମ ବୁଦ୍ଧିମତା କିପରି ସମନ୍ୱିତ ହେବାରେ ଲାଗିଛି ତାହା ମଧ୍ୟ ଏଥିରେ ସମାଯୋଜିତ ହୋଇଛି । ଇଣ୍ଡିଆ ଏ.ଆଇ. ଇମ୍ପାକ୍ଟ ସମିଟ୍ ୨୦୨୬ରେ, ମନ୍ତ୍ରଣାଳୟ ଏକ ସରଳ ଅଥଚ ଦୃଢ଼ ବିଶ୍ୱାସ ଉପରେ ନିର୍ମିତ ବିଭିନ୍ନ କୃତ୍ରିମ ପ୍ରଜ୍ଞା-ସକ୍ଷମ ପ୍ଲାଟଫର୍ମ ଉପସ୍ଥାପନ କରିଥିଲା । ଭାଷା ପରସ୍ପରଙ୍କୁ ଦୂର କରିବାକୁ ବାଧା ନୁହେଁ ବରଂ ଏକ ପରିଚୟ ଯାହାକୁ ଅନୁପାଳନ କରିବାକୁ ହେବ । ଆଦିବାସୀ ଭାଷା ପାଇଁ କୃତ୍ରିମ ପ୍ରଜ୍ଞା-ଚାଳିତ ଅନୁବାଦକ 'ଆଦି ବାଣୀ', ଆଦିବାସୀ ଭାଷାରେ ପାଠ୍ୟ-ରୁ-ପାଠ୍ୟ ଏବଂ ପାଠ୍ୟ-ରୁ-ଭାଷା ଅନୁବାଦ, ଓ.ସି.ଆର. ଏବଂ ସରକାରୀ ଯୋଜନା ସୂଚନା ପ୍ରଦାନକୁ ସମର୍ଥନ ଯୋଗାଏ, ଯାହା ନାଗରିକମାନଙ୍କୁ ଘରେ ସ୍ୱାଭାବିକ ଭାଷାରେ ସାର୍ବଜନୀନ ସେବା ସହିତ ସଂଯୋଜିତ କରିବାରେ ସକ୍ଷମ କରିଥାଏ । ଏକ ବହୁଭାଷୀ ବାର୍ତାଳାପ କୃତ୍ରିମ ପ୍ରଜ୍ଞା ସହାୟକ, 'ଟ୍ରାଇବୋଟ', ଦୂରଦୂରାନ୍ତର ଅଂଚଳର ନାଗରିକମାନଙ୍କୁ 'ରିଅଲ ଟାଇମ' ମାର୍ଗଦର୍ଶନ ଏବଂ ଅଭିଯୋଗ ସମର୍ଥନ ପ୍ରଦାନ କରି ଏହି ପ୍ରୟାସକୁ ଆହୁରି ମଜବୁତ କରିଛି । ଭଗବାନ ବିର୍ସା ମୁଣ୍ଡା ସେଲ୍ ଏବଂ ଆଇ.ଆଇ.ଟି., ଦିଲ୍ଲୀର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏକ ଜାତୀୟ ସେମିନାରରେ ମଧ୍ୟ ଏହି ପ୍ରୟାସଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା, ଯାହା ଆଦିବାସୀମାନଙ୍କ ଭାଷାର ଦୀର୍ଘକାଳୀନ ସଂରକ୍ଷଣ ଏବଂ ସୁଦୃଢ଼ୀକରଣ ସମେତ କୃତ୍ରିମ ପ୍ରଜ୍ଞା ସମର୍ଥିତ ସାଂସ୍କୃତିକ ପ୍ରୟାସକ ଭାବରେ ସମ୍ବେଦନଶୀଳ ଏବଂ ସମ୍ପ୍ରଦାୟ-କେନ୍ଦ୍ରିକ ପ୍ରୟୋଗ ଉପରେ ଧ୍ୟାନ ଆରୋପ କରିଥିଲା । ପ୍ରଯୁକ୍ତିବିଦ୍ୟା ମଧ୍ୟ ସାଂସ୍କୃତିକ ସୁଦୃଢ଼ୀକରଣ ଏବଂ ଆର୍ଥିକ ସଶକ୍ତିକରଣର ଏକ ଶକ୍ତିଶାଳୀ ସାଧନରେ ପରିଣତ ହୋଇଛି । ଆଗାମୀ 'ଟ୍ରାଇବଏକ୍ସ' ପ୍ଲାଟଫର୍ମ ଆଦିବାସୀ କଳା, ଭାଷା, ପାରମ୍ପରିକ ଜ୍ଞାନ, ସଙ୍ଗୀତ, ହସ୍ତଶିଳ୍ପ ଏବଂ ସାଂସ୍କୃତିକ ଅଭିଜ୍ଞତାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଡିଜିଟାଲ୍ ଇକୋସିଷ୍ଟମ୍ ସୃଷ୍ଟି କରିବା ନିମନ୍ତେ ଲକ୍ଷ୍ୟ ସ୍ଥିର କରିଛି । ଏହି ପ୍ରୟାସକୁ ପରିପୂରକ କରି, ପ୍ରସ୍ତାବିତ ଟ୍ରାଇବାଲ୍ ଇଣ୍ଡିଆର ଜି.ଆଇ. ପୋଟେନସିଆଲ୍ ଆର୍ଟ ଆଣ୍ଡ୍ କ୍ରାଫ୍ଟ ଆଟଲାସ୍ ଜନଜାତି ହସ୍ତଶିଳ୍ପ, ଜଙ୍ଗଲଜାତ ଦ୍ରବ୍ୟ ଏବଂ ପାରମ୍ପରିକ କଳା ଫର୍ମଗୁଡ଼ିକୁ ଭୌଗୋଳିକ ସଙ୍କେତ (ଜି.ଆଇ.) ସମ୍ଭାବନା ସହିତ ଡିଜିଟାଲ୍ ଭାବରେ ମ୍ୟାପିଂ କରିବ, ଯାହା ବ୍ରାଣ୍ଡିଂ, ବଜାର ପ୍ରବେଶ ଏବଂ ଆଦିବାସୀ ସମ୍ପ୍ରଦାୟଙ୍କ ବୌଦ୍ଧିକ ଐତିହ୍ୟର ସ୍ୱୀକୃତିକୁ ସୁଦୃଢ଼ କରିବାରେ ସାହାଯ୍ୟ କରିବ । ପାଇଲଟ୍ ଭିତିରେ ଏହାକୁ ପାଂଚଟି ରାଜ୍ୟର ଜନଜାତି ଗବେଷଣା ପ୍ରତିଷ୍ଠାନଗୁଡ଼ିକରେ ପ୍ରବର୍ତନ ନିମନ୍ତେ ଯୋଜନା କରାଯାଇଥିବା ନବାଚାର କେନ୍ଦ୍ରଗୁଡ଼ିକ ଆହୁରି ଆଗକୁ ବଢ଼ିବ, ଡିଜାଇନ୍ ଏବଂ ଉତ୍ପାଦ ବିକାଶ ସମର୍ଥନ, ଜି.ଆଇ.ଏସ.-ଆଧାରିତ ଯୋଜନା ଡ୍ୟାସବୋର୍ଡ ଏବଂ ନବାଚାର- ନେତୃତ୍ୱାଧୀନ ଆଦିବାସୀ ଉଦ୍ୟୋଗୀ ଏବଂ ଷ୍ଟାର୍ଟଅପ୍ ପାଇଁ ଇନକ୍ୟୁବେସନ୍ ଭିତିଭୂମିକୁ ଏକତ୍ର ମିଶ୍ରଣ କରିବାକୁ ସକ୍ଷମ ହେବ । ପ୍ରଯୁକ୍ତିବିଦ୍ୟା ଆଦିବାସୀ ସମ୍ପ୍ରଦାୟଙ୍କ ପର୍ଯ୍ୟନ୍ତ ପ୍ରଶାସନକୁ ପହଂଚାଇବାର ଉପାୟକୁ ସମାନ ଭାବରେ ବଦଳାଇ ଚାଲିଛି । ପି.ଭି.ଟି.ଜି. ପରିବାର ସର୍ଭେ ପାଇଁ ପି.ଏମ.-ଜନମନ ଯୋଜନା ଅଧୀନରେ ନିୟୋଜିତ ସର୍ଭେ ସେତୁ, ଦୂରଦୂରାନ୍ତ ଅଂଚଳରେ କଲ୍ୟାଣ ଯୋଜନାର ସୁଫଳ ବିତରଣର ପ୍ରକୃତ-ସମୟ, ଭୂ-ଟ୍ୟାଗ୍ ହୋଇଥିବା ନିରୀକ୍ଷଣକୁ ସକ୍ଷମ କରେ । ୧୮ଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ରଶାସିତ ଅଂଚଳରେ କାର୍ଯ୍ୟ କରୁଥିବା ଏହି ପ୍ଲାଟଫର୍ମ ପୂର୍ବରୁ

**ଶ୍ରୀମତୀ ରଞ୍ଜନା ଚୋପ୍ରା**

୮,୫୫୨ ଜଣ ସର୍ଭେକାରୀଙ୍କ ସହାୟତାରେ ୩.୪୩ ଲକ୍ଷ ପରିବାରଙ୍କ ରେକର୍ଡ ସଂଗ୍ରହ କରିଛି । ଏପରି ତଥ୍ୟ-ଚାଳିତ ସିଷ୍ଟମଗୁଡ଼ିକ ପ୍ରତ୍ୟେକ ଯୋଗ୍ୟ ପରିବାରକୁ ଚିହ୍ନଟ ଏବଂ ଅତ୍ୟାବଶ୍ୟକ ସେବା ସହିତ ସଂଯୋଗ କରିବା ସୁନିଶ୍ଚିତ କରିବାରେ ସହାୟକ ହୋଇପାରିଛି । ସମାନ୍ତରାଳ ଭାବରେ, ମନ୍ତ୍ରଣାଳୟ ଦାବି ଦାଖଲ, ଜି.ଆଇ.ଏସ.-ଆଧାରିତ ମ୍ୟାପିଂ, କାର୍ଯ୍ୟପ୍ରବାହ ତଦାରଖ ଏବଂ ଅଭିଯୋଗ ସମାଧାନକୁ ସୁଗମ କରିବା ପାଇଁ ଏକ କୃତ୍ରିମ ପ୍ରଜ୍ଞା-ସକ୍ଷମ ବନ ଅଧିକାର ଆଇନ ଶାସନ ପ୍ଲାଟଫର୍ମ ବିକଶିତ କରୁଛି । ମିଳିତ ଭାବରେ, ଏହି ପଦକ୍ଷେପଗୁଡ଼ିକ ଆଦିବାସୀ ସମ୍ପ୍ରଦାୟର ନାଗରିକମାନଙ୍କ ପାଇଁ ଶାସନକୁ ଅଧିକ ସ୍ୱଚ୍ଛ, ପ୍ରତିକ୍ରିୟାଶୀଳ ଏବଂ ସୁଗମ କରୁଛି । ଆଦିବାସୀ ସମ୍ପ୍ରଦାୟ: ବିକଶିତ ଭାରତର ଚାଳକ ଏପରି ଏକ ମୁହୂର୍ତ ଅଛି ଯାହା ଆମେ ଯାହା ପାଇଁ କାମ କରୁଛୁ ତାହାର ସାରାଂଶକୁ ଧରିବାରେ ସକ୍ଷମ ହୋଇଥାଏ । ଏହା କୌଣସି ନୀତି ସମ୍ପର୍କିତ ନଥି କିମ୍ବା ମନ୍ତ୍ରୀସ୍ତରୀୟ ସମୀକ୍ଷାରୁ ମିଳି ନଥାଏ । ଏହା ସେତେବେଳେ ଲକ୍ଷ୍ୟ କରାଯାଏ, ଯେତେବେଳେ ଏକ ସୁଦୂର ଜନବସତିରେ ଜଣେ ଆଦିବାସୀ ମହିଳା, ପ୍ରଯୁକ୍ତିବିଦ୍ୟା, ଭାଷା ଏବଂ ରାଜ୍ୟ ସମ୍ପର୍କରେ ଶୁଣୁଛି ବୋଲି ନିଶ୍ଚିତତାର ସହିତ ସଶକ୍ତ ହୋଇ, ନିଜ ସର୍ତରେ ସରକାରୀ ସେବା ସହିତ ଜଡିତ ହୁଅନ୍ତି ଏବଂ ପୂର୍ଣ୍ଣ ସମ୍ମାନର ସହିତ ଏହାର ସୁଫଳ ଲାଭ କରନ୍ତି । ସେହି ମୁହୂର୍ତରେ ଯାତ୍ରା କିନ୍ତୁ ଶେଷ ହୋଇ ନଥାଏ । ଏହା ଭାରତର ଜାତୀୟ କାହାଣୀରେ ଏକ ନୂତନ ଅଧ୍ୟାୟର ଅୟମାରମ୍ଭ ମାତ୍ର । ଜନଜାତୀୟ ଗାରିମା ଉତ୍ସବ ଗର୍ବର ସହିତ ଏହି ବାର୍ତା ବହନ କରେ । ଆଦିବାସୀ ସମ୍ପ୍ରଦାୟ, ସେମାନଙ୍କର ସ୍ଥିରତା, ସେମାନଙ୍କର ପରିବେଶଗତ ଜ୍ଞାନ, ସେମାନଙ୍କର କଳାତ୍ମକ ପରମ୍ପରା ଏବଂ ଏହି ଭୂମିରେ ସେମାନଙ୍କର ନିବିଡ଼ ସମ୍ପର୍କ ସହିତ, ବିକଶିତ ଭାରତର ଦ୍ୱାରଦେଶରେ ଅପେକ୍ଷା କରନ୍ତି ନାହିଁ । ସେମାନେ ଏହାର ସବୁଠାରୁ ଶକ୍ତିଶାଳୀ ଏବଂ ପ୍ରେରଣାଦାୟକ ବାହକମାନଙ୍କ ମଧ୍ୟରୁ ଅନ୍ୟତମ । ଯେତେବେଳେ ପ୍ରଯୁକ୍ତିବିଦ୍ୟା ଦୂରତାକୁ ସେତୁରେ ପରିଣତ କରେ, ଯେତେବେଳେ ବିଜ୍ଞାନ ସୁସ୍ଥତା ପ୍ରଦାନ କରେ, ଯେତେବେଳେ କୃତ୍ରିମ ପ୍ରଜ୍ଞା ଜଙ୍ଗଲ ଏବଂ ପାହାଡ଼ର ଭାଷାରେ କଥା ହୁଏ, ଏବଂ ଯେତେବେଳେ ଶାସନତନ୍ତ୍ର ସୁଦୂରତମ ଗାଁର ଶେଷ ପରିବାର ପର୍ଯ୍ୟନ୍ତ ପହଂଚେ, ଆମେ ପ୍ରତିଦିନ ଭାରତର ନିକଟତର ହେଉ ଯାହା କେବଳ ପରିମାଣରେ ବିକଶିତ ନୁହେଁ, ବରଂ ମାନବତାରେ ସ୍ୱୟଂସମ୍ପୂର୍ଣ୍ଣ ହୋଇଥାଏ । ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିରେ ଅନୁପ୍ରାଣିତ ହୋଇ ଆମେ ସମସ୍ତେ ମିଶି ଠିକ୍ ଏହିଭଳି ଏକ 'ବିକଶିତ ଭାରତ' ଗଠନ କରୁଛୁ ।

***(ଲେଖକ ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ସଚିବ)***

# ସ୍ୱୟଂଶାସିତ ମହାବିଦ୍ୟାଳୟ, ଅଧକ୍ଷ ପଦକୁ ନେଇ ବିବାଦ, ସମସ୍ୟା ଘେରରେ ଆଗାମୀ ଶିକ୍ଷାବର୍ଷ

ଭଦ୍ରକ: ରାଜ୍ୟର ଦ୍ୱିତୀୟ ବୃହତମ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଗତ କିଛିବର୍ଷ ଧରି ବେଶ୍ ଚର୍ଚ୍ଚାରେ ରହିଆସିଛି । ଏହି ଚର୍ଚ୍ଚା ତାର ପୁରୁଣା ଖ୍ୟାତିକୁ ନୁହଁ ବରଂ କିଛିଦିନ ଧରି ଲାଗିରହିଥିବା ଅପଖ୍ୟାତିକୁ ନେଇ ଏହି ଶିକ୍ଷାନୁଷ୍ଠାନଟିର ବର୍ତମାନର ଦୁର୍ଗତି ପ୍ରତି କାହାରି ନଜର ନାହିଁ । ଜିଲାର ଜନପ୍ରତିନିଧି, ପ୍ରଶାସନ, ରାଜ୍ୟ ସରକାର, ମହାବିଦ୍ୟାଳୟ ପରିଚାଳନା କମିଟି ସମସ୍ତେ ଯେମିତି ହାତବାନ୍ଧି ବସିଯାଇଛନ୍ତି । ଆବଶ୍ୟକ ସଂଖ୍ୟକ ଅଧ୍ୟାପକ ନଥିବା, ଅଧକ୍ଷମାନଙ୍କ ପରିଚାଳନାଗତ ତ୍ରୁଟି, କ୍ୟାମ୍ପସ ଭିତରେ କୁହୁଳୁଥିବା ଅଶାନ୍ତି ଏବେ ଚରମସୀମାରେ ପହଂଚିଛି । ତେବେ ପରିସ୍ଥିତିକୁ ଅଧିକ ଜଟିଳ କରୁଛି ଅଧକ୍ଷ ନିଯୁକ୍ତି ନେଇ । ପ୍ରାକ୍ତନ ଅଧକ୍ଷ ଡଃ ଦୁର୍ଗାଶଙ୍କର ଦାସଙ୍କ ଅବସର ପରେ ସରକାରୀ ନିୟମ ଅନୁଯାୟୀ ଏହି ବିଦ୍ୟାଳୟର ଜଣେ ବରିଷ୍ଠ ପ୍ରାଧ୍ୟାପକ ଡଃ ରଜତ କୁମାର ପ୍ରଧାନଙ୍କୁ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ତାଙ୍କୁ ଭାରପ୍ରାପ୍ତ ଅଧକ୍ଷ ଭାବେ ନିଯୁକ୍ତି ଦେଲେ । ତାଙ୍କ ନିଯୁକ୍ତି ନେଇ କୌଣସି କାରଣରୁ କଲେଜ କ୍ୟାମ୍ପସରେ ଛାତ୍ର ଆନ୍ଦୋଳନ ତଥା ଅଧ୍ୟାପକ-କର୍ମଚାରୀଙ୍କ ମଧ୍ୟରେ ଖୋଲାଖୋଲି ବିଦ୍ରୋହ ପ୍ରକାଶ ପାଇଲା । ଏହି ଅଚଳାବସ୍ଥାକୁ ଦୂର କରିବା ପାଇଁ ଉଚ୍ଚଶିକ୍ଷା ବିଭାଗର ବାଲେଶ୍ୱର ଆଂଚଳିକ ନିର୍ଦ୍ଦେଶକ ଡଃ ହେମନ୍ତ କୁମାର ଘଡାଇ ମହାବିଦ୍ୟାଳୟ ପରିଦର୍ଶନରେ ଆସି ବିଧିବଦ୍ଧ ତଦନ୍ତ କରି ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେଲେ । ଏହାସତ୍ୱେ ବି ଅଚଳାବସ୍ଥା ଲାଗି ରହିଲା । ମୁଷ୍ଟିମେୟ ଅଧ୍ୟାପକ ଅଧକ୍ଷଙ୍କ କାର୍ଯ୍ୟରେ ସହଯୋଗ କଲେନାହିଁ । ରାଜ୍ୟ ସରକାରଙ୍କ ଦୃଷ୍ଟିକୁ ଏ ବିଷୟ ଆସିବା ପରେ ରାଜ୍ୟର ଉଚ୍ଚଶିକ୍ଷା ବିଭାଗର ମନ୍ତ୍ରୀ ତଥା ଭଦ୍ରକ ଜିଲାର ଲୋକ ପ୍ରତିନିଧି ଏହି ମହାବିଦ୍ୟାଳୟର ଜଟିଳ ପରିସ୍ଥିତିକୁ ସୁଧାରିବା ପାଇଁ ତୁରନ୍ତ ବଦଳି ଆଦେଶ କଲେ । ଏହି ମହାବିଦ୍ୟାଳୟର ଦୁଇ ଅଧ୍ୟାପକଙ୍କ ସହ ସଂପୃକ୍ତ ଅଧକ୍ଷଙ୍କୁ ବଦଳି କରାଯାଇଥିଲା । ବଦଳି ନିର୍ଦ୍ଦେଶନାମା ଅନୁଯାୟୀ ଅଧକ୍ଷ ଦାୟିତ୍ୱରେ ଥିବା ଡଃ ପ୍ରଧାନଙ୍କୁ ଢେଙ୍କାନାଳ ଅଟୋନମୋସ୍ କଲେଜକୁ, ଆସିଷ୍ଟାଂଟ ପ୍ରଫେସର (କେମେଷ୍ଟ୍ରି) ଡଃ ପଦ୍ମନାଭ ପତ୍ରିଙ୍କୁ ଗର୍ଭମେଂଟ ୱୁମେନସ୍ କଲେଜ, ଢେଙ୍କାନାଳ ଓ ଆସିଷ୍ଟାଂଟ ପ୍ରଫେସର (ଇକୋନୋମିକସ୍) ଅଜୟ କୁମାର ସେଠୀଙ୍କୁ ମଡେଲ୍ ଡିଗ୍ରୀ କଲେଜ, ନୟାଗଡକୁ ବଦଳି କରାଗଲା । ଦୁଇ ଆସିଷ୍ଟାଂଟ ପ୍ରଫେସର ସରକାରଙ୍କ ବଦଳି ଆଦେଶକୁ ମାନିନେଇଥିବାବେଳେ ସଂପୃକ୍ତ ଡଃ ପ୍ରଧାନ ଏହି ଆଦେଶନାମାକୁ ବେଖାତିର କରିଥିଲେ । ଫଳରେ କେଉଁଝର କଲେଜର ଆସୋସିଏଟ୍ ପ୍ରଫେସର (ଜିଓଲୋଜି) ଲଳିତ ରଞ୍ଜନ ସାହୁଙ୍କୁ ଭଦ୍ରକ କଲେଜର ଅଧକ୍ଷ ଭାବେ ବଦଳି କରାଯାଇଥିଲେ ମଧ୍ୟ ଶ୍ରୀ ସାହୁ କାର୍ଯ୍ୟରେ ଯୋଗ ଦେଇପାରିଲେ ନାହିଁ । ଫଳରେ କଲେଜର ଅଚଳାବସ୍ଥା ସୃଷ୍ଟି ହେଲା । ପରବର୍ତୀ ସମୟରେ ଏଭଳି ଅଚଳାବସ୍ଥା ସ୍ଥିତିକୁ ଦୃଷ୍ଟିରେ ରଖି ଡଃ ପ୍ରଧାନଙ୍କୁ ଗତ ୧୯ ତାରିଖରେ ସରକାରଙ୍କ ରିଜିଓନାଲ ଡାଇରେକ୍ଟର ବାଲେଶ୍ୱର ଡଃ ଘଡାଇ ସେଂଟ୍ରାଲି ରିଲିଫ୍ କରି ସରକାରଙ୍କୁ ରିପୋର୍ଟ ଦେଲେ ଓ କେଉଁଝରରୁ ବଦଳି ହୋଇଆସିଥିବା ଶ୍ରୀ ସାହୁଙ୍କୁ କାର୍ଯ୍ୟରେ ଯୋଗଦାନ କରାଇଥିଲେ । ଏହାବ୍ୟତୀତ ପୂର୍ବତନ ଅଧକ୍ଷ ଡଃ ପ୍ରଧାନଙ୍କୁ ୭ଦିନ ମଧ୍ୟରେ ପ୍ରିନ୍ସିପାଲ ଅଫିସର ଚାବି ସବୁ ଡକ୍ୟୁମେଂଟ ଦେବାକୁ ଚିଠି କରିବା ସରକାରଙ୍କୁ ରିପୋର୍ଟ ଦେଇଥିଲେ । ଏହାମଧ୍ୟରେ ପୂର୍ବତନ ଅଧକ୍ଷ ଡଃ ପ୍ରଧାନ ସରକାରଙ୍କ ବଦଳି ଆଦେଶ ବିରୁଦ୍ଧରେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ, ଯାହାର ନଂ ଡବ୍ଲ୍ୟୁ.ପି. (ସି)୧୬୨୪୨/୨୦୨୬ ଅଟେ । ଡଃ ପ୍ରଧାନଙ୍କ ଆବେଦନକୁ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଗ୍ରହଣ କରି ଏହି ବଦଳି ଆଦେଶର ପୁନଃ ବିଚାର କରିବା ପାଇଁ ତାଙ୍କୁ ଶିକ୍ଷା ବିଭାଗକୁ ଏକ ରିପ୍ରିଜେନଟେସନ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଓ ୬ ସପ୍ତାହ ପାଇଁ ସରକାରଙ୍କ ବଦଳି ଆଦେଶ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି । ଏବେ ପରିସ୍ଥିତି ଅସମ୍ଭାଳ । ମହାବିଦ୍ୟାଳୟ ଯୁକ୍ତ ତିନି ପରୀକ୍ଷା ଚାଲିଛି ।

# ବେଆଇନ ଆଇପିଏଲ୍ ବେଟିଂ: ୧୮ ଗିରଫ

ଭୁବନେଶ୍ୱର: ଚଳିତ ଆଇପିଏଲ-୨୦୨୬ ମହାସମର ମଧ୍ୟରେ ରାଜ୍ୟରେ ବେଆଇନ ଆଇପିଏଲ୍ ବେଟିଂ କାରବାର ବିରୋଧରେ ଓଡ଼ିଶା ପୋଲିସ ପକ୍ଷରୁ ଜୋରଦାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ବିଭିନ୍ନ ଜିଲ୍ଲାରେ ଚଢ଼ାଉ କରି ପୋଲିସ ବେଟିଂ ରାକେଟ୍ ର ପର୍ଦ୍ଦାଫାଶ କରିବା ସହ ବିପୁଳ ପରିମାଣର ନଗଦ ଟଙ୍କା, ମୋବାଇଲ୍ ଏବଂ ଗାଡ଼ି ଜବତ କରିଛି । ପୋଲିସର ସୂଚନା ଅନୁଯାୟୀ, ସାରା ରାଜ୍ୟରେ ଆଇପିଏଲ ବେଟିଂ ସଂକ୍ରାନ୍ତରେ ମୋଟ ୪ଟି ମାମଲା ରୁଜୁ କରାଯାଇଥିବା ବେଳେ ୧୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଏହି ଅଭିଯାନରେ ପୋଲିସ ବିପୁଳ ପରିମାଣର ଅର୍ଥ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିବାରେ ସଫଳ ହୋଇଛି । ସାରା ରାଜ୍ୟରୁ ମୋଟ ୩୬ ଲକ୍ଷ ୮୫ ହଜାର ୨୦୦ ଟଙ୍କାର ନଗଦ ରାଶି ଜବତ କରାଯାଇଥିବା ବେଳେ ବେଟିଂ କାରବାରରେ ବ୍ୟବହୃତ ବିଭିନ୍ନ ବ୍ୟାଙ୍କ ଆକାଉଂଟରୁ ୩୯ ଲକ୍ଷ ୪୨ ହଜାର ୬୧୧ ଟଙ୍କା ଫ୍ରିଜ୍ କରାଯାଇଛି । ଏହି ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଥିବା ୧୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ଅପରାଧରେ ବ୍ୟବହୃତ ୨ଟି କାର୍ ଏବଂ ୧୩ଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି । ବିଭିନ୍ନ ଜିଲ୍ଲାରେ ପୋଲିସର କାର୍ଯ୍ୟାନୁଷ୍ଠାନକୁ ଦେଖିଲେ, ବେଟିଂ କାରବାର ବିରୋଧରେ ପୁରୀ ପୋଲିସକୁ ସବୁଠାରୁ ବଡ଼ ସଫଳତା ମିଳିଛି । ପୁରୀ ଜିଲ୍ଲାରେ ୧ଟି ମାମଲା ରୁଜୁ କରାଯାଇ ୪ ଜଣଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ସର୍ବାଧିକ ୨୫ ଲକ୍ଷ ୩୫ ହଜାର ଟଙ୍କାର ନଗଦ ରାଶି ଜବତ ହୋଇଛି ଏବଂ ବ୍ୟାଙ୍କ ଆକାଉଂଟରେ ଥିବା ୩୧ ଲକ୍ଷ ୮୧ ହଜାର ୨୪୪ ଟଙ୍କାକୁ ଫ୍ରିଜ୍ କରାଯିବା ସହ ୬ଟି ମୋବାଇଲ୍ ଜବତ କରାଯାଇଛି । ସେହିପରି ସୁନ୍ଦରଗଡ଼ ଜିଲ୍ଲାରେ ମଧ୍ୟ ପୋଲିସ ଏକ ବଡ଼ ଚଢ଼ାଉ କରି ଗୋଟିଏ ବେଟିଂ ମାମଲାରେ ୫ ଜଣଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ୬ ଲକ୍ଷ ଟଙ୍କାର ନଗଦ ଅର୍ଥ, ୧୭ ଲକ୍ଷ ୬୧ ହଜାର ୩୬୭ ଟଙ୍କାର ବ୍ୟାଙ୍କ ବାଲାନ୍ସ ଏବଂ ୫ଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି । ଝାରସୁଗୁଡ଼ା ଜିଲ୍ଲାରୁ ମଧ୍ୟ ପୋଲିସ ଏକ ବଡ଼ ର୍‌ୟାକେଟ୍ ଚିହ୍ନଟ କରି ସର୍ବାଧିକ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ଏବଂ ସେମାନଙ୍କଠାରୁ ୫ ଲକ୍ଷ ଟଙ୍କା ନଗଦ ଓ ବେଟିଂରେ ବ୍ୟବହୃତ ୨ଟି କାର୍ ଜବତ କରିଛି । ଅପରପକ୍ଷରେ, ଦକ୍ଷିଣ ଓଡ଼ିଶାର ବ୍ରହ୍ମପୁର ପୋଲିସ ଜଣେ ଅଭିଯୁକ୍ତକୁ ଗିରଫ କରିବା ସହ ତା' ନିକଟରୁ ୫୦,୨୦୦ ଟଙ୍କା ନଗଦ ଏବଂ ୨ଟି ମୋବାଇଲ୍ ଫୋନ୍ ଜବତ କରିଛି ।

# ବଡ଼ ଭଉଣୀ ଏବଂ ସାଇଭାଇ ପରେ ବଡ଼ଭାଇ ସ୍ୱାଧିନଙ୍କ ଓସିଏସରେ ସଫଳତା

ଜୟପୁର(ଏଜେନ୍ସି): ଓଡିଶା ସିଭିଲ ସର୍ଭିସ (ଓସିଏସ)ର ପରୀକ୍ଷା ଫଳ ପ୍ରକାଶ ପାଇଛି । ଏଥିରେ ଜୟପୁର ସହରର ବ୍ଲକ କୋଲନୀରେ ରହୁଥିବା ଯୁବକ ସ୍ୱାଧିନ ହିକକା ୧୪୬ ରେଙ୍କ ରଖି କୃତକାର୍ଯ୍ୟ ହୋଇଛନ୍ତି । ବ୍ଲକରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟରତ ଉମା ମାହେଶ୍ୱରୀ ହିକକାଙ୍କ ବଡ ପୁଅ ସ୍ୱାଧିନ ଗତବର୍ଷ ବିଫଳତା ପାଇଥିଲେ । କିନ୍ତୁ ଚଳିତ ବର୍ଷ ଦୈନକ ୧୦ରୁ ୧୨ ଘଂଟା ପରିଶ୍ରମ କରିବା ପରେ ସଫଳତା ପାଇଛନ୍ତି । ଏହିପରି କୃତକାର୍ଯ୍ୟ ଯୁବକ ସ୍ୱାଧିନଙ୍କ ବଡ ଭଉଣୀ ରାମେଶ୍ୱରୀ ହିକକା ଗତ ୨୦୨୩ ମସିହାରେ ଓସିଏସ ସଫଳତା ପାଇଥିବା ବେଳେ ବର୍ତମାନ ସେ କୁନ୍ଦୁରା ବ୍ଲକରେ ସହକାରୀ ଶ୍ରମ ଅଧିକାରୀ ଭାବେ କାର୍ଯ୍ୟରତ ଅଛନ୍ତି । ସେହିପରି ସାନଭାଇ ସଂଗ୍ରାମ ହିକକା ଗତ ୨୦୨୫ ମସିହାରେ ଏହି ସିଭିଲ ସର୍ଭିସ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ବର୍ତମାନ ଗଜପତି ଜିଲ୍ଲାରେ ପର୍ଯ୍ୟଟନ ଅଧିକାରୀ ଭାବେ କାର୍ଯ୍ୟ ରତ ଅଛନ୍ତି । ଗତବର୍ଷ କୃତକାର୍ଯ୍ୟ ଯୁବକ ସ୍ୱାଧିନ ଏହି ସିଭିଲ ସର୍ଭିସ ପରୀକ୍ଷାରେ ପ୍ରିଲିମିନାରୀରେ ସଫଳତା ହାସଲ କରିଥିଲେ ସୁଦ୍ଧା ମେନ୍ ପରୀକ୍ଷାରେ ବିଫଳ ହୋଇଥିଲେ । କିନ୍ତୁ ଚଳିତ ବର୍ଷ ବି.ଏଡ ପାଠ୍ୟକ୍ରମ ପଢୁଥିଲେ ସୁଦ୍ଧା ଏହାକୁ ଅଧାରୁ ବନ୍ଦ କରିବା ସହିତ କେବଳ ଦିନରାତି ସିଭିଲି ସର୍ଭିସ ପାଇଁ ପ୍ରସ୍ତୁତି ଜାରୀ ରଖିଥିଲେ । ଏହିପରି ତାଙ୍କୁ ବଡ ଭଉଣୀ ରାମେଶ୍ୱରୀ ସହାୟତା କରୁଥିଲେ । ପରିବାରର ତିନି ଭାଇଭଉଣୀ ଇଂରାଜି ଅନର୍ସରେ ସ୍ଥାନୀୟ ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ଉର୍ତୀର୍ଣ୍ଣ ହୋଇଥିବା ବେଳେ ବଡଭଉଣୀ ରାମେଶ୍ୱରୀ ଏବଂ ସାନଭାଈ ସଂଗ୍ରା ଇଂରାଜୀ ସ୍ନାତକତୋର ପାଠ୍ୟକ୍ରମ ଶେଷ କରିଥିଲେ । କିନ୍ତୁ ସ୍ୱାଧିନ କେବଳ ସ୍ନାତକତୋର ବଦଳରେ ବି.ଏଡ ପାଠ୍ୟକ୍ରମରେ ଯୋଗଦାନ ଦେଇଥିଲେ । ଅବିଭକ୍ତ କୋରାପୁଟ ଜିଲ୍ଲା ପାଇଁ ଏହି ପରିବାର ତିନିଜଣ ଗତ ୬ ବର୍ଷ ମଧ୍ୟରେ ସଫଳତା ପାଇ ଉଦାହରଣ ପାଲଟିଛନ୍ତି ଏବଂ ପରିଶ୍ରମ ସବିକ ଦୃଢ ଆତ୍ମବିଶ୍ୱାସ ସଫଳତାକୁ ଆଣିଥାଏ ବୋଲି ଏହିପରି ପରିବାର ତିନି ଭାଇ ଭଉଣୀ ପ୍ରମାଣିତ କରିଛନ୍ତି ।

# ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ



ବେତନଟୀ(ନିପ୍ର) : ମୟୁରଭଞ୍ଜ ଜିଲ୍ଲା ବେତନଟୀ ଥାନାରେ ମଙ୍ଗଳବାର ଦିନ ଥାନାର ଅଭ୍ୟର୍ଥନା ଗୃହରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବେତନଟୀ ଥାନା ଅଧିକାରୀ କ୍ରିଷ୍ଣା ପିଙ୍ଗୁଆ ଅଧ୍ୟାକ୍ଷତା କରିଥିବା ବେଳେ ଏସ ଆଇ ମଦନମୋହନ ପରିଡା ମଂଚରେ ଉପସ୍ଥିତ ଥିଲେ । ଏହି ବୈଠକରେ ବେତନଟୀରେ ବରିଷ୍ଠ ନାଗରିକ ସଂଘର ସଦସ୍ୟ, ଜନ ପ୍ରତିନିଧି, ବେତନଟୀ ଅଂଚଳର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ମାନେ ଉପସ୍ଥିତ ଥିବା ବେଳେ ସ୍ଥାନୀୟ ସମସ୍ୟା ସମ୍ପର୍କରେ ଏହି ବୈଠକ ରେ ଆଲୋଚନା କରାଯାଇଥିଲା । ବେତନଟୀ ବଙ୍ଗଳାଛକ ଠାରୁ ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ୧୮ ନମ୍ବର ଜାତୀୟ ରାଜପଥ ର ଉଭୟ ପାର୍ଶ୍ୱ ଏପ୍ରଚ ରୋଡ଼ ରେ ବେଆଇନ ଭାବେ ଗାଡ଼ି ଗୁଡିକ ପର୍କିଙ୍ଗ କରୁଥିବା ହେତୁ ଯାତାୟାତ ରେ ବାଧା ସୃଷ୍ଟି ହେଉଛି । ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବାରୁ ଦୁର୍ଘଟଣା ମାନ ବୃଦ୍ଧି ପାଉଥିବା ଘଟଣାକୁ ଉପସ୍ଥାପନା କରାଯାଇ ଥିଲା । ଚୋରା ଲଘୁଖଣିଜ ମାନ ବୋହି ନେଇଯାଉଥିବା ଟ୍ରାକ୍ଟର ମାନେ ଗୋଟାଏ ଲାଇଟ ଜଳାଇ ଦ୍ରୁତ ଗତିରେ ମାଡି ଯାଉଥିବାବେଳେ ବାଇକ ଅସୁଥିବାର ଭ୍ରମ ସୃଷ୍ଟି କରୁଥିବାରୁ ଦୁର୍ଘଟଣା ଘଟାଇବାର ସମ୍ଭାବନା ରହିଛି ବୋଲି ବୈଠକ ରେ ସଦସ୍ୟ ମାନେ ଉପସ୍ଥାପନା କରିଥିଲେ । ହରିଶ୍ଚନ୍ଦ୍ର ନାନ୍ଦଗୋସ୍ୱାମୀ, ରଞ୍ଜିତ ଗନ୍ତାୟତ, ବେତନଟୀ ସମିତି ସଭ୍ୟ ରଞ୍ଜିତ ସିଂ, ବେତନଟୀ ସରପଂଚ ପନମଣୀ ମୁର୍ମୁ, ମଣ୍ଡଳ ସଭାପତି ଜୀବନ ପରିଡା, ମିଡ଼ିଆ ଆସୋସିଏସନ ର ସମସ୍ତ ସଦସ୍ୟ, ଲକ୍ଷ୍ମୀଧର ବିନ୍ଧାଣି, ହରେନ୍ଦ୍ର ନାଥ ବାରିକ, ବାସନ୍ତୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।





# ମାନ୍ୟବର ରାଜସ୍ୱ ମନ୍ତ୍ରୀଙ୍କ ଦ୍ୱାରା ବହୁ ଉନ୍ନୟନ ମୂଳକ ପ୍ରକଳ୍ପ ଲୋକାର୍ପିତ ଓ ଭିତିପ୍ରସ୍ତର ସ୍ଥାପନ

ଝାରସୁଗୁଡ଼ା, (ନି.ପ୍ର.) ଝାରସୁଗୁଡ଼ା ପଂଚାୟତ ସମିତି ଅନ୍ତର୍ଗତ ବିଭିନ୍ନ ଅଂଚଳ ପାଇଁ ଆଜି ଏକ ଭବ୍ୟ କାର୍ଯ୍ୟକ୍ରମରେ ୪ କୋଟି ରୁ ଉର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପର ଶୁଭ ଉଦ୍ଘାଟନ ଓ ଭିତିପ୍ରସ୍ତର ସ୍ଥାପନ ଅନୁଷ୍ଠିତ ହୋଇଯାଇଛି ।ଲୋଇସିଂହ ଭୋଇମୁଣ୍ଡା ଠାରେ ମାନ୍ୟବର ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀଯୁକ୍ତ ସୁରେଶ ପୂଜାରୀଙ୍କ କରକମଳରେ ପଂଚାୟତ ସମିତିର ୨.୩୪ କୋଟି ଟଙ୍କା ବିନିମୟରେ ୩୪ ଗୋଟି ପ୍ରକଳ୍ପର ଲୋକାର୍ପିତ ଏବଂ ୨.୫୬ କୋଟି ଟଙ୍କା ବିନିମୟରେ ୨୨ ଗୋଟି ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ ହୋଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ସରକାରଙ୍କ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀଯୁକ୍ତ ସୁରେଶ ପୂଜାରୀ ନିଜ ଅଭିଭାଷଣରେ କହିଛନ୍ତି ଯେ, 'ଆମ ସରକାର ସବୁବେଳେ ଜନକଲ୍ୟାଣମୂଳକ କାର୍ଯ୍ୟ କରିବାକୁ ପ୍ରତିବଦ୍ଧ ।' ସେ ଆହୁରି ସୂଚନା ଦେଇଛନ୍ତି ଯେ ଜିଲ୍ଲାରେ ଉଗର ପାଣ୍ଠିରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହାତକୁ ନିଆଯାଇଛି । ଆସନ୍ତା ଜାନୁଆରୀ ମାସ ସୁଦ୍ଧା ଅଂଚଳରେ



ଖେଳପଡ଼ିଆର ବିକାଶ କରାଯିବ ଏବଂ ରାସ୍ତା ଗମନାଗମନ କ୍ଷେତ୍ରରେ ବ୍ୟାପକ ସୁଧାର ଅଣାଯିବ, ଯାହାଦ୍ୱାରା ଲୋକମାନେ ଉନ୍ନତ ଯାତାୟାତର ସୁବିଧା ପାଇପାରିବେ ।ଜିଲ୍ଲାରେ ଶିକ୍ଷା କ୍ଷେତ୍ରରେ ବ୍ୟାପକ ରୂପାନ୍ତରଣ ଉପରେ ଗୁରୁତ୍ୱ ଦେଇ ମାନ୍ୟବର ମନ୍ତ୍ରୀ କହିଛନ୍ତି ଯେ, ପ୍ରତ୍ୟେକ ଗ୍ରାମ ପଂଚାୟତରେ ଥିବା ସମସ୍ତ ହାଇସ୍କୁଲଗୁଡ଼ିକୁ ଆଗାମୀ ଦିନରେ +୨ କଲେଜରେ ରୂପାନ୍ତରିତ କରାଯିବ । ପ୍ରଥମ ପର୍ଯ୍ୟାୟରେ ରାଜପୁର ହାଇସ୍କୁଲ ସମେତ ମୋଟ ୩୮ଟି ପଂଚାୟତ ହାଇସ୍କୁଲର +୨ ସ୍ତରୀୟ ରୂପାନ୍ତରଣ କାର୍ଯ୍ୟ କରାଯାଉଛି । ସେହିପରି ଗ୍ରାମୀଣ ବିକାଶକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ପଂଚାୟତର ସରପଂଚମାନେ ଯେଉଁ ବିକାଶମୂଳକ ଲିଖିତ ପ୍ରସ୍ତାବ ଦେବେ, ତାହାକୁ ଚଳିତ ବର୍ଷ ହିଁ ତୁରନ୍ତ ଲାଗୁ କରାଯିବ ବୋଲି ମନ୍ତ୍ରୀ ଘୋଷଣା କରିଛନ୍ତି । 'ସବକା ସାଥ ସବକା ବିକାଶ' ମାଧ୍ୟମରେ ସମଗ୍ର ଓଡ଼ିଶାର ନିଜସ୍ୱ ବିକାଶ କରିବା ଆମର ମୁଖ୍ୟ ଲକ୍ଷ୍ୟ । ଏହି ସମଗ୍ର କାର୍ଯ୍ୟକ୍ରମକୁ ଝାରସୁଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନିଲ୍ କୁମାର ଆଚାର୍ଯ୍ୟ ସୁଚାରୁ ରୂପେ ପରିଚାଳନା କରିଥିଲେ । ଏହି ଅବସରରେ ଗରିମାମୟ ଅତିଥି ଭାବେ ଜିଲ୍ଲାପାଳ କୁଣାଳ ମୋତିରାମ ଚହ୍ୱାଣ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଝାରସୁଗୁଡ଼ା ପଂଚାୟତ ସମିତି ଅଧକ୍ଷା ଶ୍ରୀମତୀ ଚିତ୍ରେଣୀ ପଟେଲ, ଜିଲ୍ଲା ପରିଷଦ ଜୋନ୍ ସଦସ୍ୟା ଶ୍ରୀମତୀ ଝରଣା ସାଗରଙ୍କ ସମେତ ବ୍ଲକ୍ ଅଧୀନରେ ଥିବା ସମସ୍ତ ଗ୍ରାମ ପଂଚାୟତର ସରପଂଚ ଏବଂ ଅନ୍ୟାନ୍ୟ ଜନପ୍ରତିନିଧି ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ ।

## ଠିକାଦାର-ଯନ୍ତ୍ରୀ ମଧୁଚନ୍ଦ୍ରିକା: ମାଟି ବଦଳରେ ପୋଖରୀ ପଙ୍କ

# ଥାନାର ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ଧାମନଗର(ନି.ପ୍ର.): ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ଧାମନଗର ଏନ.ଏ.ସି. ଅଂଚଳରେ ଚାଲିଥିବା ଏକ ବିରାଟ ପ୍ରକଳ୍ପ ଏବେ ବିବାଦର ସୀମା ପାର କରିଛି । ଏନ.ଏ.ସି.ର ୧୧ ନମ୍ବର ୱାର୍ଡ ଗୋହିରିଆ ପଡା ଦକ୍ଷିଣ ବାଡ଼ ଠାରେ ପ୍ରାୟ ୩,୧୬,୧୫,୦୦୦ ଟଙ୍କାର ବ୍ୟୟ ଅଟକଳରେ ଚାଲିଥିବା ପାର୍କ ଓ ପାଚେରି ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଏବଂ ମନମୁଖୀ କାର୍ଯ୍ୟକଳାପକୁ ନେଇ ସ୍ଥାନୀୟ ଅଂଚଳରେ ତୀବ୍ର ଜନଅସନ୍ତୋଷ ସହ ବିକ୍ଷୋଭର ସ୍ଥିତି ସୃଷ୍ଟି ହୋଇଛି । ପ୍ରକଳ୍ପ ନାମରେ ଗ୍ରାମର ଏକମାତ୍ର ଖେଳପଡ଼ିଆ ଏବଂ ଯାତାୟାତ ରାସ୍ତାକୁ ଅବରୋଧ କରାଯାଇ ଏହି ପାର୍କ ନିର୍ମାଣ କରାଯାଉଛି । ଗ୍ରାମବାସୀମାନେ ରାସ୍ତା ଓ ଖେଳ ପଡ଼ିଆ କୁ ସୁରକ୍ଷିତ ରଖି କାମ କରିବାକୁ ଦାବି କରିଥିଲେ ହେଁ, ସମ୍ପୃକ୍ତ ଠିକାଦାର ସ୍ଥାନୀୟ ଲୋକଙ୍କ ଆପତି କୁ ଉପେକ୍ଷା କରି ଜବରଦସ୍ତ କାମ ଚଳାଇଛନ୍ତି । ଫଳରେ ଏହି ବିବାଦ ଏବେ ଜନଆନ୍ଦୋଳନର ରୂପ ନେଇ ଘଟଣା ଧାମନଗର ଥାନାରେ ପହଂଚିଛି । ସବୁଠାରୁ ବଡ଼ ଦୁର୍ନୀତିର ଚିତ୍ର ଏହା ଯେ, ନିକଟ ଅତୀତରେ



ଗୋହିରିଆପଡାକୁ ସଂଯୋଗ କରୁଥିବା ଏହି ସ୍ଥାନରେ ଲକ୍ଷ ଲକ୍ଷ ସରକାରୀ ଟଙ୍କା ବ୍ୟୟରେ କଂକ୍ରିଟ ଏବଂ ଫେଭର ଇଟାର ଚମତ୍କାର ରାସ୍ତା ନିର୍ମାଣ କରାଯାଇଥିଲା । ପ୍ରଶାସନିକ ସମନ୍ୱୟର ଅଭାବ କିମ୍ବା ଠିକାଦାରଙ୍କୁ ପୋଷିବା ଚକ୍କରରେ ଏବେ ସେହି ସର୍ବସାଧାରଣ ନୂତନ ରାସ୍ତାକୁ ନଷ୍ଟ କରି ତାହା ଉପରେ ପାର୍କ ତିଆରି କରାଯାଉଛି, ଯାହା ସରକାରୀ ଅର୍ଥକୁ ପାଣିରେ ପକାଇବା ସହ ସମାନ । କାର୍ଯ୍ୟକ୍ଷେତ୍ରରେ ଚାଲିଥିବା ମହାଘୋଟାଲା କୁ ଲୁଚାଇବା ପାଇଁ ସୂଚନା ଫଳକରୁ କାର୍ଯ୍ୟ ଆରମ୍ଭ ଓ ଶେଷର ତାରିଖକୁ କୌଶଳକ୍ରମେ ଗାଇବ କରିଦିଆଯାଇଛି । କାମ ପ୍ରାୟ ଅଧାରୁ ଅଧିକ ସରିଥିଲେ ମଧ୍ୟ ସ୍ୱଚ୍ଛତା ନାମରେ କେବଳ ଶୂନ । ସେହିପରି ଏଷ୍ଟିମେଂଟ ଅନୁଯାୟୀ ପାର୍କ ରେ ଉନ୍ନତମାନର ମାଟି ଭର୍ତି କରିବା ପାଇଁ ମୋଟା ଅଙ୍କର ବ୍ୟବସ୍ଥା ଥିବା ବେଳେ, ଲାଭଖୋର ଠିକାଦାର ମାଟି କିଣିବା ପଇସା ପକେଟସ୍ଥ କରିବାକୁ ଯାଇ ପୋଖରୀର ଅପରିଷ୍କାର ପଙ୍କ ମାଟି ପାର୍କରେ ଭର୍ତି କରୁଛନ୍ତି ।ଏହି ସଙ୍ଗୀନ ଅଭିଯୋଗ ବାବଦରେ ସହକାରୀ ଯନ୍ତ୍ରୀ ବଳରାମ ମହାନ୍ତିଙ୍କୁ ପଚାରିବାରୁ ସେ ଦୁର୍ନୀତିକୁ ସୁରକ୍ଷା ଦେଲା ଭଳି ଅଜବ ସଫେଇ ଦେଇଛନ୍ତି । ଶ୍ରୀ ମହାନ୍ତି କହିଛନ୍ତି, 'ଏଷ୍ଟିମେଂଟ ଅନୁଯାୟୀ ଭଲ ମାଟି ପଡ଼ିବାର ଅଛି, କିନ୍ତୁ ପଙ୍କ ମାଟି ପଡ଼ିଲେ ବି କିଛି ଅସୁବିଧା ନାହିଁ ।' ଯନ୍ତ୍ରୀଙ୍କ ଏଭଳି ବୟାନ ସିଧାସଳଖ ଠିକାଦାରଙ୍କ ସହ ତାଙ୍କର ମଧୁଚନ୍ଦ୍ରିକାକୁ ସ୍ପଷ୍ଟ କରୁଛି । ତେବେ ଜାଗା ବିରୋଧକୁ ନେଇ ସେ କହିଛନ୍ତି ଯେ ସ୍ଥାନୀୟ ଲୋକଙ୍କ ନିଷ୍ପତି ଅନୁଯାୟୀ ବ୍ୟବସ୍ଥା ହେବ ।ଏଭଳି ସ୍ଥିତିରେ ପ୍ରଶାସନର ଛତ୍ରଛାୟା ତଳେ ଚାଲିଥିବା ଏହି କୋଟି କୋଟି ଟଙ୍କାର ଦୁର୍ନୀତି ଏବଂ ସାଧାରଣ ଲୋକଙ୍କ ମୌଳିକ ଅଧିକାର କ୍ଷୁଣ୍ଣ ହେବା ଘଟଣାର ଉଚ୍ଚସ୍ତରୀୟ ଭିଜିଲାନ୍ସ କିମ୍ବା ବିଭାଗୀୟ ତଦନ୍ତ ଜରୁରୀ ହୋଇପଡ଼ିଛି । ନଚେତ୍ ଆଗାମୀ ଦିନରେ ଗ୍ରାମବାସୀ ରାଜପଥକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

# ଗୋଲାମୁଣ୍ଡାରେ ମନରେଗା ଓ ସମଗ୍ର ଶିକ୍ଷା ଅଭିଯାନର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଅନୁଷ୍ଠିତ

ଗୋଲାମୁଣ୍ଡା(ନି.ପ୍ର.) ସରକାରୀ ଯୋଜନାର କାର୍ଯ୍ୟକାରିତାରେ ସ୍ୱଚ୍ଛତା ଓ ଜନଭାଗିଦାରୀକୁ ଗୁରୁତ୍ୱ ଦେଇ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ପରିସରରେ ଏକ ବିଶାଳ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା ଏବଂ ସମଗ୍ର ଶିକ୍ଷା ଅଭିଯାନର ବିଭିନ୍ନ ପ୍ରକଳ୍ପର ତର୍ଜମା ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ଅଧିକାରୀ ଯୋଗ ଦେଇଥିଲେ । ଗୋଲାମୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିପୁରା ମହାନନ୍ଦଙ୍କ ନେତୃତ୍ୱରେ ଆୟୋଜିତ ଏହି ସାମାଜିକ ସମୀକ୍ଷା



ଶିବିରରେ ଆଜି ମୁଖ୍ୟ ଆକର୍ଷଣ ସାଜିଥିଲେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିବା ଆସିଷ୍ଟାଂଟ କଲେକ୍ଟର ସେଲି ପ୍ରଧାନ । ଆର୍ଥିକ ବର୍ଷ ୨୦୨୫-୨୬ (୨ୟ ପର୍ଯ୍ୟାୟ) ପାଇଁ ହୋଇଥିବା କାର୍ଯ୍ୟଗୁଡ଼ିକର ସମୀକ୍ଷା ଅବଧି ୦୧.୦୪.୨୦୨୫ ରୁ ୩୦.୦୯.୨୦୨୫ ମଧ୍ୟରେ କରାଯାଇଥିଲା । ଶିବିରରେ ବିଶେଷ କରି ମନରେଗା ଯୋଜନାରେ ଶ୍ରମିକଙ୍କୁ ପ୍ରାପ୍ୟ ପ୍ରଦାନ, ପ୍ରକଳ୍ପର ଗୁଣବତା ଏବଂ ସମଗ୍ର ଶିକ୍ଷା ଅଭିଯାନ ମାଧ୍ୟମରେ ବିଦ୍ୟାଳୟଗୁଡ଼ିକରେ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ଆସିଷ୍ଟାଂଟ କଲେକ୍ଟର ସେଲି ପ୍ରଧାନ ନିଜ ବକ୍ତବ୍ୟରେ ସରକାରୀ ଯୋଜନାର ସଫଳ ରୂପାୟନ ପାଇଁ ସଠିକ ତଥ୍ୟ ଓ ସ୍ୱଚ୍ଛତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିବା ବେଳେ ବିଡିଓ ତ୍ରିପୁରା ମହାନନ୍ଦ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ ।

# ଘରୋଇ କଳହରୁ ବିଷ ପିଇ ମହିଳାଙ୍କ ଆତ୍ମହତ୍ୟା

ସୋର,(ନି.ପ୍ର.) :ସୋର ଥାନା କେଦାରପୁର ଗ୍ରାମରେ ଘରୋଇ କଳହରୁ ଜଣେ ମହିଳା ବିଷ ପିଇ ଆତ୍ମହତ୍ୟା କରିଥିବା ଜଣାପଡିଛି । ସୂଚନା ଅନୁସାରେ କେଦାରପୁର ଗ୍ରାମର ଗଣେଶ ଜେନା ଓ ତାଙ୍କ ସ୍ତ୍ରୀ ସବିତା ଜେନାଙ୍କ ମଧ୍ୟରେ ଦିର୍ଘଦିନ ଧରି ପାରିବାରିକ କଳହ ଲାଗିରହିଥିଲା । ଗତକାଲି ରାତିରେ କୌଣସି କାରଣରୁ ଉଭୟଙ୍କ ବଚସା ହୋଇଥିଲା । ଏଥିରେ ମାନସିକ ଭାରସାମ୍ୟ ହରାଇ ସବିତା ବିଷ ପିଇ ଗୁରୁତର ଅସୁସ୍ଥ ହୋଇପଡିଥିଲେ । ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ତାଙ୍କର ଅବସ୍ଥା ଶୋଚନୀୟ ଥିବାରୁ ତାଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରିଥିଲେ ।ପରିବାର ଲୋକେ ତାଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରୁଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା । ଖବର ପାଇ ସୋର ପୁଲିସ ଡାକ୍ତରଖାନାରେ ପହଂଚି ଶବ ବ୍ୟବଚ୍ଛେଦ ପାଇଁ ରଖିଥିଲେ ।ଆଜି ସକାଳେ ସୋର ପୁଲିସ ମେଡ଼ିକାଲରେ ପହଂଚି ୩୫/୨୬ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି ।

## ଚଳନ୍ତି ଚିପ୍ସ ବୋଝେଇ ଗାଡିରେ ନିଆଁ

ସୋର,(ନି.ପ୍ର.): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଉତରେଶ୍ୱର ନିକଟରେ ଏକ ଚଳନ୍ତି ଚିପ୍ସ ବୋଝେଇ ହାଇୱାର ଟ୍ରୟାର ଫାଟି ଯିବାରୁ ନିଆଁ ଲାଗିଯାଇଥିବା ଜଣାପଡିଛି । ସୂଚନା ଅନୁସାରେ ଗତକାଲି ବିଳମ୍ବିତ ରାତିରେ ଓଡି ୧୧ ଏବି ୦୨୨୭ ନମ୍ବର ବିଶିଷ୍ଟ ହାଇୱା ଟି ଚଣ୍ଡିଖୋଲରୁ ଚିପ୍ସ ବୋଝେଇ କରି ବାରିପଦା ଅଭିମୁଖେ ଯାଉଥିବା ବେଳେ ହାଇୱାର ପଛ ଟାୟାର ଫାଟି ଯିବା ଫଳରେ ଟାୟାରରେ ନିଆଁ ଲାଗିଯାଇଥିଲା । ସ୍ଥାନୀୟ ଲୋକେ ଏହା ଦେଖି ସୋର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ ।

## ବରିଷ୍ଠ ସାମ୍ବାଦିକଙ୍କ ପିତୃ ବିୟୋଗ

ନୟାଗଡ(ନି.ପ୍ର.) -ନୟାଗଡ ସହରର ମୁରବୀ ସ୍ଥାନିୟ ବ୍ୟକ୍ତି ଶେଖର ରଥଙ୍କର (୯୩) ବର୍ଷ ବୟସରେ ସ୍ଥାନିୟ ନୂଆରାଜବାଟି ସ୍ଥିତ ବାସ ଭବନରେ ବାର୍ଦ୍ଧକ୍ୟ ଜନିତ ରୋଗରେ ସୋମବାର ବିଳମ୍ବିତ ରାତ୍ରରେ ପରଲୋକ ହୋଇ ଯାଇଛି ।ଜଣେ ଧର୍ମ ପରାୟଣ, ଉଦାର ଚେତା ମଣିଷ ଭାବେ ସମଗ୍ର ନୟଗଡରେ ତାଙ୍କର ସୁନାମ ଥିଲା ।ତାଙ୍କ ପରଲୋକରେ ସହରରେ ଶୋକର ଛାଇ ଖେଳିଯାଇଛି ।ନୟାଗଡ ଏନ.ଏ.ସିରେ ବହୁ ଦିନ ଧରି ସ୍ୱାସ୍ଥ୍ୟ ନିରୀକ୍ଷକ ଭାବେ ସାଧୁତାର ସହ କାର୍ଯ୍ୟ କରି ସହର ବସୀଙ୍କ ବେଶ୍ ପ୍ରିୟ ଭାଜନ ହୋଇ ପାରିଥିଲେ ।ମୃତ୍ୟୁ ଶଯ୍ୟା ନିକଟରେ ୬ ପୁଅ ୭ ବୋହୂଙ୍କ ସମେତ ସମସ୍ତ ନାତି ନାତୁଣୀ ଉପସ୍ଥିତ ଥିବାବେଳେ ତାଙ୍କର ମଧ୍ୟମ ପୁତ୍ର ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ଅବସରପ୍ରାପ୍ତ ବରିଷ୍ଠ ସହାୟକ କୈଳାଶ ରଥ ମୁଖାଗ୍ନି ଦେଇଥିଲେ ।ଅନ୍ତିମ ସଂସ୍କାର ପୁରୀ ସ୍ୱର୍ଗଦ୍ୱାର ଠାରେ ସମ୍ପର୍ଣ୍ଣ ହୋଇଛି ।ଏଠାରେ ସୁଚନାଯୋଗ୍ୟ ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ ହେଇଛନ୍ତି ସ୍ୱର୍ଗତ ରଥଙ୍କ କନିଷ୍ଠ ପୁତ୍ର ଅଟନ୍ତି ।

## ନୂଆପଡାରେ ଜିଲ୍ଲା ଉନ୍ନୟନ ସମିତି ବୈଠକ

ନୂଆପଡ଼ା ନି.ପ୍ର) ନୂଆପଡ଼ା ଜିଲ୍ଲାର ସାମଗ୍ରିକ ଉନ୍ନତିକୁ ତ୍ୱରାନ୍ୱିତ କରିବା ସହ ଅନ୍ତଃବିଭାଗୀୟ ସମନ୍ୱୟକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ସ୍ଥାନୀୟ ସଦ୍ଭାବନା ସଭାଗୃହଠାରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଉନ୍ନୟନ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଡିଓ, ତହସିଲଦାର ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।ବୈଠକର ଆରମ୍ଭରେ ଜିଲ୍ଲାପାଳ ଶ୍ରୀ ଦାଶ ଜିଲ୍ଲାର ବେକାର ଯୁବକଯୁବତୀମାନଙ୍କୁ କେବଳ ଚାକିରି ପଛରେ ନ ଦୌଡ଼ି ଉଦ୍ୟୋଗୀ ଭାବେ ଗଢ଼ି ଉଠିବାକୁ ଆହ୍ୱାନ ଦେଇଥିଲେ । ଉପ ନିର୍ଦ୍ଦେଶକ (ପରିସଂଖ୍ୟାନ) ଦିଲେଶ୍ୱର ଧରୁଆ ପୂର୍ବ ବୈଠକର କାର୍ଯ୍ୟବିବରଣୀ ଉପସ୍ଥାପନ କରିଥିଲେ । ଜିଲ୍ଲାପାଳ ବିଗତ ମାସର ଉନ୍ନୟନମୂଳକ କାର୍ଯ୍ୟରେ ଥିବା ବାଧା, ବିସଙ୍ଗତି ଓ ସେଗୁଡ଼ିକର ସମାଧାନ ସହ ପ୍ରତ୍ୟେକ ବିଭାଗର ଅଗ୍ରଗତି ଉପରେ ସମୀକ୍ଷା କରିଥିଲେ । ପେନସନ ବଂଟନ ବ୍ୟବସ୍ଥାରେ ସ୍ୱଚ୍ଛତା ଓ ଅନିୟମିତତା ରୋକିବା ଉଦ୍ଦେଶ୍ୟରେ ୭୦ ବର୍ଷ ଓ ତଦୁର୍ଦ୍ଧ୍ୱ ପେନସନଭୋଗୀଙ୍କ ଉପରେ ସର୍ଭେ କରିବା ପାଇଁ ଜିଲ୍ଲାପାଳ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ସର୍ଭେ କାର୍ଯ୍ୟକୁ ୧୫ ଦିନ ମଧ୍ୟରେ ସମାପ୍ତ କରିବା କୁ ନିର୍ଦ୍ଦେଶ ।

# ପଂଚାୟତିରାଜ ଏବଂ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଦ୍ୱାରା ଓରମାସ୍,ୱେବ୍ ପୋର୍ଟାଲର ଉଦ୍ଘାଟନ

ନୂଆପଡ଼ା, (ନି.ପ୍ର) ନୂଆପଡ଼ା ପକ୍ଷରୁ କ୍ରେତା ଓ ବିକ୍ରେତାଙ୍କ ପାଇଁ ନୂତନ ୱେବ ପୋର୍ଟାଲ'ନୂଆପଡ଼ା ହାଟ'ର ଶୁଭାରମ୍ଭ କରାଯାଇଛି । ମାନ୍ୟବର ଗ୍ରାମ୍ୟ ଉନ୍ନୟନ, ପଂଚାୟତିରାଜ ଏବଂ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାଏକ ନୂଆପଡ଼ା ଗସ୍ତ ଅବସରରେ ସ୍ଥାନୀୟ ସଦ୍ଭାବନା ସଭାଗୃହରେ ଆୟୋଜିତ ଏକ ସମୀକ୍ଷା ବୈଠକରେ ଯୋଗଦେଇ ଏହି ୱେବ୍ ପୋର୍ଟାଲର ଉଦ୍ଘାଟନ କରିଛନ୍ତି । ଏହି ଅବସରରେ ମାନ୍ୟବର ବିଧାୟକ ନୂଆପଡ଼ା ଜୟ ଢୋଲକିଆ, ମାନ୍ୟବର ବିଧାୟକ ଖଡ଼ିଆଳ ଅଧିରାଜ ମୋହନ ପାଣିଗ୍ରାହୀ, ଜିଲ୍ଲାପାଳ



ମଧୁସୂଦନ ଦାଶ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ନୂଆପଡ଼ା ଜିଲ୍ଲା ପରିଷଦ ଅଧକ୍ଷା ଡଲି ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ନବଉଦ୍ଘାଟିତ ଏହି ୱେବ୍ ପୋର୍ଟାଲର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ନୂଆପଡ଼ା ଜିଲ୍ଲାର ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି), ପ୍ରୋଡ୍ୟୁସର ଗ୍ରୁପ୍ (ପିଜି), ପ୍ରୋଡ୍ୟୁସର କମ୍ପାନୀ (ପିସି) ଏବଂ ଗ୍ରାମୀଣ କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ଉତ୍ପାଦଗୁଡ଼ିକର ପ୍ରଚାର ଓ ବିପଣନ ପାଇଁ ଏକ ନିର୍ଦ୍ଦିଷ୍ଟ ଡିଜିଟାଲ୍ ପ୍ଲାଟଫର୍ମ ଯୋଗାଇଦେବା । ଓଡ଼ିଶାରେ ପ୍ରଥମ ଥର ପାଇଁ ଓରମାସ୍ ?ର ସହଯୋଗରେ କ୍ରେତା ଓ ବିକ୍ରେତାଙ୍କ ପାଇଁ ଏଭଳି ଏକ ୱେବ୍ ପୋର୍ଟାଲ ପ୍ରସ୍ତୁତ କରାଯାଇଛି ।

# ଧାମନଗର ପ୍ରସିଦ୍ଧ ପୀରବାବା ଆସ୍ଥାନ ସ୍ଥଳ ବିବାଦର ଅନ୍ତ: ଥାନାରେ ବସିଲା ସମାଧାନର ସୂତ୍ର

ଧାମନଗର(ନି.ପ୍ର.) : ଧାମନଗର ସ୍ଥିତ ବିଶିଷ୍ଟ ଧର୍ମଗୁରୁ ପିରବାବା ହଜରତ ମୁଜାହିଦ-ଇ-ମିଲତଙ୍କ ପବିତ୍ର ଆସ୍ତାନ ସ୍ଥଳ (ଖାନକା ସରିଫ) ର ଗେଟ ରେ ତାଲା ପକାଇବାକୁ ନେଇ ସୃଷ୍ଟି ହୋଇଥିବା ଉତେଜନାପୂର୍ଣ୍ଣ ସ୍ଥିତିରେ ଶେଷରେ ପୂର୍ଣ୍ଣଚ୍ଛେଦ ପଡ଼ିଛି । ପୋଲିସ ଓ ଜିଲ୍ଲା ପ୍ରଶାସନର ମଧ୍ୟସ୍ଥତାରେ ଧାମନଗର ଥାନାରେ ଉଭୟ ପକ୍ଷକୁ ନେଇ କରାଯାଇଥିବା ଆଲୋଚନା ସଫଳ ହେବା ସହ ବିବାଦର ସମାଧାନ ହୋଇଛି । ସୂଚନାଯୋଗ୍ୟ ଯେ, ଖାନକା ସରିଫ ର ପୂର୍ବତନ ମତଓଲି ସୟଦ ଗୋଲାମ ମହମ୍ମଦ ହବିବି ଙ୍କର ଗତ ୨୦୨୫ ଡିସେମ୍ବର ୨୮ ତାରିଖରେ ଦେହାନ୍ତ ହେବା ପରେ ତାଙ୍କ ପୁତ୍ର ସୟଦ ହବିବିରଜା ହବିବି ମତଓଲି ଦାୟିତ୍ୱ ଗ୍ରହଣ କରିଛନ୍ତି । ତେବେ ପୂର୍ବତନ ମତଓଲିଙ୍କ ସାନଭାଇ ସୟଦ ଗୋଲାମ ଅହେମଦଙ୍କୁ ନେଇ ପରିବାର ଓ ଅନୁଷ୍ଠାନ ମଧ୍ୟରେ ବିବାଦ ସୂତ୍ରପାତ ହୋଇଥିଲା । ଅଭିଯୋଗ ଅନୁଯାୟୀ, ଗୋଲାମ ଅହେମଦ ପ୍ରାୟ ୧୨ ବର୍ଷ ପୂର୍ବେ ଏକ ଚିଟଫଣ୍ଡ ମାମଲାରେ ପାଖାପାଖି ୧୭ କୋଟି ଟଙ୍କା ହଡ଼ପ କରି ଫେରାର ଥିଲେ । ଭାଇଙ୍କ ମୃତ୍ୟୁ ପରେ ସେ ଘରକୁ ଫେରିଥିଲେ ମଧ୍ୟ ତାଙ୍କ ନାମରେ ଥିବା ଏହି ଆର୍ଥିକ ଦୁର୍ନୀତି କଳଙ୍କ ଯୋଗୁଁ ପରିବାର ଲୋକେ ତାଙ୍କୁ ଗ୍ରହଣ କରି ନଥିଲେ ।ଏହି ବିବାଦ କାରଣରୁ ଗୋଲାମ ଅହେମଦ ଖାନକା ସରିଫର ୩ ନମ୍ବର ଗେଟ୍ ନିକଟରେ 'ଏମ୍ ?.ଏନ୍. କ୍ଲବ୍' ଗଠନ କରି ସେଠାରେ ବସାଉଠା କରିଥିଲେ । ଫଳରେ ଗେଟ୍ ସମ୍ମୁଖରେ ଭିଡ଼ ଜମି ରହିବାରୁ ଉର୍ସ କମିଟି ପକ୍ଷରୁ ସୁରକ୍ଷା ଦୃଷ୍ଟିରୁ ୩ ନମ୍ବର ଗେଟ୍ ?ରେ ତାଲା ପକାଇ ଅନ୍ୟ ଦୁଇଟି ଗେଟ୍ ଖୋଲାଯାଇଥିଲା । ଏହାକୁ ବିରୋଧ କରି 'ଏମ୍ ?.ଏନ୍. କ୍ଲବ୍'ର ସଦସ୍ୟମାନେ ଖାନକାର ସମସ୍ତ ଗେଟ୍ ?ରେ ତାଲା ପକାଇ ଦେଇଥିଲେ । ପ୍ରତିବର୍ଷ ଜିଲ୍ଲା ପ୍ରଶାସନ ଉପସ୍ଥିତିରେ ହଜାର ହଜାର ଭକ୍ତଙ୍କ ସମାଗମରେ ପାଳିତ ହେଉଥିବା ଏହି ପବିତ୍ର ଧର୍ମପୀଠରେ ଏଭଳି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଥିଲା । ଘଟଣାସ୍ଥଳରେ ଉତେଜନା ପ୍ରକାଶ ପାଇବାରୁ ଧାମନଗର ପୋଲିସ ପହଂଚିଥିବା ବେଳେ ପୋଲିସ ଓ ଉତେଜନାକାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ମଧ୍ୟ ହୋଇଥିଲା ।ପରିସ୍ଥିତି ଜଟିଳ ହେବାରୁ ଭଦ୍ରକ ଏସ୍ ?ପି ମନୋଜ ରାଉତଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ (ଏଡିସିନାଲ ଏସ୍ ?ପି) ଅଂଶୁମାନ ଦ୍ୱିବେଦୀ ଧାମନଗର ଥାନାରେ ପହଂଚିଥିଲେ । ସେଠାରେ ଉଭୟ ପକ୍ଷରୁ ୧୦ ଜଣ ଲେଖାଏଁ ମୁରବୀ ଓ ଭଦ୍ରବ୍ୟକ୍ତିଙ୍କୁ ନେଇ ଏକ ଶାନ୍ତି ବୈଠକ ଅନୁଷ୍ଠିତ ହୋଇଥିଲା । ଦୀର୍ଘ ୪୭ ବର୍ଷ ଧରି ଯେଉଁ ନୀତିନିୟମ ଓ ପରମ୍ପରା ଅନୁଯାୟୀ ଏହି ଅନୁଷ୍ଠାନ ପରିଚାଳିତ ହୋଇଆସୁଛି, ସେହି ପୂର୍ବ ସ୍ଥିତି ବଜାୟ ରଖିବାକୁ ଉଭୟ ପକ୍ଷ ସମ୍ମତି ପ୍ରକାଶ କରିଛନ୍ତି । ଏଥିସହ ଭବିଷ୍ୟତରେ କେହି କାହାକୁ ଆକ୍ଷେପ କରି କହିବେ ନାହିଁ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସମ୍ପୂର୍ଣ୍ଣ ଶାନ୍ତ ପଡ଼ିଛି । ଏଭଳି ଏକ ପବିତ୍ର ଶାନ୍ତିପୂର୍ଣ୍ଣ ଧର୍ମକ୍ଷେତ୍ରର ବାତାବରଣକୁ ଅଶାନ୍ତ ନ କରିବା ପାଇଁ ପ୍ରଶାସନ ତରଫରୁ ସମସ୍ତଙ୍କୁ ନିବେଦନ କରାଯାଇଛି ।

# ନାଟ୍ୟକାର ରାମଶଙ୍କର ରାୟଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ପାଳିତ

କଟକ: (ନି. ପ୍ର.)ଓଡ଼ିଶା ସାହିତ୍ୟ ଏକାଡେମୀ ଓ ମାହାଙ୍ଗା ବିକାଶ ପରିଷଦର ମିଳିତ ଆନୁକୂଲ୍ୟରେ ନାଟ୍ୟକାର ରାମଶଙ୍କର ରାୟଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ କଟକର ଟାଉନ୍ ହଲ ଠାରେ ଏକ ସାରସ୍ୱତ ସଭା ଆୟୋଜିତ ହୋଇ ଯାଇଛି ।ମଂଚମଣ୍ଡନ କରିଥିଲେ ମୁଖ୍ୟ ଅତିଥି ଭାବରେ ମାନ୍ୟବର ମାହାଙ୍ଗା ବିଧାୟକ ଶ୍ରୀଯୁକ୍ତ ଶାରଦା ପ୍ରସାଦ ପ୍ରଧାନ,ବିଶିଷ୍ଟ ଅତିଥି ଭାବରେ ଡାକ୍ତର ଅନଙ୍ଗ ଦ୍ୱିବେଦୀ, ମୁଖ୍ୟ ବକ୍ତାଭାବରେ ସାହିତ୍ୟିକ ତଥା ବିଶିଷ୍ଟ ନାଟ୍ୟକାକାର ଶ୍ରୀଯୁକ୍ତ ନିତ୍ୟାନନ୍ଦ ମିଶ୍ର ପ୍ରମୁଖ ଉପସ୍ଥିତ ହୋଇ ବକ୍ତବ୍ୟରେ କହିଥିଲେ ଯେ ରାମଶଙ୍କର ରାୟଙ୍କୁ ଓଡ଼ିଶାରେସଂଗଠନ ନାଟ୍ୟ ଜଗତକୁ ଆରମ୍ଭ କରିଥିଲେ । ସେ ଜଣେ ଅନନ୍ୟ ନାଟ୍ୟକାର ତଥା ଓଡ଼ିଶା ନାଟ୍ୟ ଜଗତର ଉଜ୍ଜ୍ୱଳ ତାରକା ସହିତ ତୁଳନା କରାଯାଇଛି । । ଏହି ଅବସରରେ ସଭାପତିତ୍ୱ କରିଥିଲେ ବାଦଲ ମିଶ୍ର ।ଗଦାଧର ସାହୁ, ଶରତ ଚନ୍ଦ୍ର ପ୍ରଧାନ ପ୍ରମୁଖଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା ।

# ବିଜେପି ଦଳର ବ୍ରଜ ମୋହନ ପ୍ରଧାନଙ୍କ ନିର୍ବାଚନ ପିଟିସନକୁ ମାନ୍ୟବର ଓଡ଼ିଶା ହାଇକୋର୍ଟଙ୍କ ଖାରଜ

ଜଳେଶ୍ୱର ( ନି.ପ୍ର )ଜଳେଶ୍ୱର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡି ଦଳର ନିର୍ବାଚିତ ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବା ପାଇଁ ତାଙ୍କ ପ୍ରତିଦ୍ୱନ୍ଦୀ ବିଜେପି ଦଳର ବ୍ରଜ ମୋହନ ପ୍ରଧାନଙ୍କ ନିର୍ବାଚନ ପିଟିସନକୁ ମାନ୍ୟବର ଓଡିଶା ହାଇକୋର୍ଟ ଖାରଜ କରିଛନ୍ତି ।ଏହି ରାୟ ପ୍ରକାଶ ପାଇବା ପରେ ବିଧାୟକ ଅଶ୍ୱିନୀ କୁମାର ପାତ୍ର ଗତ ୨୩ ତାରିଖ ଅପରାହ୍ନ ରେ ଜଳେଶ୍ୱର ଡାକ ବଙ୍ଗଳା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହା ସତ୍ୟ,ଧର୍ମ, ନ୍ୟାୟ ଓ ମାନବତାର ଜୟ ହୋଇଛି ଓ ଏହି ଜୟ ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ଜୟ ହୋଇଛି ବୋଲି ମତ ପ୍ରକାଶ କରିଛନ୍ତି । ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ଅଧିକ ବିକାଶ ହୋଇପାରିବ ବୋଲି ସେ ମତ ଦେଇଥିଲେ ।ମାନ୍ୟବର ଉଚ୍ଚ ନ୍ୟାୟାଳୟ ର ଏହି ଐତିହାସିକ ରାୟ ଫଳରେ ଅଶ୍ୱିନୀ କୁମାର ପାତ୍ରଙ୍କ ବିଧାୟକ ପଦ ବଳବତର ରହିଥିବାରୁ ବିଜେଡି ର କର୍ମୀ ମାନେ ଶ୍ରୀ ପାତ୍ର ଙ୍କୁ ପୁଷ୍ପ ଗୁଚ୍ଛ ପ୍ରଦାନକରି ସମ୍ବର୍ଦ୍ଧିତ କରିଥିଲେ । ବିଧାୟକ ଶ୍ରୀ ପାତ୍ର ସାମ୍ବାଦିକ ମାନଙ୍କୁ ଏହି ମାମଲା ଓ ରାୟ ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀ ରେ ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ଜଳେଶ୍ୱର ବ୍ଲକ ଅଧକ୍ଷ ମାନସ କୁମାର ଜେନା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନସୂୟା ପ୍ରଧାନ, ନଗରପାଳ ପ୍ରତୀପ କୁମାର ପ୍ରଧାନ, ବ୍ଲକ ସଭାପତି ଦିଲ୍ଲୀପ କୁମାର ସାମଲ, ଲେଲିନ କୁମାର ପ୍ରଧାନ ଓ ସରପଂଚ ମାନେ ଉପସ୍ଥିତ ଥିଲେ ।ଏହି ରାୟରେ ନିର୍ବାଚନ ଏଜେଂଟ ନିଯୁକ୍ତିକୁ ନେଇ ହୋଇଥିବା ଅଭିଯୋଗ ଆଧାରରେ ନିର୍ବାଚନ ବାତିଲ କରାଯାଇପାରିବ ନାହିଁ ବୋଲି ଜଷ୍ଟିସ ଶଶୀକାନ୍ତ ମିଶ୍ର ମାମଲାର ରାୟ ପ୍ରକାଶ କରି ଏହି ଆଦେଶ ଦେଇଛନ୍ତି । ୨୦୨୪ ସାଧାରଣ ନିର୍ବାଚନରେ ୩୫-ଜଳେଶ୍ୱର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ଅଶ୍ୱିନୀ କୁମାର ପାତ୍ର ୮୩,୧୦୫ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ବିଜେପି ପ୍ରାର୍ଥୀ ବ୍ରଜ ମୋହନ ପ୍ରଧାନ ୮୨, ୭୮୬ ଖଣ୍ଡ ଭୋଟ ପାଇ ମାତ୍ର ୩୧୯ ଭୋଟ ବ୍ୟବଧାନରେ ପରାଜିତ ହେବାପରେ ପ୍ରାର୍ଥୀବ୍ରଜ ମୋହନ ପ୍ରଧାନ ମାନ୍ୟବର ଓଡ଼ିଶା ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ ।ସେ ଅଭିଯୋଗ କରିଥିଲେ ଯେ ନିର୍ବାଚନ ସମୟରେ ପ୍ରାର୍ଥୀ ଅଶ୍ୱିନୀ କୁମାର ପାତ୍ର ଜଳେଶ୍ୱର ପଂଚାୟତ ସମିତିର ତତ୍କାଳୀନ ବ୍ଲକ ଅଧକ୍ଷ ମାନସ କୁମାର ଜେନାଙ୍କୁ ନିଜର ନିର୍ବାଚନ ଏଜେଂଟ ଓ ଗଣତି ଏଜେଂଟ ଭାବେ ନିଯୁକ୍ତ କରିଥିଲେ । ନିର୍ବାଚନ କମିଶନଙ୍କ ନିୟମ ଅନୁସାରେ ଜଣେ ଜନ ପ୍ରତିନିଧି କିମ୍ବା ସରକାରୀ ପଦରେ ଥିବା ବ୍ୟକ୍ତି ଏଜେଂଟ ହୋଇ ପାରିବେ ନାହିଁ । ଏହା ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ କରିଛି ବୋଲି ଶ୍ରୀ ପ୍ରଧାନ ଦର୍ଶାଇଥିଲେ । ଅପର ପକ୍ଷରେ ବିଧାୟକ ଅଶ୍ୱିନୀ ପାତ୍ରଙ୍କ ପକ୍ଷରୁ ଓକିଲ ଯୁକ୍ତି ବାଢିଥିଲେ ଯେ ମାନସ କୁମାର ଜେନାଙ୍କୁ ପଂଚାୟତ ସମିତିର ଅଧକ୍ଷ ଭାବେ ନୁହେଁ ବରଂ ତାଙ୍କର ବ୍ୟକ୍ତଗତ ପରିଚୟ ଆଧାରରେ ଏଜେଂଟ କରାଯାଇଥିଲା । ଏହା ସହିତ ପଂଚାୟତ ସମିତିର ଅଧକ୍ଷ ଜଣେ ଜନ ପ୍ରତିନିଧି, ସେ କୌଣସି ସରକାରୀ କର୍ମଚାରୀ ନୁହଁନ୍ତି । ତେଣୁ ଏଥିରେ କୌଣସି ଆଇନଗତ କଟକଣା ଉଲଂଘନ ହୋଇନାହିଁ । ଅଦାଲତ କହିଛନ୍ତି ଯେ ପଂଚାୟତ ସମିତି ଅଧକ୍ଷଙ୍କୁ ଏଜେଂଟ ନିଯୁକ୍ତି କରିବା ନେଇ ଜନ ପ୍ରତିନିଧି ଆଇନରେ କୌଣସି ସିଧାସଳଖ ଆଇନ ଗତ କଟକଣା ନାହିଁ । ଆବେଦନକାରୀ ଭୋଟ ଦିନ ଏହି ନିଯୁକ୍ତି ବିଷୟରେ ଜାଣିଥିା ଦାବୀ କରଥିଲେ ମଧ୍ୟ ସେ କୌଣସି କର୍ତୃପକ୍ଷଙ୍କ ନିକଟରେ ତୁରନ୍ତ ଆପତି ଦାଖଲ କରି ନ ଥିଲେ । ନିର୍ବାଚନ ଫଳ ପ୍ରଭାବିତ ହୋଇଥିବାର କୌଣସି ଠୋସ ପ୍ରମାଣ ନ ଥିବାରୁ ମାନ୍ୟବର ଅଦାଲତ ବ୍ରଜ ମୋହନ ପ୍ରଧାନ ଙ୍କ ନିର୍ବାଚନ ଆବେଦନ କୁ ଖାରଜ କରିଦେଇଛନ୍ତି । ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ପକ୍ଷରୁ ଆଇନଜୀବି ବିଦ୍ୟାଧର ମିଶ୍ର ଓ ଆଇନଜୀବି ତରଣୀ କାନ୍ତ ବିଶ୍ୱାଳ ଏହି ନିର୍ବାଚନ ମାମଲା ଲଢୁଥିଲେ ବୋଲି ଶ୍ରୀ ପାତ୍ର କହିଥିଲେ ।

# ଶ୍ୱାସରୁଦ୍ଧ ହୋଇ ମୃତ୍ୟୁବରଣ କରିଥିବା ପରିବାରକୁ ୪ ଲକ୍ଷ ଲେଖାଏଁ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ



କଳାହାଣ୍ଡି : କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ଥାନା ଗୌଡ଼ କର୍ଲାଖୁଂଟା ଗାଁରେ ନିର୍ମାଣାଧୀନ ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ୬ ଜଣଙ୍କ ମୃତ୍ୟୁ ହୋଇଛି । ସେଂଟ୍ରିଂ ବେଳେ ଶ୍ୱାସରୁଦ୍ଧ ହୋଇ ଜୀବନ ଯାଇଥିବା ଜଣାପଡିଛି । ଜଣେ ଗୁରୁତରଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଖବର ପାଇ ପୁଲିସ ପହଂଚି ତଦନ୍ତ ଆରମ୍ଭ କରିଛି । ମୃତକଙ୍କ ମଧ୍ୟରେ ୩ ମିସ୍ତ୍ରୀ, ଜଣେ ଶ୍ରମିକ, ମାଲିକ ଏବଂ ତାଙ୍କ ପୁଅ ଅଛନ୍ତି । ପ୍ରଥମେ ଜଣେ ମିସ୍ତ୍ରୀ ପାଇଖାନା ଟାଙ୍କି ଭିତରେ ପଡ଼ି ଯାଇଥିଲେ । ତାଙ୍କୁ ବଂଚାଇବାକୁ ଯାଇ ଆଉ ୫ ଜଣଙ୍କ ଜୀବନ ଚାଲିଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ ଲକ୍ଷ ଲେଖାଏଁ ସହାୟତା ଘୋଷଣା କରିଛନ୍ତି ।

# ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୨ ବର୍ଷ ପୂର୍ତ୍ତି ଅବସରରେ ଶୁଭେଚ୍ଛା ଜଣାଇଲେ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର : କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସରକାରକୁ ୧୨ ବର୍ଷ ପୂରିଛି । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିକଶିତ ଭାରତ ୨୦୪୭'ର ସଙ୍କଳ୍ପକୁ ଜନଆନ୍ଦୋଳନର ରୂପ ଦେଇଥିବା ଏହି ପରିବର୍ତ୍ତନମୂଳକ ଯାତ୍ରା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ଏକ ବାର୍ତ୍ତା ଜାରି କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ରାଷ୍ଟ୍ରସେବାକୁ ତପସ୍ୟା, ସୁଶାସନକୁ ସଙ୍କଳ୍ପ ଏବଂ ଜନକଲ୍ୟାଣକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ୧୨ଟି ଐତିହାସିକ ବର୍ଷ ପୂରଣ କରିଛି । ଗତ ୧୨ ବର୍ଷରେ 'ରାଷ୍ଟ୍ର ପ୍ରଥମ'ର ଭାବନା ସହିତ ଭାରତ ଆତଙ୍କବାଦ ବିରୋଧରେ ଜିରୋ ଟୋଲରେନ୍ସ ନୀତି ଅପନାଇ ଆତ୍ମନିର୍ଭରତା, ଡିଜିଟାଲ ବିପ୍ଳବ, ଆଧୁନିକ ପାଇପାଇଁ ଢାଂଚା, ନାରୀ ସଶକ୍ତିକରଣ ଏବଂ ସାଂସ୍କୃତିକ



ପୁନର୍ଜାଗରଣର ନୂତନ ମାନଦଣ୍ଡ ସ୍ଥାପନ କରିଛି । 'ଏନଇପି ୨୦୨୦' ମାଧ୍ୟମରେ ମାତୃଭାଷା, କୌଶଳ ବିକାଶ, ନବୀନତା ଏବଂ ଆଧୁନିକ ଶିକ୍ଷାକୁ ନୂତନ ଦିଗ ମିଳିଛି, ଯାହା 'ବିକଶିତ ଭାରତ'ର ସୁଦୃଢ଼ ଭବିଷ୍ୟତର ଭିତିସ୍ଥାପନ ହୋଇଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଆୟୁଷ୍ମାନ ଭାରତ, ଜନଧନ, ଉଜ୍ଜ୍ୱଳା, କୃଷକ ସମ୍ମାନ ନିଧି, ଷ୍ଟାର୍ଟଅପ୍ ଇଣ୍ଡିଆ ଏବଂ ଡିଜିଟାଲ ଇଣ୍ଡିଆ ପରି ଐତିହାସିକ ପଦକ୍ଷେପଗୁଡ଼ିକ ଉନ୍ନତିକୁ ଶେଷ ମଣିଷ ପର୍ଯ୍ୟନ୍ତ ପହଂଚାଇ ଜନବିଶ୍ୱାସକୁ ଆହୁରି ସୁଦୃଢ଼ କରିଛି । ଆଜି ଭାରତ ବିଶ୍ୱ ମଂଚରେ ଆତ୍ମବିଶ୍ୱାସ ଏବଂ ଦୃଢ଼ ନେତୃତ୍ୱ ସହିତ ନୂତନ ଉଚ୍ଚତା ଦିଗରେ ଅଗ୍ରସର ହେଉଛି । 'ବିକଶିତ ଭାରତ ୨୦୪୭'ର ସଙ୍କଳ୍ପକୁ ଜନଆନ୍ଦୋଳନର ରୂପ ଦେଇଥିବା ଏହି ପରିବର୍ତ୍ତନମୂଳକ ଯାତ୍ରା ପାଇଁ ଆଦରଣୀୟ ପ୍ରଧାନମନ୍ତ୍ରୀଜୀଙ୍କୁ ହୃଦୟରୁ ଅଭିନନ୍ଦନ ଜଣାଉଛି ।



# ରାଜ୍ୟରେ ପର୍ଯ୍ୟଟନର ବିକାଶ ନିମନ୍ତେ ଗଠିତ ହେବ ଲ୍ୟାଣ୍ଡ୍‌ବ୍ୟାଙ୍କ୍ : ଉପ ମୁଖ୍ୟମନ୍ତ୍ରୀ





ଭୁବନେଶ୍ୱର : ରାଜ୍ୟରେ ପର୍ଯ୍ୟଟନ ଶିଳ୍ପର ବିକାଶକୁ ତ୍ୱରାନ୍ୱିତ କରାଯିବ । ଧଉଳିର ପୁନର୍ବିକାଶ ଠାରୁ ଆରମ୍ଭ କରି ପର୍ଯ୍ୟଟନ କ୍ଷେତ୍ରରେ ଇ-ଯାନର ବ୍ୟବହାରକୁ ଗୁରୁତ୍ୱ ଦିଆଯିବ । କେବଳ ଏହାନୁହେଁ ଅନ୍ୟ ଶିଳ୍ପ ଢାଂଚାରେ ପର୍ଯ୍ୟଟନ ଶିଳ୍ପ ନିମନ୍ତେ ମଧ୍ୟ ଲ୍ୟାଣ୍ଡ୍‌ବ୍ୟାଙ୍କ୍ ଗଠନ କରାଯିବ ବୋଲି ଆଜି (ମଙ୍ଗଳବାର) ପର୍ଯ୍ୟଟନ ବିଭାଗର ଏକ ସମୀକ୍ଷା ବୈଠକ ପରେ ରାଜ୍ୟ ସରକାର ସୂଚନା ଦେଇଛନ୍ତି । ଭୁବନେଶ୍ୱରସ୍ଥିତ ପର୍ଯ୍ୟଟନ ଭବନର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଅଧ୍ୟକ୍ଷତା କରିଥିଲେ । ରାଜ୍ୟରେ ଚାଲିଥିବା ବିଭିନ୍ନ ପର୍ଯ୍ୟଟନ ଭିତିଭୂମି ପ୍ରକଳ୍ପ, ପର୍ଯ୍ୟଟନ ସ୍ଥଳୀର ବିକାଶମୂଳକ କାର୍ଯ୍ୟ ଏବଂ ପ୍ରଚାର ପ୍ରସାରର ସ୍ଥିତି ଆଲୋଚନା ହୋଇଥିଲା । ଶ୍ରୀମତୀ ପରିଡ଼ା ଧଉଳି ଆଖପାଖରେ ହେବାକୁଥିବା ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ଏହି ଐତିହ୍ୟ ସ୍ଥଳରେ ପର୍ଯ୍ୟଟକମାନଙ୍କ ଅନୁଭୂତିକୁ ଅଧିକ ସମୃଦ୍ଧ କରିବା ପାଇଁ ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରିଥିଲେ । ଧଉଳି ମାଷ୍ଟର ପ୍ଲାନର ଏକ ଅଂଶ ସ୍ୱରୂପ ପରିବେଶ ଅନୁକୂଳ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ଏବଂ ପର୍ଯ୍ୟଟକମାନଙ୍କୁ ଅଧିକ ସୁବିଧା ଯୋଗାଇଦେବା ପାଇଁ ସେ ପର୍ଯ୍ୟଟକ ଓ ସ୍ଥାନୀୟ ଯାତାୟାତ ନିମନ୍ତେ ଇ-ଯାନର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ । ବିବିଏସଆର (ଭୁବନେଶ୍ୱର)-ପୁରୀ କରିଡର ମଧ୍ୟରେ ଥିବା କପିଳେଶ୍ୱର ଏବଂ ସୁଖମେଶ୍ୱର ମନ୍ଦିର ସହିତ ଦାସିଆ ବାଉରୀ ପୀଠ ଏବଂ ଅନ୍ୟାନ୍ୟ ଐତିହ୍ୟ ସ୍ଥଳଗୁଡ଼ିକର ସୌନ୍ଦର୍ଯ୍ୟକରଣ ଏବଂ ସମନ୍ୱିତ ବିକାଶର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ । ସେ ସମ୍ପୃକ୍ତ ବିଭାଗ ଏବଂ କର୍ତ୍ତୃପକ୍ଷଙ୍କଠାରୁ ଆବଶ୍ୟକୀୟ ମଞ୍ଜୁରି ଓ ଅନୁମତି ପାଇବା ପରେ ସମନ୍ୱୟ ରକ୍ଷା କରି ପ୍ରସ୍ତାବିତ କାର୍ଯ୍ୟଗୁଡ଼ିକ ହାତକୁ ନେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆଗାମୀ ରଥଯାତ୍ରା ଏବଂ ଏଥିପାଇଁ ଆସିବାକୁ ଥିବା ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର-ପୁରୀ କରିଡର ପାଇଁ ବିଭାଗର ବିଜ୍ଞାପନ ଏବଂ ପ୍ରଚାର ଯୋଜନା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା ।

# ସର୍ବସାଧାରଣ ୱାଇ-ଫାଇକୁ ସରଳ ଓ ଅଧିକ ସୁଲଭ କରିବାକୁ ପିଏମ୍-ବାଣୀରେ ସଂସ୍କାର

ନୂଆଦିଲ୍ଲୀ : ଭାରତର ଡିଜିଟାଲ୍ ସର୍ବସାଧାରଣ ଭିତିଭୂମିକୁ ସୁଦୃଢ଼ କରିବା ଓ ନାଗରିକମାନଙ୍କ ଲାଗି ଇଂଟରନେଟ୍ ଉପଲବ୍ଧତାକୁ ବୃଦ୍ଧି କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ଦୂରସଂଚାର ପକ୍ଷରୁ ପିଏମ୍-ବାଣୀ ( ପ୍ରାଇମ୍ ମିନିଷ୍ଟର୍ସ ୱାଇଫାଇ ଆକ୍ସେସ୍ ନେଟୱର୍କ ଇଂଟରଫେସ୍) ବ୍ୟବସ୍ଥା ମଧ୍ୟରେ କେତେକ ବ୍ୟବହାରକାରୀ ଅନୁକୂଳ ସଂସ୍କାର ଅଣାଯାଇଛି । ଏସବୁ ପଦକ୍ଷେପ ମଧ୍ୟରେ ରହିଛି: ଲାପଟପ୍ ଏବଂ ଅନ୍ୟାନ୍ୟ ଡିଭାଇସ୍ ନିମନ୍ତେ କ୍ୟୁଆ-ଆଧାରିତ ପ୍ରମାଣୀକରଣ, ୧୫, ୩୦ ଏବଂ ୬୦ ମିନିଟ୍ ଅବଧି ସହିତ ନମନୀୟ ସ୍ୱଳ୍ପମିଆଦୀ ୱାଇଫାଇ ଯୋଜନା ଆରମ୍ଭ- ସହଜ ଚିହ୍ନଟ ଏବଂ ବର୍ଦ୍ଧିତ ବିଶ୍ୱସନୀୟତା ପାଇଁ ପିଏମ୍-ବାଣୀ ହଟସ୍ପଟ୍ ନାମ ର ମାନକୀକରଣ, ଏହି ସଂସ୍କାରଗୁଡ଼ିକ ୨୨ ମଇ, ୨୦୨୬ ତାରିଖର ଦୂରସଂଚାର ବିଭାଗ ସର୍କୁଲାର ନମ୍ବର 1/PM-WANI/2026 ଏବଂ 2/PM-WANI/2026 ମାଧ୍ୟମରେ କାର୍ଯ୍ୟକାରୀ କରାଯାଇଛି । ଏହି ସର୍କୁଲାର ଜାରି ହେବାର ଆଠ ସପ୍ତାହ ମଧ୍ୟରେ ସଂଶୋଧିତ ନିର୍ଦ୍ଦେଶାବଳୀ କାର୍ଯ୍ୟକାରୀ କରିବା ସହ ଜୁଲାଇ ୨୦୨୬ ସୁଦ୍ଧା ନୂତନ ବ୍ୟବହାରକାରୀ-ଅନୁକୂଳ ବୈଶିଷ୍ଟ୍ୟଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ପିଏମ୍-ବାଣୀ ସହିତ ଜଡିତ ସମସ୍ତ ଅଂଶୀଦାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହି ସଂସ୍କାରଗୁଡ଼ିକ ପ୍ରତ୍ୟେକ ନାଗରିକଙ୍କୁ ସୁଲଭ ଏବଂ ସୁଲଭ ଡିଜିଟାଲ୍ ସଂଯୋଗ ପ୍ରଦାନ କରିବାକୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଚିନ୍ତାଧାରାକୁ ସାକାର କରିବା ପାଇଁ ସରକାରଙ୍କ ଜାରି ରହିଥିବା ପ୍ରୟାସର ଏକ ଅଂଶ । କେନ୍ଦ୍ର ସଂଚାର, ଉତର-ପୂର୍ବ ବିକାଶ ମନ୍ତ୍ରୀ ଶ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ନେତୃତ୍ୱରେ, ପିଏମ୍-ବାଣୀ ଇକୋସିଷ୍ଟମରେ ବ୍ୟାପକ ରୂପାନ୍ତରଣ କରାଯାଉଛି । ଏଥିରେ ସହଜ ସଂଯୋଗ, ଆନ୍ତଃକାର୍ଯ୍ୟକ୍ଷମତା, ସହଜ ବ୍ୟବହାର ଓ ନାଗରିକ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଉଛି । ପିଏମ୍-ବାଣୀର କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ଏବଂ ଉପଭୋକ୍ତା ଅଭିଜ୍ଞତା ବୃଦ୍ଧି କରିବା ପାଇଁ ସଂଚାର ଏବଂ ଗ୍ରାମୀଣ ବିକାଶ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଚନ୍ଦ୍ର ଶେଖର ପେମାସାନି ନିକଟରେ ବିଭାଗୀୟ ଅଧିକାରୀ ଏବଂ ଅଂଶୀଦାରମାନଙ୍କ ସହିତ ବ୍ୟାପକ ସମୀକ୍ଷା ବୈଠକ କରିଥିଲେ । ଏସବୁ ସଂସ୍କାର ସମ୍ପର୍କରେ ଡକ୍ଟର ପେମାସାନି କହିଛନ୍ତି ଯେ ପିଏମ୍-ବାଣୀ ସମସ୍ତଙ୍କୁ ସାର୍ବଜନୀନ ୱାଇ-ଫାଇ ସୁବିଧା ପ୍ରଦାନ କରିବା ପାଇଁ ଆମର ଏକ ପ୍ଲାଟଫର୍ମ ଏବଂ ଆମେ ଏହାର ବ୍ୟବହାରକୁ ସରଳ କରିବା ପାଇଁ କାର୍ଯ୍ୟ କରୁଛୁ । କ୍ୟୁଆ-ଆଧାରିତ ଲଗଇନ୍ ସହିତ, ଉପଭୋକ୍ତାମାନେ ଏବେ ସେମାନଙ୍କ ମୋବାଇଲ୍ ଫୋନ୍ରେ ଏକ କୋଡ୍ ସ୍କାନ କରି ସହଜରେ ଲାପଟପ୍ ସଂଯୋଗ କରିପାରିବେ । ସ୍ୱଳ୍ପ ସମୟ ପାଇଁ ଇଂଟରନେଟ୍ ଆବଶ୍ୟକ କରୁଥିବା ବ୍ୟବହାରକାରୀଙ୍କ ଲାଗି ସ୍ୱଳ୍ପ ଅବଧି ଯୋଜନା - ୧୫, ୩୦ ଏବଂ ୬୦ ମିନିଟ୍- ପ୍ରଚଳନ କରିବାକୁ ହଟ୍ସ୍ପଟ୍ ଅପରେଟରମାନଙ୍କୁ ପରାମର୍ଶ ଦିଆଯାଇଥିବା ସେ କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ବର୍ତ୍ତମାନର ଡିଜିଟାଲ୍ ଯୁଗରେ, ସାର୍ବଜନୀନ ୱାଇ-ଫାଇ ସାରା ଦେଶରେ ସାଧାରଣ ଜନତାଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୁବିଧା ଭାବରେ ଉଭା ହେଉଛି, ଯାହା ଛାତ୍ରଛାତ୍ରୀ, ଯାତ୍ରୀ, ଦୈନିକ ଯାତ୍ରୀ, ପେସାଦାର ଏବଂ ଛୋଟ ବ୍ୟବସାୟକୁ ସହାୟତା କରୁଛି । କ୍ୟୁଆର୍ ପ୍ରମାଣୀକରଣ ମାଧ୍ୟମରେ ସହଜ ଲାପଟପ୍ ସଂଯୋଗ-ପିଏମ-ବାଣୀ ସଂଯୋଗକୁ ସରଳ କରିବା ପାଇଁ ଦୂରସଂଚାର ବିଭାଗ ଏବେ ଲାପଟପ୍ ପରି ଡିଭାଇସ୍ ପାଇଁ କ୍ୟୁଆ-ଆଧାରିତ ପ୍ରମାଣୀକରଣକୁ ଅନୁମତି ଦେଉଛି । ଉପଭୋକ୍ତାମାନେ ଏକ ପ୍ରାମାଣୀକୃତ ସ୍ମାର୍ଟଫୋନ୍ ଆପ୍ ବ୍ୟବହାର ଦ୍ୱାରା ଲଗଇନ୍ ପେଜ୍ରେ ଏକ କ୍ୟୁଆର୍ କୋଡ୍ ସ୍କାନ କରି ସଂଯୋଗ କରିପାରିବେ, ଯାହା ଏକ ଦ୍ରୁତ, ଅଧିକ ସୁରକ୍ଷିତ ଅଭିଜ୍ଞତା ପ୍ରଦାନ କରିବ ।

# ଜାତୀୟ କ୍ରୀଡ଼ା ପ୍ରଶାସନ ବୋର୍ଡ଼ ଅଧିନିୟମ ଏବଂ ଜାତୀୟ କ୍ରୀଡ଼ା ଟ୍ରିବ୍ୟୁନାଲ୍ ଅଧିନିୟମ, ୨୦୨୬ ଲାଗି ଅଧିସୂଚନା ଜାରି

ନୂଆଦିଲ୍ଲୀ : କେନ୍ଦ୍ର ସରକାର ଜାତୀୟ କ୍ରୀଡା ପ୍ରଶାସନ ଆଇନ, ୨୦୨୫ରେ ଥିବା ବ୍ୟବସ୍ଥା ଅନୁଯାୟୀ ଜାତୀୟ କ୍ରୀଡା ପ୍ରଶାସନ (ଜାତୀୟ କ୍ରୀଡା ବୋର୍ଡ) ଅଧିନିୟମ, ୨୦୨୬ ଏବଂ ଜାତୀୟ କ୍ରୀଡା ପ୍ରଶାସନ (ଜାତୀୟ କ୍ରୀଡା ଟ୍ରିବ୍ୟୁନାଲ୍) ଅଧିନିୟମ, ୨୦୨୬ ସଂପର୍କିତ ଅଧିସୂଚନା ପ୍ରକାଶ କରିଛନ୍ତି । ଜାତୀୟ କ୍ରୀଡା ପ୍ରଶାସନ (ଜାତୀୟ କ୍ରୀଡା ବୋର୍ଡ) ଅଧିନିୟମ, ୨୦୨୬ ବୋର୍ଡର ଗଠନ, ଅଧ୍ୟକ୍ଷ ଏବଂ ସଦସ୍ୟଙ୍କ କାର୍ଯ୍ୟକାଳ, ଦରମା, ଭତା ଏବଂ ଅନ୍ୟାନ୍ୟ ସେବା ସର୍ତ୍ତାବଳୀ ସହିତ ବୋର୍ଡର କ୍ଷମତା ଏବଂ କାର୍ଯ୍ୟାବଳୀ ସଂପର୍କରେ ଉଲ୍ଲେଖ ରହିଛି । ଏହି ଅଧିନିୟମ ଅନୁଯାୟୀ, ଜାତୀୟ କ୍ରୀଡା ବୋର୍ଡରେ ଜଣେ ଅଧ୍ୟକ୍ଷ ଏବଂ ଦୁଇ ଜଣ ସଦସ୍ୟ ରହିବେ, ଯେଉଁମାନେ ଜାତୀୟ କ୍ରୀଡା ବୋର୍ଡ (ସନ୍ଧାନ ତଥା ଚୟନ କମିଟି) ଅଧିନିୟମ, ୨୦୨୬ ଅନୁଯାୟୀ ଗଠିତ ସନ୍ଧାନ ତଥା ଚୟନ କମିଟି ଦ୍ୱାରା ସୁପାରିଶ କରାଯାଇଥିବା ନାମ ତାଲିକାରୁ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ହେବେ । ଜାତୀୟ କ୍ରୀଡା ବୋର୍ଡ ଜାତୀୟ କ୍ରୀଡା ସଂଗଠନଗୁଡ଼ିକୁ ସ୍ୱୀକୃତି ପ୍ରଦାନ କରିବା ସହ ପରିଚାଳନା, ଆର୍ଥିକ ଏବଂ ନୈତିକ ମାନଦଣ୍ଡର ଅନୁପାଳନ ସୁନିର୍ଶ୍ଚିତ କରିବା ପାଇଁ ଏକ କେନ୍ଦ୍ରୀୟ ପ୍ରାଧିକରଣ ଭାବରେ କାର୍ଯ୍ୟ କରିବ । ଜାତୀୟ କ୍ରୀଡା ପ୍ରଶାସନ (ଜାତୀୟ କ୍ରୀଡା ଟ୍ରିବ୍ୟୁନାଲ୍) ଅଧିନିୟମ, ୨୦୨୬ରେ ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଏବଂ ସଦସ୍ୟଙ୍କ କାର୍ଯ୍ୟକାଳ, ସେମାନଙ୍କ ନିଯୁକ୍ତି ଏବଂ ପୁନଃନିଯୁକ୍ତି ପାଇଁ ପ୍ରକ୍ରିୟା, ଦରମା ଏବଂ ଭତା, ସେବା ସର୍ତ୍ତାବଳୀ ଏବଂ ଟ୍ରିବ୍ୟୁନାଲଙ୍କ କ୍ଷମତା ସଂପର୍କରେ ଉଲ୍ଲେଖ ରହିଛି । ନିୟମଗୁଡ଼ିକରେ ଡିଜିଟାଲ୍ କାର୍ଯ୍ୟାନ୍ୱୟନ ପାଇଁ ପ୍ରଯୁକ୍ତି-ଆଇନଗତ ପଦକ୍ଷେପ ମଧ୍ୟ ଅନ୍ତର୍ଭୁକ୍ତ, ଯେଉଁଥିରେ କେନ୍ଦ୍ର ସରକାରଙ୍କ ଦ୍ୱାରା ବିବାଦ, ନୋଟିସ୍, ଉତର, ଡକ୍ୟୁମେଂଟ ଏବଂ ସ୍ପଷ୍ଟୀକରଣ ଦାଖଲ ପାଇଁ ଏକ ଉତ୍ସର୍ଗୀକୃତ ପୋର୍ଟାଲର ବିଜ୍ଞପ୍ତି, ଏବଂ ଟ୍ରିବ୍ୟୁନାଲ୍‌ରୁ ଯୋଗାଯୋଗ, ଆଦେଶ ପ୍ରକାଶନ, ଭର୍ଚୁଆଲ୍ ଶୁଣାଣି ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ ଏବଂ ଆଦେଶ ସହିତ ସମ୍ପର୍କିତ ରେକର୍ଡ ରକ୍ଷଣାବେକ୍ଷଣ ଅନ୍ତର୍ଭୁକ୍ତ । ଦେଶରେ କ୍ରୀଡ଼ା ସମ୍ପର୍କିତ ବିବାଦ ପାଇଁ ଜାତୀୟ କ୍ରୀଡ଼ା ଟ୍ରିବ୍ୟୁନାଲ୍ ଏକ ଉତ୍ସର୍ଗୀକୃତ ବିଚାରକ ସଂସ୍ଥା ଭାବରେ କାର୍ଯ୍ୟ କରିବ । ଏହାର ଉଦ୍ଦେଶ୍ୟ ହେଉଛି ଦେୱାନୀ ଅଦାଲତ ଉପରେ ନିର୍ଭରଶୀଳତା ହ୍ରାସ କରିବା ଏବଂ କ୍ରୀଡ଼ାର ଶାସନ ଏବଂ ପ୍ରଶାସନ ସହିତ ଜଡିତ ବିବାଦର ସ୍ୱାଧୀନ, ତ୍ୱରିତ, ପ୍ରଭାବଶାଳୀ ଏବଂ କମ ବ୍ୟୟବହୁଳ ସମାଧାନ ସୁନିଶ୍ଚିତ କରିବା । ଟ୍ରିବ୍ୟୁନାଲ୍ ମଧ୍ୟ ମାମଲା ସଂଖ୍ୟା ହ୍ରାସ କରିବ ଏବଂ କ୍ରୀଡ଼ା ବିବାଦର ଦ୍ରୁତ, ସହଜ ଏବଂ ଅଧିକ ସୁଲଭ ସମାଧାନ ପାଇଁ ସିଙ୍ଗଲ-ୱିଣ୍ଡୋ ବ୍ୟବସ୍ଥା ପ୍ରଦାନ କରିବ ବୋଲି ଆଶା କରାଯାଉଛି ।

# ଗୁଜରାଟକୁ ହରାଇ ବେଙ୍ଗାଲୁର ଫାଇନାଲରେ



ଧର୍ମଶାଳା, : ମଙ୍ଗଳବାର ଆଇପିଏଲ ୨୦୨୬ର ପ୍ରଥମ କ୍ୱାଲିଫାୟର ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ଗୁଜରାଟ ଟାଇଟନ୍ସ ମଧ୍ୟରେ ଖେଳା ଯାଉଛି । ଏଞ୍ଜ (ଗୁଜରାଟ ଟାଇଟନ୍ସ) ଧର୍ମଶାଳା ମୈଦାନରେ ଟସ୍ ଜିତି ଆରସିବିକୁ ବ୍ୟାଟ୍ ନିୟନ୍ତ୍ରଣ ଦେଇଥିଲା । ପ୍ରଥମେ ବ୍ୟାଟିଂ କରି ବେଙ୍ଗାଲୁରୁ ୨୫୫ରନର ଟାର୍ଗେଟ ଏକ ଐତିହାସିକ ଟାର୍ଗେଟ୍ ଦେଇଛି । ଆରସିବି ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ୍ ହରାଇ ୨୫୪ ରନ କରିଛି । ଏହି ଆଇପିଏଲ ପ୍ଲେଅଫ୍ ଇତିହାସର ସବୁଠୁ ବଡ଼ ସ୍କୋର । ଅଧିନାୟକ ରଜତ ପାଟିଦାର ଅପରାଜେୟ ୯୩ ରନର ଏକ ଧମାକାଦାର ଇନିଂସ ଖେଳିଛନ୍ତି । ସେ ୩୩ ଟି ବଲରେ ପାଂଚଟି ଚୌକା ଓ ୯ଟି ଛକା ମାରିଛନ୍ତି । ଆରସିବିର ପ୍ରାରମ୍ଭିକ ବ୍ୟାଟିଂ ଭଲ ନଥିଲା । ଭେଙ୍କଟେଶ ଆୟର କିଛି ଭଲ ସଟ୍ ଖେଳିଥିଲେ ମଧ୍ୟ ବଡ଼ ଇନିଂସ ଖେଳି ପାରି ନଥିଲେ । ସେ ୭ଟି ବଲରୁ ୧୯ ରନ୍ କରି ଥିଲେ, ଯେଉଁଥିରେ ତିନୋଟି ଚୌକା ଏବଂ ଗୋଟିଏ ଛକା ଥିଲା । ଦ୍ୱିତୀୟ ଓଭରରେ କାଗିସୋ ରବାଡା ତାଙ୍କୁ ଆଉଟ୍ କରିଥିଲେ । ଭେଙ୍କଟେଶ ବିରାଟ କୋହଲିଙ୍କ ସହ ୨୧ ରନ୍ ର ପାର୍ଟନରସିପ୍ କରିଥିଲେ । ଏହାପରେ, ଦେବଦତ ପାଡିକ୍କଲଙ୍କ ସହ ମିଶି କୋହଲି ଦାୟିତ୍ୱ ସମ୍ଭାଳିଲେ । ଏହି ଯୋଡ଼ି ଦ୍ୱିତୀୟ ୱିକେଟ ପାଇଁ ୭୨ ରନର ପାର୍ଟନରସିପ୍ କରି ଥିଲେ । ଜାସନ ହୋଲ୍ଡର ନବମ ଓଭରରେ କୋହଲି ଏବଂ ପାଡିକ୍କଲଙ୍କ ଉଭୟଙ୍କୁ ପ୍ୟାଭିଲିୟନ ଫେରାଇ ଦେଇଥିଲେ । କୋହଲି ୨୫ଟି ବଲରୁ ୪୩ ରନ ଯୋଡ଼ିଥିଲେ । ଯେଉଁଥିରେ ପାଂଚଟି ଚୌକା ଏବଂ ଗୋଟିଏ ଛକା ଥିଲା, ଅନ୍ୟପଟେ ପାଡିକ୍କଲ ୧୯ଟି ବଲରୁ ୩୦ ରନ ସଂଗ୍ରହ କରି ଥିଲେ । ତାଙ୍କ ବ୍ୟାଟରୁ ପାଂଚଟି ଚୌକା ଆସିଥିଲା । ଅଧିନାୟକ ରଜତ ପଟିଦାର ଏବଂ କୃଣାଲ ପାଣ୍ଡ୍ୟା ଚତୁର୍ଥ ୱିକେଟ ପାଇଁ ୯୫ ରନର ପାର୍ଟନରସିପ୍ କରିଥିଲେ, ଯାହା ଜଉଇକୁ ଏକ ମଜବୁତ ସ୍ଥିତିକୁ ନେଇଥିଲା । ରବାଡା ୧୭ ତମ ଓଭରରେ କୃଣାଲଙ୍କୁ ନିଜ ଜାଲରେ ଫସାଇ ଥିଲେ । ସେ ୨୮ ବଲରୁ ୨୩ ରନର ଇନିଂସ ଖେଳି ଥିଲେ , ଯେଉଁଥିରେ ପାଂଚଟି ଚୌକା ଏବଂ ଦୁଇଟି ଛକା ଥିଲା । ପ୍ରସିଦ୍ଧ କୃଷ୍ଣା ୧୮ତମ ଓଭରରେ ଟିମ୍ ଡେଭିଡ୍( ୫ଟି ବଲରୁ ୪ ରନ)ଙ୍କ ୱିକେଟ୍ ନେଇ ଥିଲେ । ପାଟିଦାର ଜିତେଶ ଶର୍ମାଙ୍କ ସହ ଷଷ୍ଠ ୱିକେଟ ପାଇଁ ୪୦ ରନର ପାର୍ଟନରସିପ୍ କରି ଥିଲେ ।





Printed & Published by Kishore Das, Owner & Editor Nirmalya Mohanty & Printed at Nirmalya Offset Press, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- Laxminarayan Mohanty, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- Nirmalya Mohanty, ସମ୍ପାଦକ- ନିର୍ମାଲ୍ୟ ମହାନ୍ତି